

ଜୁରେଲ୍ ଭାରତର ଏକ ରତ୍ନ

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-243 ◆BHUBANESWAR ◆TUESDAY ◆27 FEBRUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୩ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୭ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦



DSPL-730

ODISHA INDIA'S BEST KEPT SECRET. | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

## କ୍ରିକେଟ୍ ଷ୍ଟାଡିୟମ, କ୍ରିକେଟ୍ ଏକାଡେମୀ ଏବଂ ସ୍ପୋର୍ଟସ କମ୍ପ୍ଲେକ୍ସର ଲୋକାର୍ପଣ

### ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ

ଦ୍ୱାରା

### ୨୭ ଫେବୃଆରୀ, ୨୦୨୪



### କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ

- ଭିଏସ୍ଏସ୍ କ୍ରିକେଟ୍ ଷ୍ଟାଡିୟମ୍, ସମ୍ବଲପୁରର ପୁନଃବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ପୁରୀ, ବ୍ରହ୍ମପୁର ଏବଂ ଯାଜପୁରରେ କ୍ରିକେଟ୍ ଷ୍ଟାଡିୟମ ତଥା ଏକୀକୃତ କ୍ରୀଡ଼ା କମ୍ପ୍ଲେକ୍ସରେ ଅନ୍ୟାନ୍ୟ ସୁବିଧାର ଉଦ୍‌ଘାଟନ
- ଓସିଏ ଦ୍ୱାରା ବିକଶିତ ଓଡ଼ିଶାରେ ୪୨ଟି କ୍ରିକେଟ୍ ଏକାଡେମୀ
- ପୁରୀ ଏବଂ ଝାରସୁଗୁଡ଼ାରେ ମହିଳା କ୍ରିକେଟ୍ ଗ୍ରାଉଣ୍ଡର ଉଦ୍‌ଘାଟନ
- ବରଗଡ଼, ଢେଙ୍କାନାଳ ଓ ଯାଜପୁରରେ ଏକୀକୃତ ସ୍ପୋର୍ଟସ୍ କମ୍ପ୍ଲେକ୍ସ ସହିତ କ୍ରିକେଟ୍ ଗ୍ରାଉଣ୍ଡର, ଆଥଲେଟିକ୍ ଟ୍ରାକ୍ ଓ ସୁଇମିଂ ପୁଲ ଇତ୍ୟାଦିର ଶିଳାନ୍ୟାସ
- ଗଞ୍ଜାମ ଭାରୋତ୍ତୋଳନ ଏକାଡେମୀ ସହ ୨୦୦ ବେଡ଼ ବିଶିଷ୍ଟ ହଷ୍ଟେଲର ଶୁଭ ଉଦ୍‌ଘାଟନ - ଭାରତର ସର୍ବାଧିକ ସୁବିଧା ବିଶିଷ୍ଟ ଭାରୋତ୍ତୋଳନ କେନ୍ଦ୍ର







କ୍ରୀଡ଼ା ଦୃଶ୍ୟପଟର ରୂପାନ୍ତରଣ | କ୍ରୀଡ଼ାବିତ୍‌ଙ୍କ ସଶକ୍ତିକରଣ

OIPR-29001/13/0239/2324

DSPL-730

# ଶୁଭ ଉଦ୍‌ଘାଟନ



ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡ଼ିୟମ, ପୁରୀ



ବ୍ରହ୍ମପୁର ସ୍ପୋର୍ଟସ କମ୍ପ୍ଲେକ୍ସ, ବ୍ରହ୍ମପୁର



କ୍ରୀଡ଼ା କମ୍ପ୍ଲେକ୍ସ
ଯାଜପୁର



ଓସିଏ ର ୪୨ଟି
କ୍ରିକେଟ୍ ଏକାଡେମୀ



ମହିଳା କ୍ରିକେଟ ଏକାଡେମୀ
ପୁରୀ



କ୍ରିକେଟ୍ ଗ୍ରାଉଣ୍ଡ
ଝାରସୁଗୁଡ଼ା



ଭାରୋତ୍ତୋଳନ ଏକାଡେମୀ
ଗଞ୍ଜାମ



ହକି ପ୍ରଶିକ୍ଷଣ କେନ୍ଦ୍ର
ଯାଜପୁର

# ଭିତ୍ତିପ୍ରସ୍ତର ସ୍ଥାପନ



ଭିଏସ୍ଏସ୍ କ୍ରିକେଟ୍ ଷ୍ଟାଡିୟମ, ସମ୍ବଲପୁରର ପୁନଃବିକାଶ



ସ୍ପୋର୍ଟସ କମ୍ପ୍ଲେକ୍ସ, ବରଗଡ଼



ସ୍ପୋର୍ଟସ କମ୍ପ୍ଲେକ୍ସ, ଢେଙ୍କାନାଳ



ସ୍ପୋର୍ଟସ ଏକାଡେମୀ, ଯାଜପୁର

OIPR-29001/13/0240/2324

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-243 ◆BHUBANESWAR ◆TUESDAY ◆27 FEBRUARY 2024 ◆PAGE-18 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୩ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୭ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦

# ଆଜି ୪ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା

■ **ଭୁବନେଶ୍ୱର, ୨୬।୨ (ସମିସ):** ମଙ୍ଗଳବାର ରାଜ୍ୟର ୪ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହିତ ହାଲୁକା ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରିଛି। ଏହି ଜିଲ୍ଲାଗୁଡ଼ିକ ବ୍ୟତୀତ ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଆଦି ଜିଲ୍ଲାର କିଛି ସ୍ଥାନରେ ମଧ୍ୟ ସ୍ୱଳ୍ପ ବର୍ଷା ନେଇ ପାଣିପାଗ କେନ୍ଦ୍ର କହିଛି। ପଶ୍ଚିମାଝଡ଼ ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ତ୍ତମାନ କୋହଲା ପାଗ ସହ କିଛି କିଛି ସ୍ଥାନରେ ବର୍ଷା ହେଉଛି। ଏଥିପାଇଁ ଅନେକ ସ୍ଥାନରେ ତାପମାତ୍ରା ତଳ ମୁହାଁ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ସ୍ଥିତି ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବା କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ଆଶଙ୍କା ରହିଛି।

## ଆଜି ୩ ରାଜ୍ୟର ୧୫ ରାଜ୍ୟସଭା ଆସନରେ ଭୋଟ




■ **ନୂଆଦିଲ୍ଲୀ, ୨୬।୨ (ଏଜେନ୍ସି):** ଖାଲି ପଡ଼ିଥିବା ରାଜ୍ୟସଭାର ମୋଟ ୫୬ ଆସନ ମଧ୍ୟରୁ ୪୧ଟି ଆସନରେ ପ୍ରାର୍ଥୀମାନେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇସାରିଛନ୍ତି। କଂଗ୍ରେସର ସୋନିଆ ଗାନ୍ଧୀଙ୍କ ସମେତ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଏବଂ ଅନ୍ୟ ବହୁ ପ୍ରମୁଖ ନେତା ନିର୍ଦ୍ୱନ୍ଦ୍ୱରେ ରଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ଏବେ ଅବଶିଷ୍ଟ ୧୫ ଆସନ ପାଇଁ ଆସନ୍ତାକାଲି ମତଦାନ କରାଯିବ। ଉତ୍ତରପ୍ରଦେଶ, ହିମାଚଳପ୍ରଦେଶ ଏବଂ କର୍ଣ୍ଣାଟକ ଆଦି ତିନି ରାଜ୍ୟରେ ଏହି ୧୫ ଆସନ ପାଇଁ ନିର୍ବାଚନ ହେବାକୁ ଥିବା ବେଳେ ଉତ୍ତରପ୍ରଦେଶରେ ବିଜେପି ଏବଂ ସମାଜବାଦୀ ପାର୍ଟି ମଧ୍ୟରେ କଡ଼ା ଟକ୍କର ହେବ ବୋଲି କୁହାଯାଉଛି। ପ୍ରକୃତରେ ଉତ୍ତରପ୍ରଦେଶର ୧୦ ଆସନ ପାଇଁ ଏହି ଦୁଇ ଦଳ ନିକଟରେ ଯେତିକି ବିଧାୟକଙ୍କ ସଂଖ୍ୟା ରହିଛି, ତଦ୍ୱାରା ବିଜେପି ୭ ଏବଂ ସମାଜବାଦୀ ପାର୍ଟି ୩ ସାଂସଦଙ୍କୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ରାଜ୍ୟସଭାକୁ ପଠାଇ ପାରିଥାଆନ୍ତେ। ଉତ୍ତରପ୍ରଦେଶ ବିଧାନସଭାର ମୋଟ ବିଧାୟକଙ୍କ ସଂଖ୍ୟା ୪୦୩ ରହିଥିବା ବେଳେ ବିଜେପି ନିକଟରେ ୨୫୨ ଏବଂ ସମାଜବାଦୀ ପାର୍ଟି ବିଧାୟକଙ୍କ ସଂଖ୍ୟା ୧୦୮ ରହିଛି। ହେଲେ ବିଜେପି ପକ୍ଷରୁ ସଞ୍ଜୟ ସେଠଙ୍କୁ ଛିଡା କରାଯାଇଥିବାରୁ ଏହି ଦୁଇ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଇଛି।

## ପରଲୋକରେ ଗଜଲ କିମ୍ବଦନ୍ତୀ ପଙ୍କଜ ଉଦାସ



■ **ମୁମ୍ବାଇ, ୨୬।୨ (ଏଜେନ୍ସି):** ଗଜଲ କିମ୍ବଦନ୍ତୀ ପଙ୍କଜ ଉଦାସଙ୍କ ପରଲୋକ ଘଟିଛି। ମୁମ୍ବାଇର ଏକ ଡାକ୍ତରଖାନାରେ ସୋମବାର ସକାଳ ୧୧ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘ ଦିନ ଧରି ରୋଗଶଯ୍ୟାରେ ଥାଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଗଜଲ ପରିବେଷଣ, ପ୍ଲେବ୍ୟାକ୍ ସିଙ୍ଗର ଓ ମ୍ୟୁଜିକ୍ କମ୍ପୋଜର ଭାବେ ସେ ବହୁବାର ପୁରସ୍କୃତ ହୋଇଛନ୍ତି। ତାଙ୍କର ୫୦ରୁ ଅଧିକ ଆଲବମ୍ ରହିଛି। ୨୦୦୬ରେ ପଙ୍କଜଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଥିଲା। ତାଙ୍କ ଗୀତ ଚିଠି ଆୟୀ ହେଁ, ଚାନ୍ଦି ଜୈସା ରଙ୍ଗ ହେ ତେରା, ସୋନେ ଯୈସେ ବାଲ୍, ୟେ ମେରେ ବତନ କି ଲୋଗୋଁ ଆଜି ବି ଶ୍ରୋତାଙ୍କୁ ବିମୋହିତ କରୁଛି। ୧୯୫୧ ମଇ ୧୭ରେ ଗୁଜରାଟର ଜେଟପୁରରେ ଜନ୍ମିତ ପଙ୍କଜ ଉଦାସ ୧୯୮୨ରେ ଫରିଦା ନାମ୍ନୀ ଜଣେ ମୁସଲିମ କନ୍ୟାଙ୍କୁ ବିବାହ କରିଥିଲେ। ତାଙ୍କର ବର୍ତ୍ତମାନ ନାୟାବ ଓ ରିଭା ନାମରେ ଦୁଇ ଝିଅ ଅଛନ୍ତି। ପଙ୍କଜ ଉଦାସଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସୋନୁ ନିଗମ, ମାଧୁରୀ ଦୀକ୍ଷିତ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

# 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ ଶୁଭାରମ୍ଭ

## ପ୍ରଥମ ଦିନ ୨୮ ୧୧୨ ଛାତ୍ରଛାତ୍ରୀଙ୍କୁ ୨୮ କୋଟି ବୃତ୍ତି ରାଶି



■ **ଭୁବନେଶ୍ୱର/ ସମ୍ବଲପୁର/ଅନୁଗୋଳ, ୨୬।୨ (ସମିସ):** ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲାର ମୋଟ୍ ୫୭ଟି କଲେଜର ୨୮,୧୧୨ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରିଛନ୍ତି। ଏହାସହ ଛାତ୍ରଛାତ୍ରୀଙ୍କ ପାଇଁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ନୂତନ ଭାବରେ 'ନବୀନ ଓଡ଼ିଶା ମ୍ୟାଜିକ୍ କାଡର୍' ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ପ୍ରଥମ ଦିନରେ ସମ୍ବଲପୁର ଜିଲ୍ଲାର ୨୧ଟି କଲେଜରୁ ୧୩୪୨୩ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି। ଅନୁରୂପ ଭାବରେ ଦେବଗଡ଼ର ୧୧ଟି କଲେଜରୁ ୩୪୨୪ ଜଣ ଓ ଅନୁଗୋଳ ଜିଲ୍ଲାର ୨୫ଟି କଲେଜରୁ ୧୧୨୬୫ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି। ଶ୍ରୀ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ପହଞ୍ଚାଇବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ ମଧ୍ୟ କାମନା କରିଛନ୍ତି।

ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ୨୦୨୪-୩୪ ଦଶକ ଯୁବପିଢ଼ିଙ୍କ ଯୁଗ ହେବ। ସେମାନଙ୍କୁ ସଶକ୍ତିକରଣ ଓ ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟ ସରକାର କ୍ଷମତା ପ୍ରଦାନ କରିବେ। ରାଜ୍ୟରେ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତିକରଣ କରିବା ପରି ଆସନ୍ତା ୧୦ ବର୍ଷ ମଧ୍ୟରେ ଯୁବକମାନଙ୍କ ଯୋଗଦାନ, ସଶକ୍ତିକରଣ ଏବଂ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ ହେବ। ସାରା ରାଜ୍ୟରେ କଲେଜ ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏହି ପରିପ୍ରେକ୍ଷୀରେ, ଗତ ବର୍ଷ ଆରମ୍ଭ ହୋଇଥିବା ନୂଆ-ଓ କାର୍ଯ୍ୟକ୍ରମର ବଡ଼ ସଫଳତା ଭାବେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ସେ କହିଛନ୍ତି। ଛାତ୍ରବୃତ୍ତି ପ୍ରଦାନ ଆଦେଶ ପରେପରେ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ▶ପୃଷ୍ଠା-୧୦

## ଦୁଃଖ ହରିଲେ ଦରଦୀ ନବୀନ

### କୃତଜ୍ଞତାର ଲୁହରେ ଛାତ୍ରଛାତ୍ରୀଙ୍କ ଆଖି ଛଳଛଳ

■ **ଭୁବନେଶ୍ୱର, ୨୬।୨ (ସମିସ):** କଲେଜରେ ନାମ ଲେଖା ହୋଇଥିଲା ସିନା; ମାତ୍ର ବାପା ଓ ପରିବାରର ଆର୍ଥିକ ସ୍ଥିତି ପାଠ ପଢ଼ିବା ପାଇଁ ଅନୁକୂଳ ନ ଥିଲା। କଲେଜରେ ଗଡ଼ୁଥିଲା ନାଁ, ମାତ୍ର ଦିନ କଟୁଥିଲା ପରିବାର ପ୍ରତିପୋଷଣ ପାଇଁ ବିଭିନ୍ନ କାମରେ । ଅନେକ ମେଧାବୀ ଛାତ୍ରଛାତ୍ରୀ ନିଜ ପାଠପଢ଼ା ଖର୍ଚ୍ଚ ତୁଲାଇବାକୁ କେଉଁଠି ମଜୁରୀ ଲାଗୁଥିଲେ ତ କେଉଁଠି ଦୋକାନରେ ସେଲ୍ସ ମ୍ୟାନ ଭାବରେ କାମ କରୁଥିଲେ। ଝିଅମାନେ ମଧ୍ୟ ଅନୁରୂପ ସମସ୍ୟାର ସମ୍ମୁଖୀନ ହେଉଥିଲେ। କଲେଜ ଯିବା ନିମନ୍ତେ ସମସ୍ୟା, ପାଠପଢ଼ା ଖର୍ଚ୍ଚ, ହଷ୍ଟେଲ ବା ମେସ୍ ଖର୍ଚ୍ଚର ବୋଝ ତୁଲାଇବାକୁ ବି ସେମାନଙ୍କ ପାଖରେ ଅର୍ଥର ଅଭାବ ଥିଲା। ବାପା ଓ ପରିବାରର ଲୋକମାନେ ସେମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବାକୁ ଅନେକ ସମୟରେ ଜମି ଓ ଗହଣା ବନ୍ଧା ଦେଉଥିଲେ। ଫଳରେ ଅନେକ ଛାତ୍ରଛାତ୍ରୀ କଲେଜରେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିଲେ ଓ କିଛି ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଥିଲେ। ମାତ୍ର ଉଚ୍ଚଶିକ୍ଷା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୃତ୍ତି ବ୍ୟବସ୍ଥା କରିବା ପରେ ବିଭିନ୍ନ ସ୍ଥାନରେ ଭାବବିହ୍ୱଳ ହୋଇଛନ୍ତି ଛାତ୍ରଛାତ୍ରୀ। ସମ୍ବଲପୁର, ଅନୁଗୋଳ ଓ ଦେବଗଡ଼ରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ବୃତ୍ତି ପ୍ରଦାନ କରିବା ସମୟରେ ଅନେକ ଛାତ୍ରଛାତ୍ରୀ ଆନନ୍ଦରେ କାନ୍ଦି ପକାଇଥିବା ଦେଖାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତାର ଲୁହରେ ସେମାନଙ୍କ ଆଖି ଲୋତକାପ୍ଲୁତ ହୋଇ ଯାଇଛି । ଏହି ଅର୍ଥ କେବଳ ସେମାନଙ୍କ ଶିକ୍ଷା ଓ ଭବିଷ୍ୟତ ପାଇଁ ନୁହେଁ, ତାଙ୍କ ପରିବାର ପାଇଁ ବି ବଡ଼ ସାହାଯ୍ୟ ବୋଲି ଅଧିକାଂଶ ଛାତ୍ରଛାତ୍ରୀ ମତବ୍ୟକ୍ତ କରିଛନ୍ତି ।

## ଛାତ୍ରଛାତ୍ରୀଙ୍କୁ ମିଳିବ 'ମ୍ୟାଜିକ୍ କାର୍ଡ'

■ **ସମ୍ବଲପୁର/ ଅନୁଗୋଳ ୨୬।୨ (ସମିସ):** ରାଜ୍ୟର ଛାତ୍ରଛାତ୍ରୀଙ୍କୁ ମିଳିବ 'ନବୀନ ଓଡ଼ିଶା ମ୍ୟାଜିକ୍ କାଡର୍'। ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ। ଯାହା ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ। ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ। ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ। ଏହି କାର୍ଡରେ ଥିବା ପଏଣ୍ଟ ସିଷ୍ଟମରେ ବିଭିନ୍ନ କାର୍ଯ୍ୟକଳାପକୁ ସାମିଲ କରିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କଠାରୁ ସରକାର ମତାମତ ସଂଗ୍ରହ କରିବେ। ସଂପୂର୍ଣ୍ଣ ଟେକ୍ନୋଲୋଜି ଦ୍ୱାରା କାର୍ଡ ପରିଚାଳିତ ହେବ। ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଏହି କାର୍ଡ ଆବେଦନ କିରବା ପାଇଁ ପଞ୍ଜିକରଣ ପୋର୍ଟାଲ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହେବ ଓ ଅଗଷ୍ଟ ୧୫ ଅର୍ଥାତ ସ୍ୱାଧିନତା ଦିବସରେ ଏହାକୁ ବଣ୍ଟନ କରାଯିବ ବୋଲି ଘୋଷଣା କରିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଏହି କାର୍ଡ ଛାତ୍ରଛାତ୍ରୀଙ୍କ ପାଇଁ 'ସମୃଦ୍ଧିର ପାସପୋର୍ଟ' ହେବ। ଛାତ୍ରଛାତ୍ରୀ ପାଇଥିବା କାର୍ଡଗୁଡ଼ିକୁ ସେମାନଙ୍କ ବିଭିନ୍ନ କାର୍ଯ୍ୟକଳାପ ଏବଂ

**ମାର୍ଚ୍ଚ ୫ ତାରିଖରୁ ମ୍ୟାଜିକ କାର୍ଡ ପଞ୍ଜିକରଣ, ଅଗଷ୍ଟ ୧୫ରେ ବଣ୍ଟନ**

**'ସମୃଦ୍ଧିର ପାସପୋର୍ଟ' ହେବ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ'**

ପାରାମିଟର ମାଧ୍ୟମରେ ପାଇଥିବା ପଏଣ୍ଟ ଅନୁଯାୟୀ କାର୍ଡଗୁଡ଼ିକୁ ସ୍ୱର୍ଣ୍ଣ, ରୌପ୍ୟ ଓ ପ୍ଲାଟିନମ୍‌ସ୍ତରରେ ବିଭକ୍ତିକୃତ କରାଯିବ।ଛାତ୍ରଛାତ୍ରୀଙ୍କ ଶ୍ରେଣୀରେ ଉପସ୍ଥାନ, ଅନୁଶାସନ, ଶୈକ୍ଷିକ ପ୍ରଦର୍ଶନ, ଏକ୍ସଟ୍ରା କରିକ୍ୟୁଲାର ଆକ୍ଟିଭିଟି, କ୍ରୀଡ଼ା, ଅନଲାଇନ୍ ପାଠ୍ୟକ୍ରମ, ବ୍ୟକ୍ତିତ୍ୱ ବିକାଶ ପାଠ୍ୟକ୍ରମ ଆଦିରେ ଛାତ୍ରଙ୍କ ଦକ୍ଷତା ନେଇ ଏହି କାର୍ଡ ବଣ୍ଟନ ଓ ନବୀକରଣ କରାଯିବ। ଛାତ୍ରଛାତ୍ରୀମାନେ ଏହି ▶ପୃଷ୍ଠା-୧୦

## ଦୁର୍ଘଟଣାରେ ୩ ମଞ୍ଚ ଅଭିନେତ୍ରୀଙ୍କ ମୃତ୍ୟୁ



ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି ୪ କଳାକାର

■ **କେନ୍ଦ୍ରାପଡ଼ା, ୨୬।୨ (ସମିସ):** ନାଟ୍ୟ ମଞ୍ଚକୁ ଉଠିବା ପୂର୍ବରୁ ଜୀବନ ମଞ୍ଚରୁ ଖସି ପଡ଼ିଲେ। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତର ହଳଦୀଡିହ ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ୩ କଳାକାରଙ୍କ ଜୀବନ ନେଇଛି। ସମସ୍ତ ମୃତକ ମହିଳା। ସେମାନେ ହେଲେ, କଟକ ଜିଲ୍ଲା ବୟାଳିଶ ମୌଜା ସବଳପୁର ଗ୍ରାମର ଶୁକଦେବ ରାଉତଙ୍କ ଝିଅ ରାଜଲକ୍ଷ୍ମୀ ରାଉତ(୨୫), ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ସାହାବାଜପୁର ଗ୍ରାମର ସୁଶାନ୍ତ ପରମାଣିକଙ୍କ ଝିଅ ଜ୍ୟୋତ୍ସ୍ନାରାଣୀ ପରମାଣିକ(୨୦) ଓ ଭଦ୍ରକ ଜିଲ୍ଲା ସବରାଙ୍ଗ ଥାନାର ସାହାଡ଼ା ଗ୍ରାମର ଗୋକୁଳାନନ୍ଦ ଦାସଙ୍କ ଝିଅ ବେବିରାଣୀ ଦାସ (୩୨)। ସେହିପରି ଏହି ଅଘଟଣରେ ୪ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଗାଡ଼ି ଚାଳକଙ୍କୁ ମିଶାଇ ଏହି ୭ ଜଣ ଆଜି ଏକ ବଲେରୋରେ ଯାଉଥିବା ବେଳେ ହଳଦୀଡିହ ଛକ ନିକଟରେ ଥିବା ଏକ ୟୁକାଲିପଟାସ୍ ଗଛରେ ଧକ୍କା ହୋଇଯିବାରୁ ଏହି ଅଘଟଣ ଘଟିଛି। ଏହି ଦୁଃଖଦ ଘଟଣା ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ମିଳିଥିବା ସୂଚନାନୁଯାୟୀ, ଆଗାମୀ ଦିନରେ ହେବାକୁ ଥିବା ଏକ ନାଟକରେ ଅଭିନୟ କରିବା ପାଇଁ କଳାକାରମାନେ ରିହର୍ସାଲ କରି ବଲେରୋରେ ଫେରୁଥିଲେ। ଉଭୟ କଳାକାର ଓ ▶ପୃଷ୍ଠା-୧୦

### ରାଜ୍ୟରେ ବଢ଼ିଲା ମହାବଳଙ୍କ ସଂଖ୍ୟା

## ୩୦ ମହାବଳ, ୮ ଛୁଆ



■ **ଭୁବନେଶ୍ୱର, ୨୬।୨ (ସମିସ):** ରାଜ୍ୟରେ ବଢ଼ିଲା ମହାବଳ ବାଘଙ୍କ ସଂଖ୍ୟା। ରାଜ୍ୟର ବିଭିନ୍ନ ଜଙ୍ଗଲରେ ମୋଟ ୩୦ଟି ମହାବଳ ବାଘ ଥିବା ବେଳେ ୮ଟି ମହାବଳ ବାଘ ଛୁଆ (୧ବର୍ଷରୁ କମ୍) ରହୁଛନ୍ତି। ଏଥିମଧ୍ୟରେ କେବଳ ଶିମିଳିପାଳ ଅଭୟାରଣ୍ୟରେ ୨୭ଟି ମହାବଳ ରହୁଥିବା ବେଳେ ସମସ୍ତ ୮ଟି ବାଘ ଛୁଆ ଏଠାରେ ରହୁଛନ୍ତି। ଏମାନଙ୍କ ମଧ୍ୟରେ ୧୪ଟି ଅଣ୍ଡିରା, ୧୩ଟି ମାଇ ବାଘ ଥିବା ବେଳେ ୩ଟିର ଲିଙ୍ଗ ନିରୂପଣ ହୋଇପାରିନାହିଁ। ଶିମିଳିପାଳରେ ଥିବା ଏହି ୨୭ ମହାବଳ ମଧ୍ୟରେ ୧୩ଟି ବିରଳ କଳାବାଘ ଓ ୧୪ଟି ସାଧାରଣ ମହାବଳ ▶ପୃଷ୍ଠା-୧୦

**୧୩ କଳାବାଘ ସହ ଶିମିଳିପାଳରେ ସର୍ବାଧିକ ୨୭ ମହାବଳ**

**୩୦ବାଘଙ୍କ ମଧ୍ୟରେ ଅଛନ୍ତି ୧୪ ଅଣ୍ଡିରା ୧୩ ମାଇ**

**ଗଣନା ପାଇଁ ୪୭ ବନ ଖଣ୍ଡରେ ଲାଗିଥିଲା ୧୪୩୨ କ୍ୟାମେରା**

## ୨୮ରେ ଓଡ଼ିଶା ଆସୁଛନ୍ତି ବିଲ୍ ଗେଟ୍‌ସ

■ **ଭୁବନେଶ୍ୱର, ୨୬।୨ (ସମିସ):** ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍‌ସ ଆସନ୍ତା ୨୮ରେ ଓଡ଼ିଶା ଆସିବେ। ବିଲ୍ ଗେଟ୍‌ସ ଏହି ଗସ୍ତରେ ଭୁବନେଶ୍ୱରରେ ଥିବା କୃଷି ଭବନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। 'ବିଲ୍ ଆଣ୍ଡ ମେଲିନ୍ଦା ଗେଟ୍‌ସ ଫାଉଣ୍ଡେସନ୍' ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ ସହଯୋଗୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଂଗଠନ ବିଲ୍ ଗେଟ୍‌ସ ଓ ତାଙ୍କ ପୂର୍ବତନ ପତ୍ନୀ ମେଲିନ୍ଦାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି। ▶ପୃଷ୍ଠା-୧୦

**'ବିଲ୍ ଆଣ୍ଡ ମେଲିନ୍ଦା ଗେଟ୍‌ସ ଫାଉଣ୍ଡେସନ୍' କାର୍ଯ୍ୟର କରିବେ ସମୀକ୍ଷା**

**କୃଷି ସମୀକ୍ଷା କେନ୍ଦ୍ର ପରିଚାଳନାରେ ବୈଷୟିକ ସହାୟତା ଦେଉଛି ସଂସ୍ଥା**



## ଲୋକକଥା



ଧନୀ ଗରିବରେ ତାରତମ୍ୟ ଏତେ
ସର୍ଭେ ରିପୋର୍ଟ ଯା' କହୁଚି,
ଗରିବ ବିଚରା ଗୁଜୁରାଣ ପାଇଁ
କେତେ ହରକତ ହଉଚି !
ଧନୀର କି ଅବା ଯାଉଚି,
ଗଣତାନ୍ତ୍ରିକ ସାମ୍ୟବାଦର
ଧଜିଆ କେମିତି ଉଡୁଚି !!

### ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଜିଲ୍ଲା ସାମିଲ

## ୬୭ 'ଆମ ହସ୍ପିଟାଲ' ଲୋକାର୍ପିତ



■ **ଭୁବନେଶ୍ୱର, ୨୬।୨ (ସମିସ):** ପ୍ରତିଟି ଜୀବନ ମୂଲ୍ୟବାନ ନୀତି ଆଧାରରେ ରାଜ୍ୟ ସରକାର ନିଜର ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ସଞ୍ଚାଳିତ କରି ଆସୁଛନ୍ତି। ବିନା ମୂଲ୍ୟରେ ସାଧାରଣ ଲୋକେ ଯେପରି ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରମାଗତ ପଦକ୍ଷେପ ନେଇ ଆସୁଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ସୋମବାର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୧୫ଟି ଜିଲ୍ଲାରେ ୬୭ଟି 'ଆମ ହସ୍ପିଟାଲ' ଲୋକାର୍ପଣ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ଡାଏଲିସିସ୍ ସେଣ୍ଟର, ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଓ ଝାରସୁଗୁଡ଼ାରେ ବିଏମ୍‌ଆରସି କାର୍ଡିଆକ୍ କେୟାର ହସ୍ପିଟାଲ ଉଦ୍‌ଘାଟନ କରିବା ସହ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଉପ-ଜିଲ୍ଲା ଡାକ୍ତରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଆମ ହସ୍ପିଟାଲ'ରେ ରୋଗୀଙ୍କୁ ଉନ୍ନତ ଚିକିତ୍ସା ସୁବିଧା ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ 'ଆମ ହସ୍ପିଟାଲ'ଗୁଡ଼ିକ ଏକ ନୂଆ ଯୁଗ ▶ପୃଷ୍ଠା-୧୦

**ସରକାରୀ ସ୍ତରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ବିରାଟ ପରିବର୍ତ୍ତନ ଆଣିବ: ମୁଖ୍ୟମନ୍ତ୍ରୀ**

- ଦୁଇ ପର୍ଯ୍ୟାୟରେ ୧୪୦ ଆମ ହସ୍ପିଟାଲ, ୭୦୦କୋଟି ଖର୍ଚ୍ଚ
- ୫ ବର୍ଷରେ ୧୮୫୮ଟି ଡାକ୍ତରଖାନା ହେବ 'ଆମ ହସ୍ପିଟାଲ'
- ବେଗୁନିଆ ଉପ-ଜିଲ୍ଲା ଡାକ୍ତରଖାନାର ଭିତ୍ତିପ୍ରସ୍ତର ସ୍ଥାପିତ
- '୫-ଟି' ଅଧ୍ୟକ୍ଷଙ୍କୁ ମିଳିଥିବା ପ୍ରସ୍ତାବ ଭିତ୍ତିରେ କାର୍ଯ୍ୟାନ୍ୱୟନ
- ନିଜ ସଂପତ୍ତି ଭଳି ରକ୍ଷଣାବେକ୍ଷଣ କରନ୍ତୁ: '୫-ଟି' ଅଧ୍ୟକ୍ଷ

SIKSHA 'O' ANUSANDHAN
SAAT-2024
Empowering students for a brighter future
B.TECH PROGRAMMES IN COMPUTER SCIENCE
- Computer Science & Engineering (Artificial Intelligence & Machine Learning)
- Computer Science & Engineering (Cyber Security)
- Computer Science & Engineering (Data Science)
- Computer Science & Engineering (Internet of Things)
- Computer Science & Engineering
- Computer Science & Information Technology

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category
- 27th Best in Engineering Category

To apply for admission through SAAT, Please visit: www.soa.ac.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-243 ♦BHUBANESWAR ♦TUESDAY ♦27 FEBRUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦


### ଜନବିରୋଧୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଆପଣେଇ ହରଡ଼ଘଣାରେ ରାଜ୍ୟ ବିଜେପି

# ବ୍ରହ୍ମପୁର ମହାନଗର ନିଗମର ୪ ବିଜେପି କର୍ପୋରେଟର ବିଜେଡିରେ ସାମିଲ



**ଭୁବନେଶ୍ୱର,୨୬ ।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଏବଂ ସୁଶାସନରେ ଅନୁପ୍ରାଣିତ ହୋଇ ବିଭିନ୍ନ କ୍ଷେତ୍ରର ବହୁ ବ୍ୟକ୍ତିବିଶେଷ ବିଜୁ ଜନତା ଦଳରେ ଯୋଗ ଦେଉଛନ୍ତି। ଏହିକ୍ରମରେ ବ୍ରହ୍ମପୁର ମହାନଗର ନିଗମର ୪ ବିଜେପି କର୍ପୋରେଟର ଆଜି ଶଙ୍ଖଭବନଠାରେ ବିଜେଡିରେ ଯୋଗ ଦେଇଛନ୍ତି। ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀର ବିଜେଡ଼ି ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ସାଂସଦ ଡକ୍ଟର ସସ୍ମିତ ପାତ୍ର, ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଉପସ୍ଥିତିରେ ସେମାନେ ଦଳରେ ଯୋଗ ଦେଇଛନ୍ତି। ସାମିଲ୍ ହୋଇଥିବା ୪ ବିଜେପି କର୍ପୋରେଟରଙ୍କୁ ଶ୍ରୀ ମଙ୍ଗରାଜ ଓ ଡଃ ପାତ୍ର ଦଳକୁ ସ୍ୱାଗତ କରିଛନ୍ତି। ଏହି କର୍ପୋରେଟରଙ୍କ ଯୋଗଦାନ ଫଳରେ ବ୍ରହ୍ମପୁର ମହାନଗର ନିଗମ ଓ ଗଞ୍ଜାମ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀ ମଙ୍ଗରାଜ ଓ ଡଃ ପାତ୍ର କହିଛନ୍ତି।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପିର ୪ କର୍ପୋରେଟର ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଦୀର୍ଘବର୍ଷ ହେଲା ଆମେ ବିଜେପି ଦଳ ପାଇଁ ଦିନରାତି କଠିନ ପରିଶ୍ରମ କରି ଆସୁଥିଲୁ। ମାତ୍ର ଯେଉଁ ଦଳ ପାଇଁ ବହୁ କଷ୍ଟ କରିଥିଲୁ ସେ ଦଳ ଆମକୁ ଅଣଦେଖା କଲା। ଗଞ୍ଜାମ ଜିଲ୍ଲାର

## ପ୍ରଦୀପଙ୍କୁ ନେଇ ଗଞ୍ଜାମ ବିଜେପିରେ ବଢୁଛି ଅସନ୍ତୋଷ

ବହୁ ଗରିବ ଯୁବକ ଓ ଯୁବତୀଙ୍କଠାରୁ ଚାକିରି ନାଁରେ ଠକେଇ କରି ଗୋପାଳପୁର ବିଧାୟକ ଜେଲ୍ ଯାଇଥିଲେ। ଏପରି ଜନବିରୋଧୀ ନେତାଙ୍କୁ ବିଜେଡି ବହିଷ୍କାର କଲା ପରେ ବେସାହାରା ପ୍ରଦୀପଙ୍କୁ ବିଜେପି କୋଳେଇ ନେଇଛି। ଏହାକୁ ଆମେ ବିରୋଧ କରି ବିଜେପିରୁ ବାହାରିଯିବା ପାଇଁ ନିଷ୍ପତ୍ତି ନେଲୁ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ନୀତି ଆଦର୍ଶ ଓ ନୂଆ ଓଡ଼ିଶା ଗଠନ ଦିଗରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଏହି ମିଶ୍ରଣ ପର୍ବରେ ବ୍ରହ୍ମପୁର ମହାନଗର ନିଗମ ୨୦ନଂ ୱାର୍ଡ କର୍ପୋରେଟର ରଞ୍ଜିତା ବେହେରା, ୨୧ନଂ ୱାର୍ଡ କର୍ପୋରେଟର ଡି. କରୁଣାକର, ୨୨ନଂ ୱାର୍ଡ କର୍ପୋରେଟର ପ୍ରଦୀପ କୁମାର ଶତପଥୀ ଓ ୨୭ନଂ ୱାର୍ଡ କର୍ପୋରେଟର ନୀଳକଣ୍ଠ ସାହୁ ବିଜେଡିରେ ସାମିଲ୍ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବରୁ ଦଳରେ ଯୋଗ ଦେଇଥିବା ସ୍ୱାଧୀନ କର୍ପୋରେଟର ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ନୃସିଂହ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।


DSPL-727

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର

ପ୍ରଥମ ସମାବର୍ତ୍ତନ ଉତ୍ସବ

ମଙ୍ଗଳବାର ଫେବୃଆରୀ ୨୭ ତାରିଖ, ୨୦୨୪
ସକାଳ ୧୧.୦୦ ସମୟରେ
ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।

ଓଡ଼ିଶାର ମହାମହିମ ରାଜ୍ୟପାଳ
ଶ୍ରୀ ରଘୁବର ଦାସ
ଅଧ୍ୟକ୍ଷତା କରିବେ।

ମୁଖ୍ୟ ଅତିଥି
ଡ଼ଃ ବିନୟ କୁମାର ଦାସ
D.S. ଏବଂ ମହାନିର୍ଦ୍ଦେଶକ, ECS, DRDO, ବେଙ୍ଗାଲୁରୁ

ସମ୍ମାନୀତ ଅତିଥି
ଶ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ମାନ୍ୟବର ରାଜ୍ୟ ମନ୍ତ୍ରୀ,
ଗ୍ରାମୀଣ ବିକାଶ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା

ଶ୍ରୀମତୀ ଉଷା ପାଢୀ, IAS, ପ୍ରମୁଖ ଶାସନ ସଚିବ,
ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ
ଏବଂ ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର

/outruniversity /outruniversity /outruniversity /outruniversity
Ghatikia, Kalinga Nagar, Bhubaneswar- 751003 Odisha, India www.outr.ac.in

OIPR-16005/13/0096/2324



DSPL-726

CHIEF MINISTER'S
SKILL DEVELOPMENT
FELLOWSHIP PROGRAM
Odisha

A first of its kind initiative to strengthen Decentralised Skilling in Odisha



Applications open for 2 year* paid fellowship programme for passionate individuals to contribute to the transformative journey of Skilled-In-Odisha at District level and gain grassroot insights.

If you are,
- An Indian Citizen aged between 21-30 years.
- Graduate in any stream (with atleast 50% min marks) with atleast 3 years of work experience
- Motivated and passionate to gain experience in skilling.

To know more and apply, please visit.
https://nua.skillodisha.gov.in/cmskillfellowship.php

Applications Open till
12.03.2024

Partners
TATA STRIVE Right Skills Bright Future
ISB

Skill Development & Technical Education Department, Government of Odisha

*conditions apply

OIPR-44011/13/0035/2324

# ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ଯବାନ ସହିଦ

■ **ମାଲକାନଗିରି, ୨୬।୨ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ଦ୍ୱାରା ଆଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ସହିଦ ହୋଇଛନ୍ତି। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ମିରତୁର ଥାନା ଅନ୍ତର୍ଗତ ବେଚପାଲ ନାଲ ନିକଟରେ ମାଓ ଦମନ ସର୍ଚ୍ଚ ଅପରେସେନ ପାଇଁ ସିଏଏଫର ଯବାନମାନେ ସର୍ଚ୍ଚ ଅପରେସନ କରି ଫେରୁଥିବା ବେଳେ ହଠାତ୍ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ଖଞ୍ଜା ଯାଇଥିବା ଏକ ଆଇଡି ବୋମା ବିସ୍ଫୋରଣ ଘଟିଥିଲା। ଯେଉଁଥିରେ ସିଏଏଫର ଯବାନ ରାମ ଆଶିଷ ଯାଦବ ଘଟଣାସ୍ଥଳରେ ହିଁ ସହିଦ ହୋଇଥିଲେ। ଏହାପରେ ଅନ୍ୟ ସାଥୀ ଯବାନଙ୍କ ଦ୍ୱାରା ତାଙ୍କ ମରଶରୀର ଉଦ୍ଧାର କରାଯାଇଥିବା ବେଳେ ଅଧିକ ଯବାନ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଥିବା ନେଇ ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-243 ♦BHUBANESWAR ♦TUESDAY ♦27 FEBRUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦



DSPL-728











ମିଶନ ଶକ୍ତି | MISSION Shakti BAZAAR

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା...**

**ଶୁଭାରମ୍ଭ**

- **0% ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ**
- **୧୪୫ କୋଟି ଟଙ୍କାର ସୁଧ ଫେରସ୍ତ**
- **୭୩୦ କୋଟି ଟଙ୍କାର ୟୁନିଫର୍ମ ଓ ବ୍ଲେଜର ସହାୟତା**



**ଶୁଭ ଉଦ୍‌ଘାଟନ**

## ମିଶନ ଶକ୍ତି ବଜାର

ଭୁବନେଶ୍ୱର | ୨୭ ଫେବୃଆରୀ ୨୦୨୪

**ସଶକ୍ତ ମହିଳା | ସଶକ୍ତ ଓଡ଼ିଶା**




**ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର**

OIPR-48001/13/0011/2324

# ପୌର ପ୍ରଶାସନରେ ୮୯ ଜଣଙ୍କୁ ନୂଆ ନିଯୁକ୍ତି

**ଭୁବନେଶ୍ୱର, ୨୬।୨ (ସମିସ):** ରାଜ୍ୟ ପୌର ପ୍ରଶାସନରେ ୮୯ଜଣଙ୍କୁ ନିଯୁକ୍ତି ଦିଆଯାଇଛି। '୫-ଟି' ଅଧୀନରେ ଦକ୍ଷତା, ସ୍ୱଚ୍ଛତା ଏବଂ ଗୋଷ୍ଠୀ ଯୋଗଦାନକୁ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଦକ୍ଷତା ବୃଦ୍ଧି ପାଇଁ ଏହି ୮୯ଜଣ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରେ ୬୧ଜଣ ଅମିନ ଓ ୨୮ଜଣ ଅଡିଟର୍ ଅଛନ୍ତି। ବିଭିନ୍ନ ପୃଷ୍ଠଭୂମିରୁ ଆସିଥିବା ଯୁବକଯୁବତୀମାନଙ୍କୁ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନିଯୁକ୍ତି ପର୍ବରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଉଷା ଦେବୀ ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟରେ ସହରାଞ୍ଚଳ ରୂପାନ୍ତରୀକରଣ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ ସୂଚନା ପ୍ରଦାନ କରିଥିବା ବେଳେ ନବନିଯୁକ୍ତ ଅଧିକାରୀଙ୍କୁ ଦକ୍ଷତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ନବନିଯୁକ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଲୋକସେବାକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଓ କାରିଗରୀ କୌଶଳ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ପ୍ରମୁଖ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସମ୍ପର୍କରେ ନବନିଯୁକ୍ତ ଯୁବକଯୁବତୀଙ୍କୁ ଉପଦେଶ ଦେଇଥିଲେ।

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-243 ♦BHUBANESWAR ♦TUESDAY ♦27 FEBRUARY 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୩ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୭ ଫେବୃଆରୀ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦






# ଛାତ୍ରଛାତ୍ରୀ ହେବେ ନୂଆ ଓଡ଼ିଶାର ବାର୍ତ୍ତାବହ

**ଭୁବନେଶ୍ୱର, ୨୬।୨ (ସମିସ):** ଛାତ୍ରଛାତ୍ରୀ ହେଉଛନ୍ତି 'ନୂଆ ଓଡ଼ିଶା, ନବୀନ ଓଡ଼ିଶା'ର ବାର୍ତ୍ତାବହ। ଏକ ସଶକ୍ତ, ପାରଙ୍ଗମ ଏବଂ ଦକ୍ଷ ଯୁବ ସମାଜ ହିଁ ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବାର ଦକ୍ଷତା ରଖିଥାନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିରନ୍ତର ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାପକ ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଆସିଛନ୍ତି। ଅତି ଗରିବରୁ ଗରିବ ପିଲାଟିଏ ଯେପରି ନିଜର ସ୍ୱପ୍ନ ହାସଲ ଦିଗରେ ଯେପରି




ବାଧାବିଘ୍ନର ସମ୍ମୁଖୀନ ନ ହେବ, ତାହା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରୁଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ପାଇଁ 'ନୂଆ-ଓ' ଛାତ୍ରବୃତ୍ତି ଆରମ୍ଭ କରିଥିବା ବେଳେ ଆଜିଠାରୁ ଛାତ୍ରବୃତ୍ତି ପ୍ରଦାନ ପ୍ରକ୍ରିୟା ବିଧିବଦ୍ଧ ଆରମ୍ଭ ହୋଇଛି। ଯାହାକୁ ନେଇ ରାଜ୍ୟବ୍ୟାପୀ କଲେଜ ପଢୁଆ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଖାଦେଇଛି ଅଫୁରନ୍ତ ଉତ୍ସାହ। ପାଠ ପଢ଼ା ପାଇଁ ଆର୍ଥିକ ସମସ୍ୟା ଉଭୟ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟୁଥିବା ବେଳେ ନବୀନଙ୍କ ଏହି ଯୁଗାନ୍ତକାରୀ ନିଷ୍ପତ୍ତି ଏକ ସଶକ୍ତ ଯୁବ ସମାଜ ଗଠନ କରିବାରେ ବଡ଼ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି। ଓଡ଼ିଶାର ପ୍ରତିଟି ପିଲା ପାଠ ପଢ଼ିବେ, ନିଜ ପରିବାର ପାଇଁ, ସମାଜ ପାଇଁ, ରାଜ୍ୟ ପାଇଁ ସୁନାମ ଆଣିବେ। ଏକ ନୂଆ, ସଶକ୍ତ ଏବଂ ନବୀନ ଓଡ଼ିଶା ଗଠନର ପ୍ରମୁଖ ସାରଥୀ ସାଜିବେ। ପିଲାଙ୍କୁ କଲେଜରେ ପାଠ ପଢ଼ାଇବାକୁ କୌଣସି ଅଭିଭାବକଙ୍କୁ ଆଉ ଜମି ବନ୍ଧା ପକାଇବାକୁ ପଡ଼ିବ ନାହିଁ। ଏପରି ପରିକଳ୍ପନାକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ କରିଥିବା ବେଳେ ଏହା ରାଜ୍ୟର କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ଶିକ୍ଷା ଗ୍ରହଣ ବ୍ୟବସ୍ଥାକୁ ଏକ ନୂଆ ଉଚ୍ଚତା ଦେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ମଧ୍ୟବିତ୍ତ ପରିବାର ପାଇଁ ଏପରି ବୃତ୍ତି ଖୁବ୍ ଆଶ୍ୱାସନା ଆଣିଦେଇଥିବା ବେଳେ ଉପକୃତ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ନୂଆ-ଓ ଛାତ୍ରବୃତ୍ତି ଯୋଜନାରେ ରାଜ୍ୟର ସ୍ନାତକ ଶ୍ରେଣୀର ୪.୫ ଲକ୍ଷ ଛାତ୍ରଛାତ୍ରୀ ଓ ସ୍ନାତକୋତ୍ତର ଶ୍ରେଣୀର ୩୨ ହଜାର ଛାତ୍ରଛାତ୍ରୀ ଉପକୃତ ହେବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶାର ସ୍ୱପ୍ନକୁ ବାସ୍ତବ ରୂପାୟନ ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ କରିଛନ୍ତି।



ଗରିବ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଗଠନରେ 'ନୂଆ-ଓ' ବୃତ୍ତି ଟଙ୍କା ବେଶ ସହାୟକ ହୋଇପାରିବ। ଉଚ୍ଚଶିକ୍ଷା ପାଇଁ ଫି', କୋଚିଂ ଅବା ବହି ପତ୍ର କିଣି ପାଠ ପଢ଼ିପାରିବେ। ଏକଦା କୋଭିଡ ସମୟରେ ପିଲାମାନେ ପାଠ ପଢ଼ିବାରେ ବହୁତ ଅସୁବିଧା ପାଇଥିଲେ। ଆର୍ଥିକ ଅନଗ୍ରସର ପିଲାମାନେ ପଢ଼ିବା ପାଇଁ ବହୁ ସଂଗ୍ରାମ କରିଛନ୍ତି। ସରକାରଙ୍କ ଏଭଳି ସହାୟତା ପିଲାଙ୍କୁ ଆଗକୁ ବଢ଼ିବାକୁ ନିଶ୍ଚିତ ପ୍ରେରଣା ଦେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ।

**କୁମାର ସତ୍ୟମଦର୍ଶୀ (ସ୍ନାତକୋତ୍ତର ଛାତ୍ର)**
**ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ**



ଛାତ୍ର ବୃତ୍ତି ପିଲାଙ୍କ ପାଇଁ ବେଶ ସହାୟକ ହୋଇଛି। ଶିକ୍ଷାବର୍ଷ ସରିବାକୁ ଯାଉଛି। ଉଚ୍ଚ ଶିକ୍ଷା ଅବା କୋଚିଂ ପାଇଁ ପ୍ରସ୍ତୁତ ହେବାକୁ ପିଲାମାନେ ଏହି ବୃତ୍ତି ଟଙ୍କା ବିନିଯୋଗ କରିପାରିବେ। ଯାହାଦ୍ୱାରା ଜୀବନ ଜୀବିକା ନିର୍ଦ୍ଧାରଣ କରିବେ। ସରକାରଙ୍କୁ ବହୁତ ବହୁତ ଧନ୍ୟବାଦ।

**ସଙ୍ଗୀତା ପ୍ରଧାନ (ସ୍ନାତକୋତ୍ତର ଛାତ୍ରୀ)**
**ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ**



ଓଡ଼ିଶା ସରକାର ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ପ୍ଲାଟଫର୍ମ ଦେଇଛନ୍ତି। ଆଜି ଯୁବ ସମାଜ ତଥା କଲେଜ ପଢୁଆ ଗରିବ ଛାତ୍ର ଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି। ଯାହାଦ୍ୱାରା ସେମାନେ ପାଠ୍ୟକ୍ରମ ସମ୍ବନ୍ଧରେ ଏହି ବୃତ୍ତି ସହାୟତା କରିବ।

**ଲିପ୍ସାରାଣୀ ପାଢ଼ୀ (ଯୁକ୍ତ ୩ ଛାତ୍ରୀ)**
**ଅନୁଗୋଳ ସରକାରୀ ସ୍ୱାୟଂଶାସିତ ମହାବିଦ୍ୟାଳୟ**



ଛାତ୍ରବୃତ୍ତି ପାଇ ମୁଁ ବହୁତ ଖୁସୀ। ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଉଛି। ମିଳିଥିବା ଟଙ୍କାରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ଦେଇପାରିବି। କଲେଜ ଫି' ମଧ୍ୟ ଦେଇହେବ। ପରିବାର ଲୋକଙ୍କୁ ଆଉ ମୋ ଫି' ପାଇଁ ଚିନ୍ତା କରିବାକୁ ପଡ଼ିବ ନାହିଁ। ଏହି ଛାତ୍ରବୃତ୍ତି ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ପିଲାମାନଙ୍କୁ ବିଶେଷ ଭାବେ ସହାୟକ ହେବ।

**- ଅମିତ କୁମାର ସିଂ, ଯୁକ୍ତ ୩ ଶେଷ ବର୍ଷ,**
**ହୀରାକୁଦ କଲେଜ**



ପୂର୍ବରୁ ଛାତ୍ରବୃତ୍ତି ପାଇଁ ଏକ ନିର୍ଦ୍ଦିଷ୍ଟ ବର୍ଗ ରହୁଥିଲା। ଏବେ ସାଧାରଣବର୍ଗଙ୍କ ପାଇଁ ସରକାରୀ ଛାତ୍ରବୃତ୍ତି ମିଳୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ଭେଦଭାବ ସବୁ ଦୂର ହୋଇ ସବୁବର୍ଗର ଛାତ୍ରଛାତ୍ରୀ ବୃତ୍ତି ପାଇବା ପାଇଁ ଯୋଗ୍ୟ ହୋଇଥିବାରୁ ମୁଁ ବହୁତ ଖୁସି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଶେଷ କୃତଜ୍ଞତା ଜଣାଉଛି। ଏହି ବୃତ୍ତି ମୋର ପାଠପଢ଼ାରେ ସାହାଯ୍ୟ କରିବ।

**- ଜୟଶ୍ରୀ ପ୍ରଧାନ, ଯୁକ୍ତ ୩ ଦ୍ୱିତୀୟ ବର୍ଷ,**
**ଭୀମଭୋଇ କଲେଜ**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର କୌଣସି ଛାତ୍ରଛାତ୍ରୀ ଅର୍ଥ ଅଭାବରୁ ଯେଭଳି ଉଚ୍ଚ ଶିକ୍ଷାରୁ ବଞ୍ଚିତ ନ ହେବେ ସେ ନେଇ ଛାତ୍ରବୃତ୍ତି ପ୍ରଦାନ ପାଇଁ ଗତ୨୩ ତାରିଖରେ ଘୋଷଣା କରି ୨୬ ତାରିଖ ବେଳକୁ ଛାତ୍ର ବୃତ୍ତି ଟଙ୍କା ପ୍ରଦାନ କଲେ ସତରେ ଅବିଶ୍ୱସନୀୟ। ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନଙ୍କ ଠାରୁ ଆଜି ଛାତ୍ରବୃତ୍ତି ସାର୍ଟିଫିକେଟ ଗ୍ରହଣ କରିବା କିଛି ମିନିଟ ମଧ୍ୟରେ ମୋ ବ୍ୟାଙ୍କ ଆକାଉଣ୍ଟରେ ୧୦ ହଜାର ଟଙ୍କା ଆସିବା ଦେଖି ଭାବ ଭାବବିହ୍ୱଳ ହୋଇ ପଡ଼ିଥିଲି। ପଦାର୍ଥବିଜ୍ଞାନ ଅନର୍ସ ଛାତ୍ରୀ ଭାବେ ଏହି ଛାତ୍ର ବୃତ୍ତି ଅର୍ଥରେ ମୁଁ ମୋ ରି ଆଡ଼ମିସନ ସହ କିଛି ବହି କିଣିବି।

**-ପ୍ରିୟଦର୍ଶିନୀ କର, ଦେବଗଡ଼ ସ୍ନାତକ ମହାବିଦ୍ୟାଳୟ**



'ନୂଆ ଓ' ଯୋଜନାରେ ଛାତ୍ର ବୃତ୍ତି ପାଇ ମୁଁ ବହୁତ ଖୁସି। ମୋ ପାସବୁକରେ ୧୦ ହଜାର ଟଙ୍କା ଜମା ହେବା ବ୍ୟାଙ୍କ ମେସେଜ ପାଇ ମୁଁ ପ୍ରଥମେ ବିଶ୍ୱାସ କରି ପାରି ନ ଥିଲି। ଏହି ଟଙ୍କାରେ ରି ଆଡ଼ମିଶନ କରିବା ସହ କିଛି ଗାଇଡ଼ ବୁକ କିଣିବି। ଛାତ୍ର ବୃତ୍ତି ପାଇଥିବାରୁ କଲେଜ ପାଇଁ ଘରୁ ଆଣୁଥିବା ଟଙ୍କା ଏ ବର୍ଷ ଆଉ ଆଣିବାକୁ ପଡ଼ିବ ନାହିଁ। ଏହି 'ନୂଆ ଓ' ଛାତ୍ରବୃତ୍ତି କେବଳ ଛାତ୍ରଛାତ୍ରୀଙ୍କୁ ସହାୟକ ହେଲା ତାହା ନୁହଁ, ଏହା ଯୋଗୁଁ ବହୁ ଅଭିଭାବକଙ୍କ ମୁଣ୍ଡରୁ ମଧ୍ୟ ପଢ଼ା ଖର୍ଚ୍ଚ ବୋଝ କମିଛି।

**ସୋନାଲି ସାହୁ, ଛାତ୍ରୀ, ଦେବଗଡ଼ ମହିଳା ସ୍ନାତକ ମହାବିଦ୍ୟାଳୟ**




# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-243 ◆BHUBANESWAR ◆TUESDAY ◆27 FEBRUARY 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୩ ◆ଭୁବନେଶ୍ୱର ◆ମଙ୍ଗଳବାର ◆୨୭ ଫେବୃଆରୀ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦


## ପାଣିରେ ବୁଡ଼ି ଭାଇ-ଭଉଣୀ ମୃତ

**ଡେଲାଙ୍ଗ, ୨୬।୨ (ସମିସ):** ଗାଧୋଇବା ବେଳେ ପୋଖରୀରେ ବୁଡ଼ି ଭାଇ-ଭଉଣୀ ମୃତ। ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅଧୀନ ହୁମର ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଶିଶୁଦ୍ୱୟ ହେଲେ, ଗ୍ରାମର ଶଙ୍କର ରାଉତଙ୍କ ବଡ଼ପୁଅ ଶୁଭେନ୍ଦୁ କୁମାର ରାଉତ(୯) ଓ ସାନ ଝିଅ ଶୁଭଲକ୍ଷ୍ମୀ ରାଉତ(୭)। ଦୁହେଁ ଘର ପଛପଟ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ସୂଚନାନୁଯାୟୀ, ଆଜି ପୂର୍ବାହ୍ନରେ ଭାଇ-ଭଉଣୀ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁହେଁ ଘରକୁ ନ ଫେରିବାରୁ ପରିବାରଲୋକ ସେମାନଙ୍କୁ ବହୁ ଖୋଜାଖୋଜି କରିଥିଲେ। ହୁଡ଼ାରେ ସେମାନଙ୍କ ପୋଷାକ ପଡ଼ିଥିବା ଦେଖି ପୋଖରୀ ଭିତରେ ଖୋଜାଖୋଜି କରିବାରୁ ଦୁହିଁଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ଲାଗି ଶବଦ୍ୱୟକୁ ପୁରୀ ପଠାଇଛି। ଖବର ପାଇ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ବ୍ଲକ ବିଜେଡି ସଭାପତି ବୈରାଗୀ ଜେନା, ବୋଲକଣା ରାଜସ୍ୱ ନିରୀକ୍ଷକ ବିଭୁପ୍ରସାଦ ପାତ୍ର ପ୍ରମୁଖ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଖରେ ପହଞ୍ଚି ସମବେଦନା ଜଣାଇବା ସହିତ ଖୁବ୍‌ଶୀଘ୍ର ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।







## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ତାଗିଦ୍

# ସରକାର ନ କଲେ ଆମେ କରିବୁ

■ କୋଷ୍ଟଗାର୍ଡରେ ମହିଳାଙ୍କ ସ୍ଥାୟୀ କମିସନ ନିଯୁକ୍ତି ମାମଲା

ନୂଆଦିଲ୍ଲୀ,୨୬।୨(ଏଜେନ୍ସି)

ଭାରତୀୟ ତଟରକ୍ଷୀ ବାହିନୀ(ଇଣ୍ଡିଆନ୍ କୋଷ୍ଟ ଗାର୍ଡ)ରେ ମହିଳାଙ୍କୁ ସ୍ଥାୟୀ କମିସନ ଅଫିସର ଭାବେ ନିଯୁକ୍ତି ଦେବାକୁ ନେଇ ପୁଣି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ।କୋଷ୍ଟ ଗାର୍ଡରେ ସ୍ଥାୟୀ କମିସନ ଅଫିସର ଭାବେ ନିଯୁକ୍ତି ପାଇବାକୁ ଯେଉଁ ମହିଳା ଅଧିକାରୀମାନଙ୍କ ଯୋଗ୍ୟତା ରହିଛି ସେମାନଙ୍କୁ ଏହି ସୁବିଧା ଦେବା ନେଇ କେନ୍ଦ୍ର ସରକାର ଉଚିତ ପଦକ୍ଷେପ ନେଉ ନାହାନ୍ତି। କିନ୍ତୁ ଏହା କରାଯିବା ଉଚିତ ନୁହେଁ। ଯଦି ସରକାର ଏହାକୁ କରିବେ ନାହିଁ ତେବେ ଆମେ ଏହାକୁ କରି ଦେଖାଇବାକୁ ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ କେନ୍ଦ୍ର ସରକାରଙ୍କ ଭର୍ତ୍ସନା କରି କହିଛନ୍ତି। କୋଷ୍ଟ ଗାର୍ଡରେ କାର୍ଯ୍ୟ କରୁଥିବା ଏବଂ ସ୍ଥାୟୀ କମିସନ ଭାବେ ନିଯୁକ୍ତି ଦାବି କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିବା ମହିଳା ଅଫିସର ପ୍ରିୟଙ୍କା ତ୍ୟାଗୀଙ୍କ ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧିନ ଖଣ୍ଡପୀଠ କହିଛନ୍ତି ଯେ, ତଟରକ୍ଷୀ ବାହିନୀରେ କାର୍ଯ୍ୟ କରୁଥିବା ଯୋଗ୍ୟ ମହିଳା ଅଧିକାରୀମାନଙ୍କୁ ସ୍ଥାୟୀ କମିସନ କରି ଦେଖାଇବୁ ବୋଲି ସୁପ୍ରିମକାର୍ଟ କେନ୍ଦ୍ରକୁ କଡା ଭାଷାରେ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ନୌସେନା ଏବଂ ସ୍ଥଳ ସେନା ଠାରୁ ତଟରକ୍ଷୀ ବାହିନୀର ପରିଚାଳନା ଦିଗ ସମ୍ପୂର୍ଣ୍ଣ ଭିନ୍ନ। ତେବେ ଏହି ବିଭାଗର ଅଧିକାରୀମାନଙ୍କୁ ଉପରୋକ୍ତ ଦୁଇ ବାହିନୀ ଭଳି ସୁବିଧା ସୁଯୋଗ ଦେବା ପାଇଁ ଏକ ବୋର୍ଡ ଗଠନ ହୋଇସାରିଛି। ଏଥିରେ ଗଠନମୂଳକ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କେଟରମଣ କହିଛନ୍ତି। ଏହି ମାମଲର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧ ତାରିଖରେ ହେବ ବୋଲି ଜଣାପଡ଼ିଛି।





ଅଫିସର ଭାବେ ନିଯୁକ୍ତି ଦେବା ନେଇ କେନ୍ଦ୍ର ସରକାର ଟାଳଟୁଳ ନୀତି ଦେଖାଉଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ଯେଉଁ ଯୁକ୍ତି ଦର୍ଶାଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ। ଅନ୍ତତଃ ୨୦୨୪ରେ ଏହାକୁ ଶୁଣିବା ମଧ୍ୟ ସମ୍ଭବ ନୁହେଁ। ତେବେ କୌଣସି ସ୍ଥିତିରେ ମହିଳା ଅଧିକାରୀମାନଙ୍କୁ ଏହି ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ। ଯଦି ସରକାର ଏହାକୁ ନ କରନ୍ତି ତେବେ ଆମେ ଏହାକୁ

■ ସିବିଆଇ ହାତକୁ ଗଲା ଆଇଏନ୍ଏଲ୍ଡି ଅଧ୍ୟକ୍ଷଙ୍କ ହତ୍ୟା ମାମଲା

# ୩ ବିଜେପି ନେତାଙ୍କ ବିରୋଧରେ ଏତଲା

ଚଣ୍ଡିଗଡ଼, ୨୬।୨ (ଏଜେନ୍ସି)

ଆଇଏନଏଲ୍ଡିର ପ୍ରଦେଶ ଅଧକ୍ଷ ନଫେ ସିଂହ ରାଠିଙ୍କ ହତ୍ୟା ମାମଲାର ତଦନ୍ତ ସିବିଆଇ କରିବ। ଗୃହମନ୍ତ୍ରୀ ଅନିଲ ଭିଜ୍ ହରିୟାଣା ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବଜେଟ ଅଧିବେଶନ ସମୟରେ କଂଗ୍ରେସ ହାଇକୋର୍ଟ ବିଚାରପତି କିମ୍ବା ସିବିଆଇ ଦ୍ୱାରା ମାମଲାର ତଦନ୍ତ କରାଇବାକୁ ଦାବି କରିଥିଲା। ଏହା ପରେ ରାଠିଙ୍କ ପରିବାର ଅନ୍ତିମ ସଂସ୍କାର ପାଇଁ ରାଜି ହୋଇଥିଲା। ତେବେ ସେମାନେ ଅପରାଧିଙ୍କୁ ଗିରଫ କରିବା ପାଇଁ ପୁଲିସକୁ ୭ ଦିନ ସମୟ ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ବହାଦୂରଗଡ଼ରେ ରାଠିଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏହି ହତ୍ୟା ପଛରେ କୌଣସି ଗ୍ୟାଙ୍ଗର ହାତ ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ଏହି ମାମଲାରେ ତିହାର ଜେଲ୍‌ରେ ଥିବା କିଛି ଗ୍ୟାଙ୍ଗଷ୍ଟରଙ୍କୁ ପଚରାଉଚୁରା କରାଯାଇଛି। ରାଠିଙ୍କ ଭଣଜା ସଞ୍ଜୟଙ୍କ ଅଭିଯୋଗରେ ପୁଲିସ ବିଜେପିର ୩ ନେତାଙ୍କ ସହିତ ୮ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ଏମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନରେଶ କୌଶିକ, ପୂର୍ବତନ ଅଧକ୍ଷ କର୍ମବୀର ରାଠି, ପୂର୍ବତନ ମନ୍ତ୍ରୀ ମାଙ୍ଗେରାମ ରାଠିଙ୍କ ପୁଅ ସତୀଶ ନମ୍ବରଦାର, ରାହୁଲ, କମଲ ଏବଂ ଗୌରବ ସାମିଲ ରହିଛି। ଅନ୍ୟପଟେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ୨ ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ୫ଟି ଟିମ୍ ଗଠନ କରାଯାଇଛି। ସିଆଇଏ ଏବଂ ଏସ୍‌ଟିଏଫକୁ ମଧ ଲଗାଯାଇଛି।



## ଭୋଟ ପାଇଁ ଆଧାର ବାଧ୍ୟତାମୂଳକ ନୁହେଁ

ନୂଆଦିଲ୍ଲୀ, ୨୬ ।୨(ଏଜେନ୍ସି): ତୃଣମୂଳ କଂଗ୍ରେସର ଏକ ପ୍ରତିନିଧି ଦଳକୁ ନିର୍ବାଚନ କମିଶନ ଆଜି ସ୍ପଷ୍ଟ ଭାବେ କହିଛନ୍ତି ଯେ ଭୋଟ ଦେବା ନିମନ୍ତେ ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ। ଭୋଟର ନିଜର ଭୋଟ ପରିଚୟ କାର୍ଡ କିମ୍ବା ଅନ୍ୟ ଯେ କୌଣସି ବୈଧ ପରିଚୟପତ୍ର ଦେଖାଇ ଭୋଟ ଦେଇପାରିବେ। ପଶ୍ଚିମବଙ୍ଗରେ ଅନେକ ଲୋକଙ୍କ ଆଧାର କାର୍ଡ ଅକାମୀ କରାଯାଇଥିବାରୁ ସେମାନେ କିପରି ଭୋଟ ଦେବେ ସେ ନେଇ ଟିଏମସିର ପ୍ରତିନିଧି ଚିନ୍ତା ବ୍ୟକ୍ତ କରିଥିଲେ ।

## ଜ୍ଞାନବାପିରେ ପୂଜା ବନ୍ଦକୁ ହାଇକୋର୍ଟଙ୍କ ନା

ପ୍ରୟାଗରାଜ, ୨୬ ।୨(ଏଜେନ୍ସି): ଜ୍ଞାନବାପିର ବ୍ୟାସ ତହଖାନାରେ ହିନ୍ଦୁଙ୍କ ପୂଜା ଜାରି ରହିବ। ଏହା ଉପରେ କଟକଣା ଲଗାଇବାକୁ ଆହ୍ଲାବାଦ ହାଇକୋର୍ଟ ମନା କରି ଦେଇଛନ୍ତି। ଏଥିରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ ବୋଲି କହିଛନ୍ତି। ଏହା ସହିତ ଜ୍ଞାନବାପି ପରିଚାଳନା କମିଟି ଅଞ୍ଜୁମନ୍ ଇନ୍ତେଜାମିଆ ମସଜିଦ(ଏଆଇଏମ) କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ରାଜ୍ୟ ସରକାର ୧୯ ୯୩ରୁ ବ୍ୟାସ ପରିବାର ଏବଂ ଶ୍ରଦ୍ଧାଳୁଙ୍କୁ ପୂଜା କରିବାକୁ ଦେଉ ନ ଥିଲେ। ସରକାର କ୍ରମାଗତ ଭାବେ ଭୁଲ୍ କରିଆସିଛନ୍ତି। ତହଖାନାରେ ପୂଜାପାଠ ବନ୍ଦ କରିବା ଶ୍ରଦ୍ଧାଳୁଙ୍କ ସ୍ୱାର୍ଥ ବିରୋଧୀ। ୧୯ ୯୩ର ପୂଜା ବନ୍ଦ ପଦକ୍ଷେପ ବେଆଇନ ଥିଲା।

## ମରିୟମ ନୱାଜ ପଞ୍ଜାବର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ

ଇସଲାମାବାଦ,୨୬।୨(ଏଜେନ୍ସି): ପାକିସ୍ତାନ ପଞ୍ଜାବ ପ୍ରଦେଶର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହୋଇଛନ୍ତି ପିଏଲଏମ-ଏନ ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଝିଅ ମରିୟମ ନୱାଜ। ସେ ସୋମବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ସହିତ ପଞ୍ଜାବ ଭଳି ପାକିସ୍ତାନର ଏକ ପ୍ରମୁଖ ପ୍ରଦେଶର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହୋଇ ନୂଆ ରେକର୍ଡ କରିଛନ୍ତି। ୫୦ ବର୍ଷୀୟା ମରିୟମ ପଞ୍ଜାବ ପ୍ରାଦେଶିକ ନିର୍ବାଚନରେ ୨୨୦ ଭୋଟ୍ ପାଇଥିଲେ।

# ଦିନକରେ ଉତ୍ସର୍ଗ ହେଲା ୨୦୦୦ ରେଳ ପ୍ରକଳ୍ପ

ନୂଆଦିଲ୍ଲୀ, ୨୬ ।୨(ଏଜେନ୍ସି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୪୧ହଜାର କୋଟି ଟଙ୍କର ୨୦୦୦ଟି ରେଳ ଇନଫ୍ରା ପ୍ରକଳ୍ପର ଭର୍ଚୁଆଲ ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏକ ଭିଡିଓ କନଫରେନ୍ସ ସମ୍ବୋଧନରେ ମୋଦୀ କହିଛନ୍ତି, ‘ଭାରତ ଏବେ ବଡ଼ ସ୍ୱପ୍ନ ଦେଖୁଛି ଓ ତାକୁ ଯେତେ ଶୀଘ୍ର ସମ୍ଭବ ସାକାର କରୁଛି। ବହୁତ ବଡ଼ ସଂଖ୍ୟାରେ ବହୁତ ବଡ଼ ଧରଣର ପ୍ରକଳ୍ପଗୁଡ଼ିକର ଯେପରି କ୍ଷୀପ୍ରତାର ସହ କାର୍ଯ୍ୟାନ୍ୱୟନ ହେଉଛି ତାହା ସମସ୍ତଙ୍କୁ ବିସ୍ମିତ କରୁଛି। ଏହା ହେଉଛି ନୂଆ ଭାରତର କର୍ମ ସଂସ୍କୃତିର ପ୍ରତୀକ।’ ଆଜି ରେଳବାଇର ଯେଉଁସବୁ ନିର୍ମାଣ(ଇନଫ୍ରା) ପ୍ରକଳ୍ପ ଉଦଘାଟିତ ଓ ଶିଳାନ୍ୟାସ ହେଲା ସେଥିରେ ଅନ୍ତର୍ଭୁକ୍ତ ରହିଛି ୧୫୦୦ ରୋଡ ଓଭରବ୍ରିଜ ଓ ଅଣ୍ଡର ପାସ୍ ସମେତ ଅମୃତ ଭାରତ ଷ୍ଟେସନ ସ୍କିମ ଅଧୀନରେ ୫୫୩ଟି ରେଳ ଷ୍ଟେସନର ପୁନଃବିକାଶ ଓ ଆଧୁନିକୀକରଣ।




## ସପ୍ତମ ସମନକୁ ବି ଏଡ଼ାଇଗଲେ କେଜ୍ରିୱାଲ

ନୂଆଦିଲ୍ଲୀ,୨୬।୨(ଏଜେନ୍ସି): ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଅର୍ଥ ହେରଫେରକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସପ୍ତମ ସମନକୁ ବି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏଡାଇଯାଇଛନ୍ତି। ତାଙ୍କୁ ସୋମବାର ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ସମନ କରାଯାଇଥିଲା। ହେଲେ ପୂର୍ବ ଭଳି କାରଣ ଦର୍ଶାଇ ସେ ହାଜର ହୋଇନାହାନ୍ତି।ସେ କହିଛନ୍ତି ଯେ , ବର୍ତ୍ତମାନ ଏହି ମାମଲା କୋର୍ଟରେ ଅଛି। ତେଣୁ ଇଡି କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ନାହିଁ। ସେହିପରି ଆପ୍ ପକ୍ଷରୁ ମଧ୍ୟ କୁହାଯାଇଛି ଯେ, ଆମେ ଆଇନଗତ ପ୍ରକ୍ରିୟାକୁ ସମ୍ମାନ ଦେଉଛୁ। ଇଡି କେଜ୍ରିୱାଲଙ୍କୁ ବାରମ୍ବାର ସମନ କରିଛି ସତ। ହେଲେ ଆମେ କୋର୍ଟର ନିଷ୍ପତ୍ତିକୁ ଅପେକ୍ଷା କରିଛୁ।

## ବିଜେପିରେ କଂଗ୍ରେସ ସାଂସଦ ଗୀତା

ରାଞ୍ଚି,୨୬ ।୨(ଏଜେନ୍ସି): ଝାଡ଼ଖଣ୍ଡର ଏକମାତ୍ର କଂଗ୍ରେସ ସାଂସଦ ଗୀତା କୋଡ଼ା ସୋମବାର ବିଜେପିରେ ଯୋଗଦେଇଛନ୍ତି। ସେ ହେଉଛନ୍ତି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡ଼ାଙ୍କ ପତ୍ନୀ। ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ଲହର ସତ୍ତ୍ୱେ କଂଗ୍ରେସ ପ୍ରାର୍ଥୀ ଗୀତା କୋଡ଼ା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ଗିଲୁଆଙ୍କୁ ୭୨ ହଜାର ଭୋଟରେ ହରାଇଥିଲେ। ହେମନ୍ତ ସୋରେନଙ୍କ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏମ) ସହ କଂଗ୍ରେସର ମେଣ୍ଟକୁ ନେଇ ଗୀତା ଅସନ୍ତୁଷ୍ଟ ଥିଲେ।

## ମନ୍ତ୍ରିମଣ୍ଡଳ ସହ ପାଲେଷ୍ଟାଇନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

ୱେଷ୍ଟବ୍ୟାଙ୍କ, ୨୬।୨ (ଏଜେନ୍ସି): ପାଲେଷ୍ଟାଇନ ପ୍ରଧାନମନ୍ତ୍ରୀ ମହମ୍ମଦ ସାତାୟେହ ନିଜ ମନ୍ତ୍ରିମଣ୍ଡଳ ସହ ଇସ୍ତଫା ଦେଇଛନ୍ତି। ସେ ହିଂସାକୁ ଦେଖି ଇସ୍ତଫା ଦେଇଥିବା କହିଛନ୍ତି। ଇସ୍ତଫା ପତ୍ରକୁ ସେ ରାଷ୍ଟ୍ରପତି ମହମ୍ମୁଦ ଅବାସଙ୍କୁ ପଠାଇ ଦେଇଛନ୍ତି। ଏବେ ରାଷ୍ଟ୍ରପତି ଏହା ଉପରେ ଅନ୍ତିମ ନିଷ୍ପତ୍ତି ନେବେ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପାଲେଷ୍ଟିନୀୟ ନାଗରିକ ଗାଜା ଷ୍ଟ୍ରିପ୍‌ରେ ଭୋକରେ ଆଉଟପାଉଟ ହେଉଛନ୍ତି। ଏଠାରେ ଇସ୍ରାଏଲ ଆକ୍ରମଣ ଜାରି ରଖିଛି। ୱେଷ୍ଟ ବ୍ୟାଙ୍କ ଏବଂ ଜେରୁଜେଲମରେ ମଧ ହିଂସା ବଢ଼ି ଚାଲିଛି। ଏହାକୁ ଦେଖି ସେ ଇସ୍ତଫା ଦେଇଛନ୍ତି। ନୂଆ ରାଜନୈତିକ ମେଣ୍ଟ ବନାଇବାକୁ ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଚାପ ପକାଉଥିବାବେଳେ ପ୍ରଧାନମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି।

## ଆରବ ଦେଶରେ ‘ଆର୍ଟିକିଲ୍ ୩୭୦’ ନିଷିଦ୍ଧ

ମୁମ୍ବାଇ, ୨୬।୨ (ଏଜେନ୍ସି): ୟାମୀ ଗୌତମଙ୍କ ଅଭିନୀତ ଚଳଚ୍ଚିତ୍ର ‘ଆର୍ଟିକିଲ ୩୭୦’କୁ ଗଲ୍ଫ ଦେଶରେ ନିଷିଦ୍ଧ କରିଦିଆଯାଇଛି। ଏହା ପୂର୍ବରୁ ରିତିକ ରୋଶନ ଏବଂ ଦୀପିକା ପାଦୁକୋନଙ୍କ ଅଭିନୀତ ‘ଫାଇଟର’କୁ ୟୁଏଇକୁ ଛାଡ଼ି ଅନ୍ୟ ସମସ୍ତ ଆରବ ଦେଶ ନିଷିଦ୍ଧ କରି ଦେଇଥିଲେ। ଆଦିତ୍ୟ ସୁହାସ ଜାମଭଲେଙ୍କ ନିର୍ଦ୍ଦେଶନାରେ ନିର୍ମିତ ‘ଆର୍ଟିକିଲ ୩୭୦’ରେ ରାଜନୈତିକ ପ୍ରସଙ୍ଗକୁ ଦେଖାଯାଇଛି। ଏହି ଫିଲ୍ମ ଜମ୍ମୁ-କାଶ୍ମୀରକୁ ମିଳିଥିବା ସ୍ୱତନ୍ତ୍ର ମାନ୍ୟତାକୁ ରଦ୍ଦ କରିବା ନେଇ ପିଏମଓର ନିଷ୍ପତ୍ତି ଉପରେ ଆଧାରିତ। ଏଥିରେ ଏପରି ଅନେକ ପ୍ରସଙ୍ଗ ଦେଖାଯାଇଛି ଯାହା ଲୋକ ଜାଣିନାହାନ୍ତି। ଫିଲ୍ମ ଭଲ ବ୍ୟବସାୟ କରୁଥିବାବେଳେ ବାହାରିନ, କୁଏତ, ଇରାକ, ଓମାନ, କାତାର, ସାଉଦି ଆରବ ଏବଂ ୟୁଏଇ ଏହାକୁ ନିଷିଦ୍ଧ କରିଦେଇଛନ୍ତି।

● ସନ୍ଦେଶଖାଲି ମାମଲାରେ ପଶ୍ଚିମବଙ୍ଗ ସରକାରଙ୍କୁ ପୁଣି ହାଇକୋର୍ଟଙ୍କ ଭର୍ତ୍ସନା

# ମୁଖ୍ୟ ଅଭିଯୁକ୍ତକୁ ତୁରନ୍ତ ଗିରଫ କର

କୋଲକାତା,୨୬।୨(ଏଜେନ୍ସି)

ପଶ୍ଚିମବଙ୍ଗ ସନ୍ଦେଶଖାଲି ମାମଲାକୁ ନେଇ କୋଲକାତା ହାଇକୋର୍ଟ ପୁଣିଥରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ମହିଳାଙ୍କୁ ଯୌନ ନିର୍ଯ୍ୟାତନା ଏବଂ ଜମି ହଡପ କରିବା ମାମଲାରେ ମୁଖ୍ୟଅଭିଯୁକ୍ତ ତଥା ସ୍ଥାନୀୟ ଟିଏମସି ନେତା ଶେଖ ଶାହାଜାହାନକୁ ଗିରଫ କରିବାକୁ ନେଇ ପୂର୍ବରୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲା ବେଳେ ତାକୁ ଏବେ ସୁଦ୍ଧା ପୁଲିସ କାହିଁକି ଗିରଫ କରିପାରି ନାହିଁ ବୋଲି ହାଇକୋର୍ଟ ସୋମବାର ପ୍ରଶ୍ନ ଉଠାଇଛନ୍ତି। ଶେଖ ଶାହାଜାହାନକୁ ଗିରଫ କରିବା ନେଇ କୋର୍ଟ ପ୍ରତିବନ୍ଧକ ରହିଛି ବୋଲି କଥା ଉଠିବା ପରେ ଏହାକୁ ହାଇକୋର୍ଟ ନିଜ ଆଡୁ ଶୁଣାଣି କରି ଗିରଫ ପାଇଁ କୌଣସି ପ୍ରତିବନ୍ଧକ ନାହିଁ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶାହାଜାହାନକୁ ଇଡି ଗିରଫ କରିପାରି ନଥିଲା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ତା ’ ବିରୋଧରେ ମାମଲା ରୁଜୁ କରାଯାଇଥିଲା ବୋଲି ଗତକାଲି ଟିଏମସି ନେତା ଅଭିଷେକ ବାନାର୍ଜୀ କହିଥିଲେ। ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ମଧ୍ୟ ଗଠନ କରାଯାଇଥିଲା। କିନ୍ତୁ ସ୍ଥାନୀୟ କୋର୍ଟ ପୁଲିସ ପକ୍ଷରୁ କରାଯାଇଥିବା ଏତଲା ଉପରେ ସ୍ଥଗିତାଦେଶ ଦେଇଥିଲେ ବୋଲି ଅଭିଷେକ ଗତକାଲି କହିଥିଲେ। ଏହି ବିଷୟକୁ ସ୍ପଷ୍ଟ କରିବାକୁ ସୋମବାର କୋର୍ଟ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ହାଇକୋର୍ଟରେ ପ୍ରଶ୍ନ ଉଠାଇଥିଲା ବେଳେ ହାଇକୋର୍ଟ ଏହାକୁ ରୋକ୍ଠୋକ୍ ମନା କରିଦେଇଥିଲେ। ଶାହାଜାହାନକୁ ଗିରଫ କରିବା ନେଇ କୌଣସି ପ୍ରତିବନ୍ଧକ ନାହିଁ ଏବଂ ପୁଲିସ ଆଜି ପର୍ଯ୍ୟନ୍ତ କ’ଣ କରୁଛି ବୋଲି ଓଲଟା ପ୍ରଶ୍ନ କରିଥିଲେ। ତାକୁ ପୁଲିସ ତୁରନ୍ତ ଗିରଫ କରିବା ଦରକାର ବୋଲି ମଧ୍ୟ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ତାଗିଦ କରି କହିଥିଲେ। ଆମିକସ୍ କ୍ୟୁରି କହିଥିଲେ ଯେ, ସ୍ଥିତି ପରଖିବା ପାଇଁ ଯାଉଥିବା ଲୋକମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ଗିରଫ କରାଯାଉଥିବା ବେଳେ ଅନ୍ୟ କିଛି ଲୋକଙ୍କ ବେକରେ ଫୁଲମାଳ ପିନ୍ଧାଯାଉଛି। ତେଣୁ ସନ୍ଦେଶଖାଲି ଘଟଣାର ଯାଞ୍ଚ ପାଇଁ ହାଇକୋର୍ଟ ଏକ ସ୍ୱତନ୍ତ୍ର କମିଟି ଗଠନ କରନ୍ତୁ ବୋଲି ସେ ଦାବି କରିଥିଲେ। ଏହା କରିବାକୁ ହାଇକୋର୍ଟ ସହମତ ହୋଇଥିଲେ ହେଁ ୪ ବର୍ଷ ତଳର ଘଟଣାକୁ ନେଇ ରାଜ୍ୟ ପୁଲିସ କାହିଁକି ନିରବ ରହିଥିଲା ବୋଲି ପ୍ରଶ୍ନ କରିଥିଲେ। ଏହି ଘଟଣାକୁ ନେଇ ୪ ବର୍ଷ ତଳେ ଏତଲା ଦାଏର ହୋଇଥିବା ବେଳେ ଚାର୍ଜସିଟ୍ ପ୍ରସ୍ତୁତ କରିବାକୁ କ’ଣ ୪ ବର୍ଷ ଲାଗୁଛି କି ବୋଲି ହାଇକୋର୍ଟ ପ୍ରଶ୍ନ କରିଥିଲେ। ଶାହାଜାହାନକୁ ଗିରଫ କରାଯିବା ପରେ ଇଡି, ସିବିଆଇ, ରାଜ୍ୟ ଗୃହ ସଚିବ ଏବଂ ପୁଲିସ ସମସ୍ତେ କୋର୍ଟରେ ଉପସ୍ଥିତ ରହିବେ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ଏଭଳି ପ୍ରଶ୍ନ ବାଣର କିଛି ଘଣ୍ଟା ପରେ ଶାହାଜାହାନକୁ ୭ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ଟିଏମସି ନେତା କୁନାଲ ଘୋଷ କହିଛନ୍ତି।

## ମଇଳା ପୋଷାକ ପିନ୍ଧିଥିବାରୁ ଚାଷୀଙ୍କୁ ମେଟ୍ରୋରେ ଯିବାକୁ ଦେଲେନି

ବେଙ୍ଗାଲୁରୁ, ୨୬।୨ (ଏଜେନ୍ସି)

ବେଙ୍ଗାଲୁରୁ ମେଟ୍ରୋ ଷ୍ଟେସନରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ବେଶଭୂଷା ପରିବର୍ତ୍ତେ ବ୍ୟକ୍ତିତ୍ୱକୁ ପ୍ରାଧାନ୍ୟ ଦିଆଯାଉଥିବା ଦେଶରେ ମଇଳା ପୋଷାକ ପିନ୍ଧିଥିବା ଜଣେ ଗରିବ ଚାଷୀଙ୍କୁ ମେଟ୍ରୋରେ ଚଢ଼ିବାକୁ ଦିଆଯାଇ ନାହିଁ। ଜଣେ ଅଧିକାରୀ ତାଙ୍କୁ ଅଟକାଇ ଦେଇଛନ୍ତି। ଏଭଳି ଘଟଣା ବେଙ୍ଗାଲୁରୁ ରାଜାଜୀନଗର ମେଟ୍ରୋ ଷ୍ଟେସନରେ ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ ଜଣେ ବୃଦ୍ଧ ଚାଷୀ ବ୍ୟାଗ୍ ଚେକିଂ ପଏଣ୍ଟରେ ଛିଡ଼ା ହୋଇଛନ୍ତି। ସେ ମୁଣ୍ଡରେ ଏକ ବସ୍ତା ମୁଣ୍ଡାଇଛନ୍ତି। ଟିକଟ ଥିବା ସତ୍ତ୍ୱେ ଅଧିକାରୀ ତାଙ୍କୁ ଅଟକାଇ ରଖିଛନ୍ତି। ଏହି ସମୟରେ ଜଣେ ଯାତ୍ରୀ ଚାଷୀଙ୍କ ସପକ୍ଷରେ ଆସି ଅଧିକାରୀଙ୍କୁ ପ୍ରଶ୍ନ କରୁଛନ୍ତି। ମେଟ୍ରୋରେ ଯିବା ପାଇଁ କ’ଣ ୟୁନିଫର୍ମ ଅଛି କି? କେବଳ ଭିଆଇପି ଯାତ୍ରା ମେଟ୍ରୋରେ ଯାତ୍ରା କରିପାରିବେ କି? ବସ୍ତା ନେଇ ହେବନି କି ବୋଲି ପଚାରିଛନ୍ତି। ଅନ୍ୟମାନେ



ସେହି ଯାତ୍ରୀ ହିଁ ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଭିଡିଓର ଯାଞ୍ଚ ପରେ ବେଙ୍ଗାଲୁରୁ ମେଟ୍ରୋ ରେଳ କର୍ପୋରେସନ ଲିମିଟେଡ (ବିଏମଆରସିଏଲ) ଚାଷୀଙ୍କୁ ଅଟକାଇଥିବା ସିକ୍ୟୁରିଟି ସୁପରଭାଇଜରଙ୍କୁ ବରଖାସ୍ତ କରିଦେଇଛନ୍ତି।

ରାଜନୈତିକ ହେଉ ଅବା ଧାର୍ମିକ, ଆଦର୍ଶବାଦ ଏକ ନିର୍ବୋଧତା; କାରଣ ଏହା ଅନମନୀୟ ଚିନ୍ତାଧାରା ପ୍ରସୂତ। ଦୁର୍ଭାଗ୍ୟବଶତଃ ଏଭଳି ଅବଧାରଣା ମାନବ ସମାଜକୁ ଭାଗଭାଗ କରିଦେଇଛି !
-ଜାିଦୁ କୃଷ୍ଣମୂର୍ତ୍ତି

ସକାଳ
THE SAKALA

## ସରୋଗେସୀ ଆଇନର ସଂଶୋଧନ ସ୍ୱାଗତଯୋଗ୍ୟ

ପ୍ରାକୃତିକ ବିଜ୍ଞାନରେ ବେଳେବେଳେ ବ୍ୟତିକ୍ରମ ଦେଖାଦିଏ, ଯାହା ସ୍ୱାଭାବିକତାକୁ ଅସ୍ୱାଭାବିକ କରିଥାଏ। ଏହାର କାରଣ ସୃଷ୍ଟିଜନିତ ତ୍ରୁଟି କିମ୍ବା ପରବର୍ତ୍ତୀ ସମୟର ଅର୍ଜିତ ଅସ୍ୱାଭାବିକତା ହୋଇପାରେ। ଏଭଳି ବ୍ୟତିକ୍ରମ ଜୀବଜଗତରେ ଅନେକ ଦେଖାଯାଏ। ବନ୍ଧ୍ୟାତ୍ୱ, ପୌରୁଷହାନି, କନ୍ୟାମାନେ ରଜସ୍ୱଳା ନ ହେବା କିମ୍ବା ଗର୍ଭଧାରଣ କରିବାକୁ ଅସମର୍ଥ ହେବା ଭଳି ବ୍ୟତିକ୍ରମ ମଣିଷଠାରେ ମଧ୍ୟ ଦେଖାଯାଏ। ବିଜ୍ଞାନ ଏହାର ପ୍ରତିକାର କାମରେ ନିରନ୍ତର ଲାଗିଛି ଏବଂ ଏଥିରେ ଅନେକ ସଫଳତା ମଧ୍ୟ ମିଳିଲାଣି। ସନ୍ତାନ ସମ୍ଭବ ହେବା ଓ ଗର୍ଭଧାରଣ କରିବା ପ୍ରତ୍ୟେକ ମହିଳାଙ୍କର ଏକାନ୍ତ ସ୍ୱାଭାବିକ ଇଚ୍ଛା। ହେଲେ ପ୍ରାକୃତିକ କାରଣରୁ ଅନେକ ମହିଳା ନିଜ ଗର୍ଭାଶୟରେ ନିଜ ସନ୍ତାନଙ୍କୁ ଧାରଣ କରିବାକୁ ଅସମର୍ଥ ହୁଅନ୍ତି। ବେଶ୍ କିଛି ବର୍ଷ ତଳେ ଏହି ସମସ୍ୟାର ସମାଧାନ ବିଜ୍ଞାନ କରିଥିଲା ଟେଷ୍ଟଟ୍ୟୁବ୍ ବେବି (ନବଜାତ ଶିଶୁ) ଜନ୍ମ ଦେବାର ବ୍ୟବସ୍ଥା କରି। ଏହି ପଦ୍ଧତିରେ ସ୍ୱାମୀ-ସ୍ତ୍ରୀଙ୍କ ଯଥାକ୍ରମେ ଶୁକ୍ରାଣୁ ଓ ଡିମ୍ବାଣୁକୁ ପରୀକ୍ଷାଗାରର ଟେଷ୍ଟଟ୍ୟୁବ୍‌ରେ ମିଳନ କରାଇ ଭ୍ରୂଣସଞ୍ଚାର କରିବା ସହ ତାହାକୁ ବିକଶିତ କରାଯାଇଥିଲା।

ନିରନ୍ତର ଚାଲିଥିବା ବୈଜ୍ଞାନିକ ଅନୁସନ୍ଧାନ ଓ ପରୀକ୍ଷାନିରୀକ୍ଷା ଏ କ୍ଷେତ୍ରରେ ଆଉ ପାଦେ ଆଗେଇଛି କେବେଠାରୁ। ଏବେ ଆଉ ଟେଷ୍ଟଟ୍ୟୁବ୍ ନୁହେଁ, ସନ୍ତାନ ଧାରଣ କରିବାକୁ ଅକ୍ଷମ ମହିଳା ଓ ତାଙ୍କ ସ୍ୱାମୀଙ୍କ ଡିମ୍ବାଣୁ ଓ ଶୁକ୍ରାଣୁକୁ ମିଳନ କରାଇ ଅନ୍ୟଜଣେ ମହିଳାଙ୍କ ଗର୍ଭାଶୟରେ ସେହି ଭାବିଭ୍ରୂଣକୁ ବଢ଼ିବାକୁ ଦିଆଯାଉଛି। ଭ୍ରୂଣଟି ସେହି ଗର୍ଭ ପ୍ରଦାନକାରୀ (ସେରୋଗେଟ୍) ମହିଳାଙ୍କ ପେଟରେ ବଢ଼ି ପୂର୍ଣ୍ଣାଙ୍ଗ ହେବା ପରେ ଜନ୍ମଲାଭ କରୁଛି। ଏହାକୁ କେତେକ ଭଡ଼ାଗର୍ଭ ବା ରେଣ୍ଟେଡ୍ ଉମ୍ବ କହୁଛନ୍ତି। ଏଭଳି କହିବା କିନ୍ତୁ ଅନୁଚିତ। ବିଦେଶରେ କେତେକ ମହିଳା ଅବଶ୍ୟ ବ୍ୟାବସାୟିକ ଭାବରେ ଏହି କାମ କରୁଛନ୍ତି ଏବଂ ସ୍ଥଳବିଶେଷରେ ସରୋଗେଟ୍ ମଦର ନ ମିଳିଲେ ସମ୍ପୃକ୍ତ ଦମ୍ପତିଙ୍କ ପରିବାରର କୌଣସି ଜଣେ ମହିଳା ଏହି କାମ ପାଇଁ ଆଗେଇ ଆସିବାର ନିୟମ ରହିଛି। ପ୍ରାକୃତିକ ବା ସ୍ୱାଭାବିକତାରେ ଯେତେବେଳେ ବ୍ୟତିକ୍ରମ ଆସେ ସେତେବେଳେ ଅଦେଖା କଥା ଦେଖିବାକୁ ପଡ଼େ। ବିଜ୍ଞାନ କିନ୍ତୁ ତାହାକୁ ଏକ ନୂତନ ବିକଳ୍ପ ଓ ବାସ୍ତବତା ପ୍ରଦାନ କରୁଛି। ସନ୍ତାନ ଆଶାୟୀ ଦମ୍ପତିମାନେ ଏହି ଉପାୟରେ ପିଲାଟିଏ ପାଇଲେ ସତରେ ଯେ କେତେ ଖୁସି ହେଉ ନଥିବେ, ସେ କଥା କେବଳ ଅନୁଭବୀ ହିଁ ଜାଣି ପାରିବେ। ନିଜର ରକ୍ତକୁ ଅନ୍ୟ ଗର୍ଭ ମାଧ୍ୟମରେ ଭୂମିଷ୍ଠ କରାଇବାର ଆନନ୍ଦ ଅବଶ୍ୟ ନିଆରା। ଏହାଫଳରେ ପୋଷ୍ୟ ସନ୍ତାନ ଗ୍ରହଣର ଆବଶ୍ୟକତା ପଡ଼େନାହିଁ। ଭାରତ ଏକ ରକ୍ଷଣଶୀଳ ସମାଜ। ଏଠାରେ ସମାଜ ଓ ପରିବାର ପରିବର୍ତ୍ତନ ତଥା ନୂତନତ୍ୱକୁ ସହଜରେ ଗ୍ରହଣ କରେ ନାହିଁ। ତେବେ ଶିକ୍ଷା ଓ ସଚେତନତା ବୃଦ୍ଧି ଫଳରେ ଏ କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆସିଛି।

ଏବେ ଭାରତ ସରକାର ସରୋଗେସୀ ଆଇନରେ ସଂଶୋଧନ କରିଛନ୍ତି। ଏହାଫଳରେ ଜଟିଳ ସ୍ୱାସ୍ଥ୍ୟଗତ ସ୍ଥିତିର ସମ୍ମୁଖୀନ ଦମ୍ପତି ବିଶେଷ ଉପକୃତ ହୋଇପାରିବେ। ଯେଉଁ ଦମ୍ପତି ପ୍ରଜନନହୀନତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କ ପାଇଁ ଆଶାର କିରଣ ସୃଷ୍ଟି ହୋଇଛି। ସଂଶୋଧିତ ଆଇନରେ କେନ୍ଦ୍ର ସରକାର ଡୋନର ଗ୍ୟାମେଟ୍ ଯଥା ଓଭା କିମ୍ବା ଏଗ୍‌ସେଲ୍‌ଫ ଅଥବା ସ୍ପର୍ମ ଦାନକୁ ଅନୁମତି ଦେଇଛନ୍ତି। ସରଳଭାଷାରେ ଦମ୍ପତିଙ୍କ ମଧ୍ୟରୁ ଜଣେ କେହି ଯଦି ଚିକିତ୍ସା / ସ୍ୱାସ୍ଥ୍ୟଗତ କାରଣରୁ ନିଜର ଗ୍ୟାମେଟ୍ସ ବ୍ୟବହାର କରିବାକୁ ଅକ୍ଷମ ଏବଂ ଏଥିପାଇଁ ଚିକିତ୍ସକ ସାର୍ଟିଫିକେଟ୍ ଦେଇଥିବେ, ସେଭଳି ସ୍ଥଳେ ସେ ଅନ୍ୟର ଗ୍ୟାମେଟ ଯଥା ଗର୍ଭାଶୟ, ଶୁକ୍ରାଣୁ, ଡିମ୍ବାଣୁ ଆଦି ବ୍ୟବହାର କରିପାରିବେ। ଗ୍ୟାମେଟ୍ସର ଅର୍ଥ ହେଲା ପ୍ରାଣୀ ବା ବୃକ୍ଷଲତାଙ୍କ ପ୍ରଜନନକ୍ଷମ କୋଷ। ଜୀବଜଗତରେ ମହିଳାଙ୍କ ଗ୍ୟାମେଟ୍ସରେ ଓଭା ଓ ଏଗ୍‌ସେଲ୍‌ଫ ଏବଂ ପୁରୁଷଙ୍କ କ୍ଷେତ୍ରରେ ଔରସ ବା ଧାତୁ ଅନ୍ତର୍ଭୁକ୍ତ।

ଆହୁରି ମଧ୍ୟ ୨୦୨୨ର ସରୋଗେସୀ ଆଇନରେ ହୋଇଥିବା ସଂଶୋଧନ ଅନୁସାରେ ଏଣିକି ଅକ୍ଷମତା ଯୋଗୁଁ ଉଭୟ ଦମ୍ପତିଙ୍କ ପାଇଁ ଆଗ୍ରହୀ ପତିପତ୍ନୀଙ୍କ ଠାରୁ 'ଗେମେଟ୍ସ' ଆସିବାର ଆବଶ୍ୟକତା ବାଧ୍ୟତାମୂଳକ ନୁହେଁ। ଡାକ୍ତରୀ ବୋର୍ଡର ପରାମର୍ଶକ୍ରମେ ଦମ୍ପତି ସ୍ଥଳବିଶେଷରେ ଅନ୍ୟଠାରୁ ଗେମେଟ ଆଣି ବ୍ୟବହାର କରିପାରିବେ, ଯାହା ଡୋନର ଗେମେଟ ଭାବେ ପରିଚିତ। ଏହି ଡୋନର ବା ଦାନରେ ଆଣିଥିବା ଗେମେଟ୍ସକୁ ଅନ୍ୟ ମହିଳାଙ୍କ ଗର୍ଭରେ ରୋପଣ କରି ସନ୍ତାନ ସୃଷ୍ଟି କରାଯାଇ ପାରିବ।

ବାସ୍ତବରେ ଏହା ଏକ ସ୍ୱାଗତଯୋଗ୍ୟ ବ୍ୟବସ୍ଥା। କାରଣ ଆଗରୁ ବୟସ୍କ ମହିଳା ସନ୍ତାନ ସୃଷ୍ଟି ପାଇଁ ଉତ୍ତମମାନର ଡିମ୍ବାଣୁ ଯୋଗାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ସେ ସମସ୍ୟା ରହିବ ନାହିଁ। ସେମାନେ ଯୁବା ମହିଳାଙ୍କଠାରୁ ଡିମ୍ବାଣୁ ଦାନରେ ଗ୍ରହଣ କରିପାରିବେ। ସ୍ୱାଭାବିକ ଭାବେ ଚିକିତ୍ସକମାନେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ପରିଣତ ବୟସରେ ଜଣେ ମହିଳା ମଧ୍ୟ ସରୋଗେସୀ ମାଧ୍ୟମରେ ମା' ହୋଇପାରିବେ। ଏ ସମ୍ପର୍କରେ ପ୍ରକାଶିତ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ କେବଳ ଇଚ୍ଛୁକ ଦମ୍ପତିଙ୍କଠାରୁ ଡିମ୍ବାଣୁ ଓ ଶୁକ୍ରାଣୁ ଆସିପାରିବ। ଆଗରୁ ଡିମ୍ବାଣୁ ଦାନକୁ ଅନୁମତି ଦିଆଯାଇଥିଲା, ଧାତୁ ବା ସ୍ପର୍ମ ଦାନ ପାଇଁ ଅନୁମତି ମିଳୁନଥିଲା।

ଏମ୍‌ଆରକେଏଚ୍ ଭଳି ଜଟିଳ ବନ୍ଧ୍ୟାଜନିତ ରୋଗରେ ପୀଡ଼ିତ ମହିଳା ଏଥିପାଇଁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହା ଏକ ଜନ୍ମଗତ ରୋଗ ହୋଇଥିବାରୁ ସେମାନଙ୍କର ପ୍ରଜନନ ଶକ୍ତି ବିଘ୍ନିତ ହେବା ସ୍ୱାଭାବିକ। ତେଣୁ ଡୋନର ଏଗ୍ ସହାୟତାରେ ସରୋଗେସୀରେ ଜନନୀ ହେବାକୁ ସେମାନେ ସର୍ବୋଚ୍ଚ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ। ଅଦାଲତ ସେମାନଙ୍କ ସପକ୍ଷରେ ରାୟ ଦେବା ପରେ ସରକାର ପୁରୁଣା ଆଇନକୁ ବଦଳାଇଛନ୍ତି। ତେବେ ଆମ ଦେଶରେ ପ୍ରଚଳିତ ପରମ୍ପରା, ସାମାଜିକ ରୀତି ନୀତି ଦୃଷ୍ଟିରୁ ଏହି ସଂଶୋଧନରେ ସରକାର କିଛି କଟକଣା ରଖିଛନ୍ତି। ନୂଆ ଆଇନ ଏକାକୀ ରହୁଥିବା କିମ୍ବା ଅବିବାହିତ ମହିଳାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। ତେବେ ବିଧବା ବା ବିବାହ ବିଚ୍ଛେଦ ହୋଇଥିବା ମହିଳାଙ୍କ ପାଇଁ କିଛି ସୁବିଧା ନୂଆ ନିୟମରେ ରହିଛି। ସେମାନେ ଚାହିଁଲେ ସରୋଗେସୀ ବ୍ୟବସ୍ଥାରେ ନିଜର ଡିମ୍ବାଣୁ ଓ ଦାତାଙ୍କର ସ୍ପର୍ମ (ଧାତୁ) ବ୍ୟବହାର କରି ସନ୍ତାନବତୀ ହୋଇପାରିବେ। ସଂଶୋଧନ ଦ୍ୱାରା ଏହି ଆଇନ ଅଧିକ ମହିଳାଙ୍କ ଭଲ କାମରେ ଲାଗିପାରିବ ଏବଂ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

# ନୂତନ ବିଶ୍ୱ ନିର୍ମାଣରେ ଭାରତର ଭୂମିକା



ବିଲ୍ ଗେଟ୍ସ

ମୁଁ ଏହି ସପ୍ତାହରେ ଭାରତ ଗସ୍ତରେ ଯାଉଛି। ଏହାପୂର୍ବରୁ, ୧୯୯୦ ଦଶକରୁ ମୁଁ ଅନେକଥର ଭାରତ ଭ୍ରମଣରେ ଯାଇଛି। ବର୍ଷ ବର୍ଷ ଧରି ମୁଁ ସେହି ଦେଶର ସମୃଦ୍ଧ ଇତିହାସ ବିଷୟରେ ଜାଣିବାକୁ ଚେଷ୍ଟା କରିଛି। ବିଗତ ପରିଭ୍ରମଣ ସମୟରେ ତାଜମହଲ ସମେତ ଭାରତର ଆଉ କେତେକ ଚମତ୍କାର ସ୍ମାରକୀ ପରିଦର୍ଶନ କରିଥିଲି। କିନ୍ତୁ ଯେତେବେଳେ ମୁଁ ନୂତନ ବିଶ୍ୱ ନିର୍ମାଣରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ଚିନ୍ତା କରୁଛି, ସେତେବେଳେ ଯାହା ପ୍ରଥମେ ମନକୁ ଆସୁଛି, ତାହା ହେଲା ବିଶ୍ୱକୁ ଭାରତର ଅନୁପମ ଉପହାର, ଏହାର ନୂତନ ଜ୍ଞାନକୌଶଳ ଉଦ୍ଭାବନ କରିବାର କ୍ଷମତା!

ଏହି ଦେଶରେ ଗୁରୁତ୍ୱପୂର୍ଣ୍ଣ ସଫଳତାର ଦୀର୍ଘ ଇତିହାସ ରହିଛି। ପ୍ରାଚୀନ ଭାରତର ଗଣିତଜ୍ଞମାନେ ସଂଖ୍ୟାବିଜ୍ଞାନ ପାଇଁ ଦଶମିକ ପ୍ରଣାଳୀ ପ୍ରବର୍ତ୍ତନ ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି ଓ ବିଶ୍ୱ ମାନ୍ୟତା ପାଇଛନ୍ତି। ସମ୍ପ୍ରତି ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏପରି ଅଗ୍ରଗତି କରିଛି, ଯାହା ଏହି ଦେଶ ବ୍ୟତୀତ ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରିପାରୁଛି। ଏହି ପ୍ରୟାସ ଦିନକୁ ଦିନ ଆହୁରି ଉନ୍ନତି ମଧ୍ୟ କରୁଛି। ଏହି ପ୍ରୟାସରେ "ଗେଟ୍ସ ଫାଉଣ୍ଡେସନ" ଏକ ଅଂଶୀଦାର ହୋଇଛି। ଅବହେଳିତ ବର୍ଗଙ୍କ ନିକଟରେ ଭାରତର ଏହି ପ୍ରୟାସ କିପରି ଅଧିକରୁ ଅଧିକ ପହଞ୍ଚିପାରିବ ସେହି କ୍ଷେତ୍ରରେ ଚିନ୍ତାଧାରା ଓ କାର୍ଯ୍ୟଧାରାକୁ ଆହୁରି ଅଧିକ ବିକଶିତ କରିବା ପାଇଁ ଆମେ କିପରି ଭାରତକୁ ସହଯୋଗ କରିପାରିବୁ ସେହି ଉଦ୍ଦେଶ୍ୟରେ ମୁଁ ଏଥର ଭାରତ ଭ୍ରମଣରେ ଯାଉଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ମୋର ସାକ୍ଷାତ ଆଲୋଚନା ବେଳେ ଏହା ଏକ ମୁଖ୍ୟ ପ୍ରସଙ୍ଗ ହେବ।

ସ୍ୱାସ୍ଥ୍ୟସେବା ହେଉଛି ଏପରି ଏକ କ୍ଷେତ୍ର, ଯେଉଁଠାରେ ଭାରତ ବଡ଼ବଡ଼ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମରତ। ଭାରତ ହେଉଛି ବିଶ୍ୱର ସର୍ବବୃହତ ପ୍ରତିଷେଧକ ଟିକା ଉତ୍ପାଦନକାରୀ ଦେଶ। ନିମ୍ନଆୟକାରୀ ଗରିବ ଦେଶମାନଙ୍କରେ ରହୁଥିବା ପ୍ରାୟ ୧୦୦ କୋଟି ଶିଶୁଙ୍କୁ ମାଗଣା ଟିକାକରଣ ପାଇଁ ସମର୍ପିତ ଅନୁଷ୍ଠାନ 'ଗାଭି'କୁ ଭାରତ ମୋଟ ଆବଶ୍ୟକତାର ୬୦% ଟିକା ପ୍ରଦାନ କରୁଛି। ଭାରତୀୟ କମ୍ପାନୀଗୁଡ଼ିକ ସୁଲଭ ମୂଲ୍ୟରେ ଉଚ୍ଚମାନର ଟିକା ଓ ଔଷଧ ଉତ୍ପାଦନ କରୁଛନ୍ତି। ତେଣୁ ଏଚ୍‌ଆଇଭି/ଏଡ୍ସ, ରୋଟାଭାଇରସ୍, କୋଭିଡ୍ ଇତ୍ୟାଦି ସଂକ୍ରମଣଜନିତ ରୋଗର ସୁଲଭ ଚିକିତ୍ସା କ୍ଷେତ୍ରରେ ଭାରତ ବିଶ୍ୱରେ ଅଗ୍ରଣୀ ଦେଶର ମାନ୍ୟତା ପାଇଛି। ଭାରତ ସରକାର ଟିକା ଯୋଗାଣ କ୍ଷେତ୍ରରେ ଜାତୀୟ ଚାହିଦା ପୂରଣ କରିପାରିବା ସହିତ ଅନୁନ୍ନତ ଦେଶଗୁଡ଼ିକର ଚାହିଦା ପୂରଣରେ ମଧ୍ୟ ସକ୍ଷମ ହୋଇପାରିଛି। ଏବେ ଡାକ୍ତରୀ ଉପକରଣ ଓ ନିଦାନ କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ନିର୍ବାହ କରିବାକୁ ଯୋଜନା କାର୍ଯ୍ୟକାରୀ କରୁଛି।

ଭାରତର ଏହି ପ୍ରଶଂସନୀୟ ଉଦ୍ୟମ ଯୋଗୁଁ ବିକାଶଶୀଳ ଦେଶଗୁଡ଼ିକ ବର୍ତ୍ତମାନ ନୂତନ ଔଷଧ ଓ ଟିକା ଖୁବ୍ ଶୀଘ୍ର ପାଇପାରୁଛନ୍ତି। ଭାରତର ଏହି ପ୍ରୟାସକୁ ବର୍ତ୍ତମାନ ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସଫଳତା ଭାବରେ ମୁଁ ସ୍ଥାନିତ କରେ। ଟିକା ଓ ଔଷଧ ଯୋଗାଣ କ୍ଷେତ୍ରରେ ଉନ୍ନତି ପାଇଁ ଆମେ ବିଶ୍ୱ ସାରା ପ୍ରୟାସ କରୁଥିଲେ ମଧ୍ୟ ଅନ୍ତିମ ସୋପାନରେ ପହଞ୍ଚିପାରିନାହୁଁ। ଯେତେବେଳେ ବିକଶିତ ଦେଶରେ କୌଣସି ଟିକା କିମ୍ବା ଔଷଧ ପ୍ରସ୍ତୁତ ହେବା ସହିତ ତାହା ଯଦି ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କରେ ମଧ୍ୟ ଏକାସାଙ୍ଗରେ ଉପଲବ୍ଧ ହୋଇପାରିବ ସେତେବେଳେ ଯାଇ ଆମେ ପୂର୍ଣ୍ଣ ସଫଳତାପ୍ରାପ୍ତ ବୋଲି ପ୍ରମାଣିତ ହେବ। ଅନ୍ୟ ଏକ କ୍ଷେତ୍ର, ଯେଉଁଥିରେ ଭାରତର ଅଭିନବ ଉଦ୍ୟମକୁ ମୁଁ ପ୍ରଶଂସା କରେ, ତାହା ହେଉଛି ସର୍ବସାଧାରଣଙ୍କ ପାଇଁ ଡିଜିଟାଲ୍ ଭିତ୍ତିଭୂମି ବା ଡିପିଆଇ। ସଂକ୍ଷେପରେ, ଡିପିଆଇ ସେହି ବ୍ୟବସ୍ଥା ଓ ଉପକରଣଗୁଡ଼ିକୁ ବୁଝାଏ,



ଯାହା ବିଭିନ୍ନ ସାର୍ବଜନୀନ ସରକାରୀ ସେବା ସୁଚାରୁ ରୂପେ ପ୍ରଦାନ କରିବାରେ ସାହାଯ୍ୟ କରେ। ଭାରତର ବାୟୋମେଟ୍ରିକ୍ ପରିଚୟ କାର୍ଯ୍ୟକ୍ରମ 'ଆଧାର' ଜରିଆରେ ୧୪୦ କୋଟିରୁ ଅଧିକ ଲୋକ ଉପକୃତ ହୋଇପାରୁଛନ୍ତି। ତାହାଦ୍ୱାରା ସେମାନଙ୍କୁ ଫଟୋ କିମ୍ବା ଅନ୍ୟ କୌଣସି ପରିଚୟପତ୍ର ବିନା ସମସ୍ତ ପ୍ରକାରର ସରକାରୀ ସେବା ଯୋଜନାର ଉପକାର ମିଳିପାରୁଛି। ସେଇଭଳି ୟୁପିଆଇ ମଧ୍ୟ ଏକ ଡିଜିଟାଲ୍ ଦେୟ ବ୍ୟବସ୍ଥା, ଯାହା ଆପଣଙ୍କ ବ୍ୟବସାୟ ପ୍ରକ୍ରିୟାକୁ ସୁରକ୍ଷିତ ଓ ସୁଦୃଢ଼ କରେ। ସମ୍ପ୍ରତି ମାସକୁ ୧୨୦୦ କୋଟିରୁ ଅଧିକ କାରବାର ଏହି ୟୁପିଆଇ ମଞ୍ଚ ମାଧ୍ୟମରେ କରାଯାଉଛି। ମୋର ଏଥର ଭାରତ ଗସ୍ତ ସମୟରେ ମୁଁ ଏହି ବ୍ୟବସ୍ଥାକୁ ଆହୁରି ଭଲ ଭାବରେ ନିରୀକ୍ଷଣ କରିବି।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଗାମୀ ଭାରତ ଗସ୍ତ ସମୟରେ ମୁଁ ସେହି ଦେଶର ରାଜ୍ୟ 'ଓଡ଼ିଶା'କୁ ଯାଇ ସେଠାକାର କୃଷି ନିରୀକ୍ଷଣ କେନ୍ଦ୍ର ପରିଦର୍ଶନ କରିବି, ଯେଉଁଠାରେ ସରକାରୀ କର୍ମଚାରୀମାନେ କୃଷକମାନଙ୍କୁ ସମୟୋପଯୋଗୀ ଆଧୁନିକ ମାର୍ଗଦର୍ଶନ ଦେବା ପାଇଁ "ଡିପିଆଇ" ବ୍ୟବହାର କରୁଛନ୍ତି। 'ଆଧାର' ବ୍ୟବସ୍ଥାକୁ ମୁଁ ପୁଣି ଏଥିପାଇଁ ଧନ୍ୟବାଦ ଦେବି ଯେ ଏହାଦ୍ୱାରା ଓଡ଼ିଶାର ଏହି ନିରୀକ୍ଷଣ କେନ୍ଦ୍ରଗୁଡ଼ିକରେ ୭.୫ ନିୟୁତ ଭୂମିହୀନ କୃଷକ ଶୃଙ୍ଖଳିତ ଭାବେ ପଞ୍ଜିକୃତ ହୋଇପାରିଛନ୍ତି। ଭୂମିହୀନ କୃଷକମାନଙ୍କର କୌଣସି ଭୂମି ମାଲିକାନା ତଥ୍ୟାଧାର ନଥିଲେ ମଧ୍ୟ ସେମାନେ କେଉଁ ଫସଲ ଚାଷ କରୁଛନ୍ତି ସେ ବିଷୟରେ ଏହି ଡିଜିଟାଲ ବ୍ୟବସ୍ଥା ଦ୍ୱାରା ସରକାରୀ ଅଧିକାରୀମାନେ ଜାଣିପାରିବେ ଏବଂ ସେହି ଅନୁଯାୟୀ ଚାଷୀମାନଙ୍କ ଆବଶ୍ୟକ ମୁତାବକ ବିଭିନ୍ନ ସହାୟତା ଯୋଗାଇପାରିବେ। ଆହୁରି ମଧ୍ୟ କୃଷକମାନଙ୍କ ସହିତ ସେମାନଙ୍କର କୃଷି ସମ୍ବନ୍ଧୀୟ ସମସ୍ୟା ଓ ତା'ର ସମାଧାନ ପାଇଁ ସ୍ଥାନୀୟ ଭାଷାରେ କଥାବାର୍ତ୍ତା କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କରାଯାଇଛି। "ଚାଟବଟ୍" ଜରିଆରେ ଆରମ୍ଭ ହୋଇଥିବା ଏହି ଯୋଜନା ମାଧ୍ୟମରେ କୃଷି ସମ୍ବନ୍ଧୀୟ ସର୍ବଶେଷ ଓ ସବିଶେଷ ସୂଚନା ପାଇବା ସହଜ ହେଉଛି। ୨୦୧୮ ରୁ ଆରମ୍ଭ ହୋଇଥିବା ଏହି ସେବା ଅଧୀନସ୍ଥ କୀଟନାଶକ ପରିଚାଳନା କାର୍ଯ୍ୟକ୍ରମ ବର୍ତ୍ତମାନ ୪ ନିୟୁତରୁ ଅଧିକ ଚାଷୀଙ୍କ ନିକଟରେ ପହଞ୍ଚି ପାରିଛି ଏବଂ ଚାଷୀମାନେ ସେମାନଙ୍କ କ୍ଷତି ପରିମାଣ ୯୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରିଛନ୍ତି। ଏବେ ଭାରତର ଅନ୍ୟ ରାଜ୍ୟ ସମେତ ଇଥିଓପିଆ, ଶ୍ରୀଲଙ୍କା ଏବଂ ବିଶ୍ୱ ବ୍ୟାଙ୍କ ମଧ୍ୟ ଓଡ଼ିଶାର ଏହି ସେବା, ଅଭିଜ୍ଞତା ତଥା ବାୟୋମେଟ୍ରିକ୍ ଆଇଡି, ଡିଜିଟାଲ୍ ପେମେଣ୍ଟ ଆଦି ଜ୍ଞାନକୌଶଳ ଶିଖିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

ଏହି ସପ୍ତାହରେ, ମୁଁ ଓଡ଼ିଶାର ଏକ ସ୍ୱଳ୍ପ ଆୟକାରୀ ଗୋଷ୍ଠୀର କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରିବି, ଯେଉଁଠାରେ ବିଭିନ୍ନ ନିର୍ମାଣ ପ୍ରକଳ୍ପକୁ ଚୁକ୍ତିବଦ୍ଧଭାବେ ସମ୍ପୂର୍ଣ୍ଣ କରିବା ପାଇଁ ମହିଳାମାନଙ୍କୁ ସରକାରୀ କାର୍ଯ୍ୟକ୍ରମ ଦ୍ୱାରା ଦକ୍ଷ ଓ କୁଶଳୀ କରାଯାଇପାରୁଛି। ୨୦୧୮ଠାରୁ ଏହି କାର୍ଯ୍ୟକ୍ରମ ଜରିଆରେ ୨୨,୦୦୦ମହିଳା ଗୋଷ୍ଠୀଙ୍କୁ ୫୨, ୦୦୦ରୁ ଅଧିକ ପ୍ରକଳ୍ପ ନିର୍ମାଣରେ ସହାୟତା କରାଯାଇପାରିଛି, ଯାହା ମଧ୍ୟରେ ରାସ୍ତା, ଡ୍ରେନ୍, ଶୌଚାଳୟ ଆଦିର ନିର୍ମାଣ ମଧ୍ୟ ସାମିଲ ଅଛି। ଏକାଭଳି ଆହ୍ୱାନର ସମ୍ମୁଖୀନ ହେଉଥିବା ଅନ୍ୟ ଦେଶମାନଙ୍କ ପାଇଁ ଓଡ଼ିଶାର ଏହି କାର୍ଯ୍ୟକ୍ରମ ନିଶ୍ଚୟ ଅନୁକରଣୀୟ ହୋଇପାରେ। ଏହି କାର୍ଯ୍ୟକ୍ରମ ଏଇଥିପାଇଁ ଉଦାହରଣୀୟ ଯେ ଏଥିରେ ଅଂଶଗ୍ରହଣ କରୁଥିବା ମହିଳାମାନେ ପ୍ରକଳ୍ପର ଅଂଶୀଦାର ହେବା ସହିତ ବୈଷୟିକ କାମ, ହିସାବ ରକ୍ଷଣ, ଠିକା, ଚୁକ୍ତି ନିଷ୍ପତ୍ତି ଆଦି ସବୁ ପାଇଁ ତାଲିମ ପାଆନ୍ତି ଏବଂ ପ୍ରକଳ୍ପ ଯୋଜନା ଚୂଡ଼ାନ୍ତ କରିବା, ସେଥିପାଇଁ ବଜେଟ୍ ପ୍ରସ୍ତୁତ କରିବା, ନିର୍ମାଣ କାର୍ଯ୍ୟ ତଦାରଖ କରିବା ଏବଂ ନିର୍ମାଣ ସରିଯିବା ପରେ ତାହାର ରକ୍ଷଣାବେକ୍ଷଣରେ ମଧ୍ୟ ସାମିଲ ହୁଅନ୍ତି। ସେଭଳି କାର୍ଯ୍ୟକ୍ରମର ଅଂଶବିଶେଷ ହୋଇଥିବା କେତେକ ମହିଳାଙ୍କୁ ଭେଟିବାକୁ ମୁଁ ଆଗ୍ରହୀ ଅଛି। ସେମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ସେମାନଙ୍କ ସଫଳତାର କାହାଣୀ ସେମାନଙ୍କଠାରୁ ଶୁଣିବାକୁ ଚାହୁଁଛି।

ଭାରତ କିପରି ସହରାଞ୍ଚଳ ଦାରିଦ୍ର୍ୟ, ବିଶେଷକରି ମହିଳାମାନଙ୍କ ସମସ୍ୟା କ୍ଷେତ୍ରରେ ମୁକାବିଲା କରୁଛି ସେ ବିଷୟରେ ମୁଁ ଅଧିକ ଜାଣିବାକୁ ଅପେକ୍ଷା କରିଛି। ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ସହରୀ ଜନସଂଖ୍ୟା ମଧ୍ୟରୁ ଭାରତ ଅନ୍ୟତମ। ଭାରତର ବିଭିନ୍ନ ରାଜ୍ୟ ଓ ସହରରେ ୧୦୦ ନିୟୁତରୁ ଅଧିକ ଲୋକ ବସ୍ତିରେ ବାସ କରନ୍ତି, ଯେଉଁଠାରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବିଶୁଦ୍ଧ ପାନୀୟ ଜଳ ପରି ମୌଳିକ ସେବା ପାଇବା କଷ୍ଟସାଧ୍ୟ। ବିଶେଷକରି ଲିଙ୍ଗଗତ ଭେଦଭାବ ଓ ହିଂସା ଯୋଗୁଁ ମହିଳାମାନେ ବିଶେଷ ଅସୁରକ୍ଷିତ ବର୍ଗରେ ଆସୁଥିବାରୁ ବସ୍ତିମାନଙ୍କରେ ସେମାନଙ୍କ ଜୀବନଧାରଣକୁ ମଧ୍ୟ ମୁଁ ନିରୀକ୍ଷଣ କରିବାକୁ ଚାହୁଁଛି।

ଜଳବାୟୁ ପରିବର୍ତ୍ତନକୁ ରୋକିବା ପାଇଁ ଭାରତର ଅଭିନବ କ୍ଷମତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସାରା ବିଶ୍ୱର ବୈଜ୍ଞାନିକଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିବା କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା, ପୂର୍ବାନୁମାନକୁ ଭୁଲ୍ ସାବ୍ୟସ୍ତ କରୁଥିବା ପାଣିପାଗ, ସବୁଜ ଗୃହ ବାଷ୍ପ ଆଦି ସମସ୍ୟାରେ ଭାରତୀୟମାନେ ପ୍ରଭାବିତ ହୋଇସାରିଛନ୍ତି। ତେଣୁ ଏହିସବୁ ଜଳବାୟୁ ସଂକ୍ରାନ୍ତ ସମସ୍ୟାର ନିରାକରଣ ପାଇଁ ସଫଳ ଉଦ୍ଭାବନ, ଉତ୍ପାଦନ ଏବଂ ନିୟୋଜନ କାର୍ଯ୍ୟକ୍ରମ ଏ କ୍ଷେତ୍ରରେ ଭାରତର କ୍ଷମତାକୁ ସୂଚିତ କରୁଛି। ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁରେ ଫସଲ ଏବଂ ପଶୁମାନଙ୍କ ଉତ୍ପାଦକତା ବୃଦ୍ଧି ପାଇଁ ଆବଶ୍ୟକ ଗବେଷଣାରେ ଭାରତ ପୁଞ୍ଜି ବିନିଯୋଗ କରୁଛି ଏବଂ ଅକ୍ଷୟ ଶକ୍ତିର ଅଧିକରୁ ଅଧିକ ଉତ୍ପାଦନ ପାଇଁ ଯୋଜନା ବିସ୍ତାର କରୁଛି।

ବିଶ୍ୱକୁ ପରିବର୍ତ୍ତନ କରିବାକୁ ଯାଉଥିବା ଭାରତର ଅନେକ ଅଭିନବ ଉଦ୍ଭାବନ ମଧ୍ୟରୁ ଉପରୋକ୍ତ କ୍ଷେତ୍ରଗୁଡ଼ିକ କେତେକ ଉଦାହରଣ ମାତ୍ର। ଏହି ତାଲିକାରେ ମୁଁ ଆହୁରି ଅନେକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିପାରିବି ଏବଂ ମୁଁ ନିଶ୍ଚିତ ଯେ ମୋର ଚଳିତ ଭାରତ ଭ୍ରମଣ ସମୟରେ ମୁଁ ଅଧିକ କିଛି ନୂତନ ବିଷୟରେ ଜାଣିବାକୁ ପାଇବି। ମୁଁ ସେଠାରେ ରାଜନୈତିକ ନେତା, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ସହ କଥାବାର୍ତ୍ତା କରିବାକୁ ଅପେକ୍ଷା କରିଛି, ଯେଉଁମାନେ ଭାରତର ଅଭିନବ ଉଦ୍ଭାବନ ଉଦ୍ୟମରେ ଯୋଗଦାନ ଦେଇଛନ୍ତି। ବିଶ୍ୱକୁ ଆହୁରି ଅନେକ କିଛି ଅବଦାନ ଦେବାକୁ ଭାରତ ନିକଟରେ ଯଥେଷ୍ଟ ସମ୍ବଳ, କ୍ଷମତା, ଦକ୍ଷତା ଓ ବୁଦ୍ଧିମତ୍ତା ରହିଛି। ମୁଁ ଆଶାବାଦୀ ଯେ ଆଗାମୀ ଦିନରେ ଏକ ନବ୍ୟ ସାମ୍ୟବାଦୀ ବିଶ୍ୱ ଗଠନରେ ଭାରତ ନେତୃତ୍ୱ ନେବ। **(ବିଶ୍ୱବିଖ୍ୟାତ ଆଇଟି ଉଦ୍ୟୋଗପତି ତଥା 'ବିଲ ଆଣ୍ଡ ମେଲିଣ୍ଡା ଗେଟ୍‌ସ ଫାଉଣ୍ଡେସନ୍'ର ଅଧ୍ୟକ୍ଷ ବିଲ୍ ଗେଟ୍‌ସଙ୍କ ଭାରତ ଓ ଓଡ଼ିଶା ଗସ୍ତ ଅବ୍ୟବହିତ ପୂର୍ବରୁ ସେ ଦେଇଥିବା ବାର୍ତ୍ତା)**

ସୌଜନ୍ୟ: GatesNotes.com

# ବଳିପ୍ରଥାର ଅନ୍ତ କେବେ?



ଅକ୍ଷୟ କୁମାର ମିଶ୍ର
କଟକ, ମୋ: ୯୯୩୮୭୬୩୨୩୭

ଦୈନିକ ଖବର କାଗଜରେ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଏକ ଖବର ପ୍ରକାଶ ପାଏ। ସେହି ଖବରଟି ଯେତିକି ଲୋମହର୍ଷଣକାରୀ ସେତିକି ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ। ଖବରଟିର ଶୀର୍ଷକ ହୁଏ 'ଦେବୀ ପୀଠ ହେଲା ରକ୍ତ ରଞ୍ଜିତ'। ମନସ୍କାମନା ପୂରଣ ପାଇଁ ମାନସିକ କରିଥିବା ଲୋକମାନଙ୍କର ଇଚ୍ଛା ଫଳବତୀ ହେବା ପରେ ମାଆଙ୍କ ଉପରେ ଖୁସି ହୋଇ କାହିଁ କେତେ ଦୂରରୁ କୁକୁଡ଼ା, ଛେଳି, ମେଣ୍ଢା ଧରି ଧାଇଁ ଆସିଥିଲେ ରକ୍ତ ଦେଇ ଦେବୀମାତାଙ୍କୁ ସନ୍ତୁଷ୍ଟ କରିବାକୁ। ସବୁଠାରୁ ଅଧିକ ବିଡ଼ମ୍ବନା ହେଉଛି ଘଟଣା ସ୍ଥଳରେ ପୁଲିସ ତଥା ସ୍ଥାନୀୟ ବିଭିନ୍ନ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହୁଥିଲେ ମଧ୍ୟ ଏଭଳି କାର୍ଯ୍ୟକୁ ନିରବରେ ଦେଖଣାହାରୀ ସାଜନ୍ତି।

ଏକବିଂଶ ଶତାବ୍ଦୀରେ ମଣିଷ ପାଦ ଥାପିଲାଣି। ବିଜ୍ଞାନର ଉତ୍କର୍ଷତା ହେତୁ ଆମେ ଜହ୍ନ ରାଇଜର ଠିକଣା ପାଇ ସାରିଲୁଣି। ମଙ୍ଗଳ ଅଭିଯାନର ସଫଳତା ହାତ ପାଆନ୍ତାରେ। ତଥାପି ଅନ୍ଧବିଶ୍ୱାସର ବୁଢ଼ିଆଣୀ ଜାଲରେ ପଡ଼ି ଆମେ ଛଟପଟ ହେଉଛୁ। ସେହି ଅନ୍ଧବିଶ୍ୱାସଗୁଡ଼ିକ ମଧ୍ୟରେ ଏକ କଳଙ୍କିତ ପ୍ରଥା ହେଲା ବଳି ପ୍ରଥା। ଦେବାଦେବୀଙ୍କୁ ପ୍ରସନ୍ନ କରି ଅଲୌକିକ ଶକ୍ତିର ଅଧିକାରୀ ହେବା ନିମନ୍ତେ ମଣିଷ ନିଜର ବୁଦ୍ଧି, ବିବେକ, ଜ୍ଞାନକୁ ଉପଯୁକ୍ତ ମାର୍ଗରେ ବିନିଯୋଗ ନ କରି ସ୍ୱାର୍ଥାନ୍ଧ ପାଲଟି ଯାଉଛି। ବିଭିନ୍ନ ପ୍ରକାରର ପଶୁ, ପକ୍ଷୀ ଏପରିକି ମଣିଷକୁ ବିଶେଷକରି ଠାକୁରାଣୀଙ୍କ ସମ୍ମୁଖରେ ବଳି ପକାଇ ସେହି ଜୀବର ରକ୍ତକୁ ଦେବୀଙ୍କୁ ଅର୍ପଣ କରୁଛି। ଏମିତି ଏକ ବୀଭତ୍ସ ପ୍ରଥା ପ୍ରତି ଅନେକଙ୍କର ନାପସନ୍ଦ ଥିଲେ ମଧ୍ୟ ଧର୍ମୀୟ ଭାବପ୍ରବଣତାରେ ଶିକାର ହୋଇ ସେମାନେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିପାରୁ ନାହାନ୍ତି। ପ୍ରକାରାନ୍ତରେ ଏହାକୁ ସମର୍ଥନ ଜଣାଉଛନ୍ତି। ପୁନଶ୍ଚ ଏହାକୁ ବିରୋଧ କଲେ ଦେବୀଙ୍କର ରୋଷର ଶିକାର ହେବାକୁ ପଡ଼ିବ ବୋଲି ଏକ ଅହେତୁକ ଭୟ ମଧ୍ୟ ଅନେକଙ୍କୁ ଗ୍ରାସ କରୁଛି। ଆମେ ଏମିତି ଏକ ଧର୍ମୀୟ ଧାରଣା ଦ୍ୱାରା ଆକ୍ରାନ୍ତ ଯେ ସମସ୍ତ ବୈଜ୍ଞାନିକ ପ୍ରମାଣ ଆମ ସମ୍ମୁଖରେ ଥିଲେ ମଧ୍ୟ କଳ୍ପିତ ଦେବାଦେବୀଙ୍କ ଅଦୃଶ୍ୟ ଶକ୍ତି ଆମ ଜୀବନର ଘଟଣା ପ୍ରବାହକୁ ନିୟନ୍ତ୍ରଣ କରୁଛି ବୋଲି ଆମର ଅଖଣ୍ଡ ବିଶ୍ୱାସ। ଏହି ବିଶ୍ୱାସକୁ ଆଧାର କରି କାହିଁ କେଉଁ ପ୍ରାଚୀନ କାଳରୁ କୁତ୍ସିତ ବଳି ପ୍ରଥା ପ୍ରଚଳିତ, ଯାହା ତନ୍ତ୍ର ସାଧନାର ମୂଳପିଣ୍ଡ। ଏହି ତନ୍ତ୍ର ସାଧକମାନଙ୍କର ବାଖ୍ୟା ହେଲା- ଛାଗ ବଳି ଦେଲେ ବାଗ୍ମୀ, ମେଷ ବଳି ଦେଲେ କବିତ୍ୱ ପ୍ରାପ୍ତି ହୁଏ। ମଇଁଷି ବଳି ଦେଲେ ଧନସମ୍ପଦ ବୃଦ୍ଧି ହୁଏ, ରାଜଗାଦି ମିଳେ। ମୃଗ ବଳି ଦେଲେ ମୋକ୍ଷ ପ୍ରାପ୍ତି ଓ ମଣିଷ ବଳି ଦେଲେ ଧନସମ୍ପଦ ବୃଦ୍ଧି ହୁଏ, ରାଜଗାଦି ମିଳେ, ସମସ୍ତଙ୍କୁ ବଶୀଭୂତ କରିବାର କ୍ଷମତା ମିଳିଯାଏ। ଅତୀତରେ ମେରିଆ ବଳି ପ୍ରଥା ଅର୍ଥାତ୍ ହଳଦୀ କିଆରିରେ ନରବଳି ଦେଲେ ଧରଣୀ ମାତା ସନ୍ତୁଷ୍ଟ ହୋଇ ଫସଲ ଅଜାଡ଼ି ଦେବେ ବୋଲି ଆମ ରାଜ୍ୟର ଅନେକ ଲୋକ ବିଶ୍ୱାସ କରୁଥିଲେ। ସେହିପରି ଅନେକ ରାଜପରିବାର ପ୍ରଚଳନ କରିଥିବା ଗଡ଼ଚଣ୍ଡୀ ପୂଜାରେ ମଧ୍ୟ ଏହି ଅମାନବୀୟ କାର୍ଯ୍ୟ ଜନସମ୍ମୁଖରେ କରାଯାଉଥିଲା। ଯାହାର ପ୍ରଭାବ ଆମ ରାଜ୍ୟର ଅନେକ ଜାଗାରେ ଆଜିବି ଦୃଷ୍ଟିଗୋଚର ହୁଏ। ବହୁ ଚଣ୍ଡୀ ମନ୍ଦିରରେ ଏବେ ବି ପଶୁବଳି ପାରମ୍ପରିକ ରୀତି ଅନୁଯାୟୀ ଚାଲିଛି। କଳାହାଣ୍ଡି ଜିଲ୍ଲାରେ ହେଉଥିବା ଛତର ଯାତ୍ରା, ବଲାଙ୍ଗୀର ଜିଲ୍ଲାର ଶୁଳିଆ ଯାତ୍ରା, ସମ୍ବଲପୁର ଜିଲ୍ଲାର ବଏଲ୍ ଯାତ୍ରାରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପଶୁପକ୍ଷୀ ବଳି ପଡ଼ୁଛି। ଏହାବ୍ୟତୀତ ବହୁ କାଳୀ ମନ୍ଦିରରେ କାଳୀପୂଜା ସମୟରେ, ଚଣ୍ଡୀପୀଠରେ ଦୁର୍ଗାପୂଜା ସମୟରେ ଊଣାଅଧିକେ ସବୁ ଜିଲ୍ଲାରେ ପଶୁବଳି ଚାଲିଛି ସମସ୍ତଙ୍କ ଜ୍ଞାତସାରରେ।

ବିଡ଼ମ୍ବନା ହେଉଛି ୧୮୫୧ ମସିହାରେ ଇଂରେଜ ସରକାରଙ୍କ ସମୟରୁ ମେରିଆ ବଳି ପ୍ରଥା ନିଷିଦ୍ଧ ଘୋଷିତ ହୋଇଛି। ପଶୁ ସୁରକ୍ଷା ନିମିତ୍ତ ୧୯୬୦ ମସିହାରେ ଆମ ଦେଶରେ ଗଢ଼ା ହୋଇଛି 'ପ୍ରିଭେନସନ୍ ଅଫ କ୍ରୁୟେଲିଟି' ନାମକ କେନ୍ଦ୍ରୀୟ ଆଇନ। ଏକ ଜନସ୍ୱାର୍ଥ ମାମଲାରେ ଆମ ରାଜ୍ୟର ଉଚ୍ଚ ନ୍ୟାୟାଳୟ ପଶୁବଳିକୁ ନିଷିଦ୍ଧ ଘୋଷଣା କଲା ପରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହି ରାୟ ଉପରେ ମୋହର ଲଗାଇଛନ୍ତି। ତଥାପି ଚାଲିଛି ଏହି ବର୍ବରୋଚିତ କାର୍ଯ୍ୟ। ନାହିଁ ପ୍ରତିବନ୍ଧକ। ବହୁ ପ୍ରତିଷ୍ଠିତ ରାଜନେତା ଏହାକୁ ସମର୍ଥନ କରୁଛନ୍ତି। ପ୍ରଶାସନ ନୀରବଦ୍ରଷ୍ଟା ସାଜୁଛି। ଏହାର ପ୍ରଭାବ ସାଧାରଣ ଲୋକଟି ଉପରେ ପଡ଼ୁଛି। ସେ ଧରି ନେଉଛି ପଶୁବଳି ଦେଲେ ଅଧିକ ଦୈବୀକୃପା ମିଳିବ। ଏଥିପାଇଁ ମାନସିକ କରୁଛି। ସଂଯୋଗକ୍ରମେ ଯଦି ଇଚ୍ଛା ପୂରଣ ହୋଇଗଲା ତେବେ ଛେଳି, ମେଣ୍ଢା, କୁକୁଡ଼ା ଧରି ଧାଉଁଛି ସେହି ଦେବୀପୀଠକୁ।

ମଣିଷର ବର୍ବରତା ପଶୁବଳି ପାଖରେ ଅଟକି ଯାଇ ନାହିଁ। ତନ୍ତ୍ର ସାଧନାର ଅନ୍ତିମ ପର୍ଯ୍ୟାୟ ହେଉଛି ନରବଳି। ଏହି ତାନ୍ତ୍ରିକମାନେ ନିଜ ସାଧନାର ଭୂମି ଭାବରେ ନିଘଞ୍ଚ ଜଙ୍ଗଲର କୌଣସି ଏକ ନିର୍ଜନ ସ୍ଥାନ, ନଚେତ୍ ପାହାଡ଼ର ଶିଖରଦେଶ, ନହେଲେ ଜନପଦଠାରୁ ଦୂରରେ ଥିବା କୌଣସି ଏକ ପରିତ୍ୟକ୍ତ ଗୃହ ବା ଶ୍ମଶାନକୁ ଚୟନ କରନ୍ତି। ଅମାପ ଅଦୃଶ୍ୟ ଅଲୌକିକ ଶକ୍ତିର ଅଧିକାରୀ ହେବା ପାଇଁ ଏମାନେ ନରବଳି ଦେଇ ଆରାଧ୍ୟ ଦେବୀଙ୍କୁ ପ୍ରସନ୍ନ କରିବାକୁ ଚାହାନ୍ତି। ମାୟାଜାଲରେ ଫସାଇବାକୁ ଚେଷ୍ଟା କରନ୍ତି ଦୁର୍ବଳମନା ଲୋକଙ୍କୁ। ଏମାନେ ଏମିତି ଏକ ଅବାସ୍ତବ ଦୁନିଆର ପରିକଳ୍ପନା କରିବସନ୍ତି, ଯାହାକୁ ହାତମୁଠାରେ ପାଇବା ପାଇଁ ରକ୍ତର ସମ୍ପର୍କକୁ ମଧ୍ୟ ତୁଚ୍ଛ ମନେ କରନ୍ତି ଇନ୍ଦ୍ରଜାଲରେ ଛନ୍ଦି ହୋଇଥିବା ଲୋକମାନେ। ଏହି ପୈଶାଚିକ ପ୍ରବୃତ୍ତିରୁ ନିଜ ପୁଅ ଝିଅ ବି ବାଦ୍ ପଡ଼ନ୍ତି ନାହିଁ। ଏହି ସମ୍ପର୍କିତ ଖବର ଆମକୁ ବାରମ୍ବାର ମର୍ମାହତ କରିଚାଲିଛି। କେତେବେଳେ ମାଆ ତାନ୍ତ୍ରିକ କଥାରେ ଗୁପ୍ତଧନ ପାଇବା ଲୋଭରେ ପଡ଼ି ନିଜ ଶିଶୁକନ୍ୟାକୁ ବଳି ଦେବାର ଖବର, କେତେବେଳେ ବାପ ନିଜ ଶିଶୁପୁତ୍ରକୁ ପୁଣି କେତେବେଳେ କାକା ପୁତୁରାକୁ ଅଥବା ଝିଆରୀକୁ ବଳି ଦେବାର ଖବର ସମାଜକୁ ସ୍ତବ୍ଧ କରିଦେଉଛି। ଆମ ରାଜ୍ୟରେ ପ୍ରତିବର୍ଷ ହାରାହାରି ଆଠ ଜଣ ଶିଶୁ ଏହିପରି ଯୂପକାଷ୍ଠରେ ଚଢ଼ୁଛନ୍ତି। ଏହାବ୍ୟତୀତ ବହୁ ଶିଶୁ ନିଖୋଜ ହେଉଛନ୍ତି, ଯେଉଁମାନଙ୍କୁ ଏଭଳି କୁତ୍ସିତ ପ୍ରଥାର ଯେ ଶିକାର ହେବାକୁ ପଡ଼ିନଥିବ ଏହା କିଏ କହିବ ?

ବଳି ପ୍ରଥା ସପକ୍ଷରେ ବେଶ୍ କିଛି ଲୋକ ଅଦ୍ଭୁତ ଯୁକ୍ତି ଉପସ୍ଥାପନ କରି କୁହନ୍ତି ପ୍ରତିଦିନ ହଜାର ହଜାର ଛେଳି, ମେଣ୍ଢା, ଘୁଷୁରୀ, ଗୋରୁଗାଈ, କୁକୁଡ଼ା, ବତକ ହଣା ହେଉଛନ୍ତି। ସେ ଦିଗରେ ତ କାହିଁ ପ୍ରତିବାଦ ହେଉନି? କିନ୍ତୁ ସେମାନେ ବୁଝିବା ଦରକାର ମାଂସ ପାଇଁ ମଣିଷ ଏହି ସବୁ ପଶୁପକ୍ଷୀ ଚାଷ କରିଥାଏ ଏବଂ ପୁଷ୍ଟିକର ଖାଦ୍ୟର ଚାହିଦା ପୂରଣ କରେ। ଖାଦ୍ୟ ପାଇଁ ପଶୁପକ୍ଷୀ ମାରିବା ଏବଂ କଳ୍ପନା ରାଇଜର ଦେବାଦେବୀଙ୍କୁ ପ୍ରସନ୍ନ କରିବା ନିମନ୍ତେ ପଶୁବଳି ଓ ନରବଳି ଦେବା ଏକାକଥା ନୁହେଁ। ଏମାନଙ୍କର ଯୁକ୍ତିକୁ ଯଦି ଗ୍ରହଣ କରି ନିଆଯାଏ ତେବେ ମଣିଷକୁ ଖାଦ୍ୟ ବିନା ବଞ୍ଚିବାକୁ ହେବ, ସେ ଶାକାହାରୀ ହେଉ ଅବା ମାଂସାଶୀ ହେଉ, ଯାହା ଆଦୌ ସମ୍ଭବ ନୁହେଁ। ଅନ୍ୟ କଥାଟି ହେଲା, ବଳି ଦେଲେ ଯେ ଅଲୌକିକ ଶକ୍ତିର ଜଣେ ଅଧିକାରୀ ହେବ, ଗୁପ୍ତ ଧନ ପ୍ରାପ୍ତି ହେବ, ମନସ୍କାମନା ପୂରଣ ହେବ ଏହା ସମ୍ପୂର୍ଣ୍ଣ କପୋଳକଳ୍ପିତ, ଅମୂଳକ, ଅନ୍ଧବିଶ୍ୱାସ।

ଅବଶ୍ୟ ବହୁ ବୁଦ୍ଧିଜୀବୀ ଏହି କୁତ୍ସିତ ପରମ୍ପରା ବିରୋଧରେ ଅତୀତରେ ସ୍ୱରତ୍ତୋଳନ କରିଛନ୍ତି, ଏବେ ମଧ୍ୟ କରୁଛନ୍ତି। ବହୁ ସ୍ୱେଚ୍ଛାସେବୀ ସଂଗଠନ ଏହା ବିରୋଧରେ ପ୍ରତିବାଦ କରୁଛନ୍ତି। ଏହି ବିରୋଧ ଓ ପ୍ରତିବାଦକୁ ଅଧିକ ଜୋରଦାର କରିବାକୁ ପଡ଼ିବ। ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବାକୁ ହେବ। ରାଜନୈତିକ ଇଚ୍ଛାଶକ୍ତି ବିନା ପଶୁବଳି ବା ନରବଳି ଭଳି ଜଘନ୍ୟ ଅପରାଧର ମୂଳୋତ୍ପାଟନ ଅସମ୍ଭବ। ଆଇନ ତିଆରି କରିଦେଲେ ଆପଣାଛାଏଁ କାର୍ଯ୍ୟକାରୀ ହୋଇଯାଏ ନାହିଁ। କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସରକାର ଓ ପ୍ରଶାସନ ଉଭୟଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

**ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ଦେଖି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି**

# ବରମୁଣ୍ଡା ବସ୍ ଟର୍ମିନାଲରେ ହେବ ଫାଣ୍ଡି

**ଭୁବନେଶ୍ୱର, ୨୬।୨ (ସମିସ):** ନିକଟରେ ଉଦ୍‌ଘାଟିତ ହେବାକୁ ଥିବା ଡଃ ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲରେ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ସେଠାରେ ଏକ ଫାଣ୍ଡି (ପୁଲିସ୍ ଆଉଟପୋଷ୍ଟ) ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଦୈନିକ ଏହି ବସ୍‌ଷ୍ଟାଣ୍ଡରେ ପ୍ରାୟ ୩୫ରୁ ୪୫ହଜାର ଯାତ୍ରୀଙ୍କ ଯାତାୟାତ ହେବାର ଆକଳନ କରାଯାଇ ସେମାନଙ୍କୁ ସୁରକ୍ଷିତ ଯାତ୍ରା ଯୋଗାଇଦେବାକୁ ଏହି ଫାଣ୍ଡିରେ ୮୯ ଜଣ ପୁଲିସ୍ କର୍ମଚାରୀ ନିୟୋଜିତ ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶଯୋଗ୍ୟ ଯେ '୫-ଟି' ଉପକ୍ରମରେ ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହା ଲୋକାର୍ପିତ ହେବ। ଏଠାକୁ ଦୈନିକ ୭୦୦ରୁ ୮୦୦ ବସ୍ ଯାତାୟାତ କରିବ। ଭବିଷ୍ୟତରେ ବସ୍ ସଂଖ୍ୟା ୧୭୦୦ରୁ ୧୮୦୦କୁ ବୃଦ୍ଧି ପାଇପାରେ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ସମୟରେ ବସ୍ ଟର୍ମିନାଲ୍ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିବା ସମୟରେ ଅଧିକାରୀ ଓ ସ୍ଥାନୀୟ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ଏଠାରେ ଏକ ପୁଲିସ୍ ଆଉଟପୋଷ୍ଟ ପାଇଁ ପ୍ରସ୍ତାବ ଆସିଥିଲା। ଏ ବିଷୟରେ ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ ଏଠାରେ ପୁଲିସ୍ ଆଉଟପୋଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହି ଟର୍ମିନାଲରେ ଯାତ୍ରୀଙ୍କ ପାଇଁ ରେସ୍ତୋରାଁ, ବହୁତଳ କାର୍ ପାର୍କିଂ, ଆହାର କେନ୍ଦ୍ର, ଯାତ୍ରୀଙ୍କୁ ନେବାଆଣିବା ସୁବିଧା, ୧୪୪ଟି ବସ୍ ବେ, ସିଟି ବସ୍-ବେ' ଓ ଦୋକାନବଜାର ଆଦିର ସୁବିଧା ରହିବ। ଏଥିପାଇଁ ଏଠାରେ ସୁରକ୍ଷାର ଯଥେଷ୍ଟ ଗୁରୁତ୍ୱ ରହୁଛି। ଏହି ଫାଣ୍ଡିରେ ନିଯୁକ୍ତ ହେବାକୁ ଥିବା ୮୯ଜଣ ପୁଲିସ୍ କର୍ମଚାରୀଙ୍କ ମଧ୍ୟରୁ ୨ ଜଣ ସବ୍-ଇନ୍‌ସପେକ୍ଟର, ୯ଜଣ ଆସିଷ୍ଟାଣ୍ଟ ସବ୍-ଇନ୍‌ସପେକ୍ଟର, ୪ଜଣ ହାବିଲ୍‌ଦାର, ୭୨ଜଣ କନଷ୍ଟେବଲ ଓ ୨ଜଣ ଡ୍ରାଇଭର ରହିବେ ବୋଲି ନିଷ୍ପତ୍ତି ହୋଇଛି।

> **ନିଯୁକ୍ତ ହେବେ ୮୯ ପୁଲିସ କର୍ମଚାରୀ**
>
> **'୫-ଟି' ଅଧ୍ୟକ୍ଷଙ୍କ କ୍ଷେତ୍ର ସମୀକ୍ଷା ବେଳେ ହୋଇଥିଲା ଆଲୋଚନା**

**■ ମା'-ପୁଅଙ୍କ ରହସ୍ୟଜନକ ମୃତ୍ୟୁ**

# ପରକୀୟା ପ୍ରୀତି ପ୍ରଘଟ ଭୟରେ ତଣ୍ଟିଚିପି ମାରିଥିଲେ ଯାଆ ଓ ପ୍ରେମିକ

**ବ୍ରହ୍ମପୁର/ପାତ୍ରପୁର,୨୬।୨(ସମିସ):** ସାମନ୍ତିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଚୁଡ଼ିଆଲାଞ୍ଜି ଗ୍ରାମରେ ମାଆ-ପୁଅଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଉପରୁ ପରଦା ହଟାଇଛି ଜରଡ଼ା ଥାନା ପୁଲିସ୍। ପରକୀୟା ପ୍ରୀତି ପ୍ରଘଟ ହେବା ଭୟରେ ଯାଆ ଡି. ଗୁନ୍ନାମା ଓ ତାଙ୍କ ପ୍ରେମିକ ଜି. ଦେବେନ୍ଦ୍ର ରେଡ୍ଡୀ ମିଳିତ ଭାବେ ମାଆ-ପୁଅଙ୍କୁ ହତ୍ୟା କରିଥିବା ପୁଲିସ କହିଛି। ଉଭୟଙ୍କୁ ଆଜି ପୁଲିସ କୋର୍ଟଚାଲାଣ କରିଛି।




ସୂଚନାଯୋଗ୍ୟ ଯେ' ଗତ ୨୪ ତାରିଖରେ ଡି.ମୋହନ ରେଡ୍ଡୀଙ୍କ ଘରେ ତାଙ୍କ ପତ୍ନୀ ଡି. ନୀଳବେଣୀ ଓ ୭ ବର୍ଷର ପୁଅ ଡି. ଋଷିଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଶୋଇଥିବା ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ଘଟିଥିଲା। ଏ ସଂପର୍କରେ ଡି. ମୋହନ ରେଡ୍ଡୀ ଥାନାରେ ଏତଲା ଦେଇଥିଲେ। ଘଟଣାର ତଦନ୍ତ କରି ପୁଲିସ ଉପରୋକ୍ତ ଦୁଇଜଣଙ୍କୁ ଗିରଫ କରିଥିଲା। ଜେରା ସମୟରେ ଉଭୟେ ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ବଖାଣିବା ସହ ହତ୍ୟା କରିଥିବା ସ୍ୱୀକାର କରିଥିବା ଜଣାପଡ଼ିଛି। ଉଭୟ ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଅଭିଯୋଗକାରୀ ଡି.ମୋହନ ରେଡ୍ଡୀଙ୍କ ଭାଇ ଡି.ଧନଞ୍ଜୟଙ୍କ ପତ୍ନୀ ଡି. ଗୁନ୍ନାମାଙ୍କ ସହ ସେହି ଗ୍ରାମର ଜି. ଦେବେନ୍ଦ୍ର ରେଡ୍ଡୀଙ୍କର ଅନୈତିକ ସମ୍ପର୍କ ଥିଲା। ଯାହା ଡି.ମୋହନ ରେଡ୍ଡୀଙ୍କ ପତ୍ନୀ ମୃତ ଡି.ନୀଳବେଣୀ ଜାଣିପାରିଥିଲେ। ଏହାକୁ ସେ ତୀବ୍ର ବିରୋଧ କରିବା ସହ ପରିବାରଲୋକଙ୍କୁ ଜଣାଇ ଦେବାକୁ ଧମକ ଦେଇଥିଲେ। ତେବେ ଘଟଣା ପ୍ରଘଟ ହେବା ଭୟରେ ନୀଳବେଣୀଙ୍କୁ ରାସ୍ତାରୁ ହଟାଇବାକୁ ଉଭୟ ଦେବେନ୍ଦ୍ର ଓ ଗୁନ୍ନାମା ଯୋଜନା କରିଥିଲେ। ଗତ ୧୮ ତାରିଖ ବିଳମ୍ବିତ ରାତିରେ ନୀଳବେଣୀ ଓ ତାଙ୍କ ପୁଅ ଡି.ଋଷି ଏକାଠି ଶୋଇଥିବା ବେଳେ ସେମାନେ ପ୍ରଥମେ ନୀଳବେଣୀଙ୍କୁ ତଣ୍ଟି ଚିପି ତାଙ୍କୁ ହତ୍ୟା କରିଥିଲେ। ଏହି ସମୟରେ ପୁଅର ନିଦ ଭାଙ୍ଗିଯିବାରୁ ଧରାପଡ଼ିଯିବା ଭୟରେ ଉଭୟ ତାକୁ ବି ହତ୍ୟା କରିଥିଲେ।

**■ ପଥଚାରୀଙ୍କ ପାଇଁ ପୁରୁଣା ଅଠରନଳା ସେତୁ ବନ୍ଦ ପ୍ରସଙ୍ଗ**

# ଜବାବ ଦାଖଲ ପାଇଁ ସମୟ ନେଲା ଏଏସ୍ଆଇ

**କଟକ,୨୬।୨(ସମିସ):** ପୁରୀର ଅନ୍ୟତମ ପ୍ରବେଶ ଦ୍ୱାର କୁହାଯାଉଥିବା ପୁରୁଣା ଅଠରନଳା ସେତୁକୁ ବନ୍ଦ କରିଦିଆଯିବା ଏବଂ ନିର୍ମିତ ହୋଇଥିବା ୨ଟି ନୂତନ ବ୍ରିଜରେ ପାଦଚଲା ରାସ୍ତା ନଥିବାରୁ ପଥଚାରୀ ଅସୁବିଧା ସମ୍ମୁଖୀନ ହେଉଥିବା ଅଭିଯୋଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ଏଏସଆଇ(ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା) ଜବାବ ଦାଖଲ କରିପାରିନାହିଁ। ଏହି ପ୍ରସଂଗରେ ଏଏସ୍ଆଇକୁ ହାଇକୋର୍ଟ ପୂର୍ବରୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ଏହି ସେତୁକୁ କ'ଣ ପାଇଁ ଏଏସଆଇ ପକ୍ଷରୁ ବନ୍ଦ କରାଯାଇଛି, ସେ ସମ୍ପର୍କରେ ଜବାବ ଦାଖଲ କରିବାକୁ କହିଥିଲେ ହାଇକୋର୍ଟ। ଜବାବ ଦାଖଲ ପାଇଁ ଏଏସ୍ଆଇ ଆଉ ୧୫ଦିନ ସମୟ ଲୋଡ଼ିଥିବା ବେଳେ ହାଇକୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଏହି ପ୍ରସଂଗରେ ଜବାବ ଦାଖଲ କରିବାକୁ କହିଛନ୍ତି ହାଇକୋର୍ଟ। ଆଇନଜୀବୀ କେଳୁଚରଣ ପାଇକରାୟଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୮କୁ ଧାର୍ଯ୍ୟ ହୋଇଛି।






## ରୂପାନ୍ତରିତ ସ୍ୱାସ୍ଥ୍ୟ ଭିତ୍ତିଭୂମି

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଆମ ହସ୍ପିଟାଲ' ଉଦ୍‌ଘାଟିତ





**ବାଙ୍ଗୁରିଗାଁ, ୨୬ ।୨(ସମିସ)**

ପ୍ରତିଟି ଜୀବନ ମୂଲ୍ୟବାନ ଏହି ମନ୍ତ୍ରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ 'ଆମ ହସ୍ପିଟାଲ'ର ରୂପାନ୍ତିକରଣ ଯୋଜନାରେ ସୋମବାର ପୁରୀ ଜିଲ୍ଲାରେ ୫ଟି ସ୍ଥାନରେ 'ଆମ ହସ୍ପିଟାଲ' ଉଦ୍‌ଘାଟନ ହୋଇଛି । ଏହି ଅବସରରେ ପୁରୀ ଜିଲ୍ଲାର କାକଟପୁର ବ୍ଲକ ବାଙ୍ଗୁରିଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ 'ଆମ ହସ୍ପିଟାଲ'କୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି । ଏହି ଅବସରରେ ଗୃହରାଷ୍ଟ୍ର ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ ଫଳକ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କୁ ଶତାଧିକ ଲୋକ କୃତଜ୍ଞତା ଅର୍ପଣ କରିଛନ୍ତି ।

**ନିମାପଡ଼ା:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱାରା ଆଭାସୀ ମାଧ୍ୟମରେ ଦ୍ୱିତୀୟ ପର୍ଯ୍ୟାୟ 'ଆମ ହସ୍ପିଟାଲ' ଲୋକାର୍ପଣ ହୋଇଯାଇଛି । ନିମାପଡ଼ାରେ ଠାରେ ୧କୋଟି ୩୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୫-ଟି ରୂପାନ୍ତିକରଣ ଆମ ହସ୍ପିଟାଲ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ ହୋଇଯାଇଛି । ଉତ୍ସବରେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିରଜା ଶଙ୍କର ରଥ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ସମ୍ପାଦକ ସନ୍ତୋଷ ଓଝା, ନାରୀନେତ୍ରୀ କୈଶଲ୍ୟା ସାହୁ, ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟଚିକିତ୍ସାଧିକାରୀ କ୍ଷମାନିଧି ସେଠୀ, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଶାନ୍ତ କୁମାର ସାମନ୍ତରାୟ, ସବଜେଲର ଭବାନୀ ଶଙ୍କର ପୃଷ୍ଟି, ଫାର୍ମାସିଷ୍ଟ, ଆଇ ତ୍ରିନାଥ ପାତ୍ର, କନିଷ୍ଠଯନ୍ତ୍ରୀ ଶକ୍ତିବ୍ରତ ଜେନା, ପୂର୍ବତନ ନଗରପାଳ ସନାତନ ପ୍ରଧାନ, କାଉନସିଲର ଧନୁର୍ଦ୍ଧର ଦାସ, ରାଜକିଶୋର ସାହୁ, ଅନୁସୂୟା ପାଣି, ସିଡିପିଓ ତନୁପ୍ରଭା ବେହୁରା, ସତ୍ୟଜିତ ଆଚାର୍ଯ୍ୟଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।



**ସାକ୍ଷୀଗୋପାଳ:** ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଟି ୩୧୬ନଂ ଜାତୀୟ ରାଜପଥ ଉପରେ ଅବସ୍ଥିତ ଥିବାରୁ ସକାଳୁ ରାତି ପର୍ଯ୍ୟନ୍ତ ରୋଗୀଙ୍କ ଗହଳି ଲାଗିଥାଏ । ଏପରିକି ରାଜପଥ ଉପରେ ଦୁର୍ଘଟଣା ଜନିତ ଘଟଣା ଗୁଡିକ ପ୍ରଥମେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥାଏ । ଏହାକୁ ନଜର କରି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅନୁରୋଧକୁ ରକ୍ଷା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରଚେଷ୍ଟା ଫଳରେ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ 'ଆମ ହସ୍ପିଟାଲ' ଉଦ୍‌ଘାଟିତ ହୋଇଯାଇଛି । ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ବେଳେ ସାକ୍ଷୀଗୋପାଳରେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସହିତ ସାକ୍ଷୀଗୋପାଳ ମେଡିକାଲର ଇନିଚାର୍ଯ୍ୟ ଡ. ଦେବାଶିଷ ନାୟକ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ, ଫ୍ୟାମିଲ ୱେଲଫେୟାର ଏଡିଏମ ଡ. ଚନ୍ଦ୍ରକାନ୍ତି ମିଶ୍ର, ଅଳଗୁମ ସ୍ୱାସ୍ଥ୍ୟ କେନ୍ଦ୍ରର ଉନିଚାର୍ଜ ଡ, ବିଶ୍ୱଜିତି ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ, ବାସନ୍ତୀ ନାୟକ, ଡ, ପିତମ ବାଗ, ଫାମାସିଷ୍ଟ ସୁରେଶ ଚନ୍ଦ୍ର ନନ୍ଦ, ବିପିଏମ ଜ୍ୟୋତି ରଞ୍ଜନ ଶତପଥି, ବିଇଓ କ୍ଷେତ୍ରମଣୀ ସେଠୀଙ୍କ ସହିତ ମେଡିକାଲର ଡାକ୍ତର, ନର୍ସ ଓ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ସେହିପରି ନାରୀନେତ୍ରୀ କନକଲତା ପଣ୍ଡା, ସୁପରଭାଇଜର ମିତାନାଗ, ପେଣ୍ଡପଡ଼ା ସରପଞ୍ଚ ଚିନ୍ମୟ ରାଉତ, ମୂଳଅଳସା ସରପଞ୍ଚ ଦେବୀ ପ୍ରସାଦ ଘଟୁଆରୀ, ଯଯାତି କେଶରୀ ରାୟ, ପ୍ରଶାନ୍ତ କୁମାର ମହାପାତ୍ର, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଓ ମହିଳା ଗୋଷ୍ଠୀର ମା ମାନେ ଉପସ୍ଥିତ ଥିଲେ ।

## ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

**ନୟାହାଟ, ୨୭ ।୨(ସମିସ):** ନୟାହାଟ ନିକଟସ୍ଥ ବିନିଶୁପୁର ପଞ୍ଚାୟତରେ ସରପଞ୍ଚ ବାନାମ୍ବର ମାଣିକ ଙ୍କ ସୋମବାର ଦିନ ପରଲୋକ ଘଟିଛି । ଯୋଗେଶ୍ୱପୁର ଠାରେ ଥିବା ନିଜ ବାସ ଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ବିୟୋଗରେ ଯୋଗେଶ୍ୱପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁ ରେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର କୁମାର ବିଟି, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ଦାସ, ସହ ସମ୍ପାଦକ ତ୍ରିଲୋଚନ ପରିଡ଼ା ପ୍ରମୁଖ ସ୍ୱର୍ଗତ ମାଣିକଙ୍କ ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ଦେଇ ଆତ୍ମାର ସଦଗତି ଲାଗି ପ୍ରାର୍ଥନା କରିଥିଲେ ।

## ଫେରାର୍ ୱାରେଣ୍ଟି ଗିରଫ

**ନୟାହାଟ, ୨୬ ।୩(ସମିସ):** ରବିବାର ରାତିରେ ନୟାହାଟ ବଜାରରୁ ମଧୁବନ ଗ୍ରାମର ଶ୍ରବଣ ସାହୁ ନାମକ ଜଣେ ଯୁବକକୁ ପୁଲିସ ଗିରଫ କରିଥିବା ଖବର ମିଳିଛି । ଏସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାରକୁ ପଚାରିବାରୁ ଶ୍ରବଣ ନାମରେ ଏକାଧିକ ମାମଲା ରହି ଥିବା ବେଳେ ଭୁବନେଶ୍ୱରରେ ଏକ ଅପରାଧ ଘଟଣାରେ ଗତ ଚାରି ବର୍ଷ ତଳେ ଭୁବନେଶ୍ୱରରେ ଅଦାଲତ କୋର୍ଟରେ ୱାରେଣ୍ଟ ନଂ ୫୮୭ /୨୦୨୦ରେ ୱାରେଣ୍ଟି ଜାରୀ ହୋଇଥିଲା । ନୟାହାଟ ବଜାରରୁ ପୁଲିସ ହାତରୁ ଶ୍ରବଣ କୁମାର ଥରେ ଖସି ଯାଇଥିଲା । ନୟାହାଟ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି ।

## ପର୍ଯ୍ୟଟକ ବସ୍‌ରରେ ଲାଗିଲା ନିଆଁ ; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ




**ପିପିଲି, ୨୬ ।୨(ସମିସ):** ପିପିଲି ଟୋଲ ପ୍ଲାଜା ନିକଟରେ ଏକ ଘରୋଇ ପର୍ଯ୍ୟଟକ ବସ୍‌ରେ ଅଗ୍ନୀକାଣ୍ଡ ଘଟିଥିବା ବେଳେ ବସ କର୍ମଚାରୀ ଏବଂ ସେଠାରେ ଉପସ୍ଥିତ ଲୋକମାନଙ୍କ ସହଯୋଗ ଫଳରେ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ଯାତ୍ରୀମାନେ ବର୍ତ୍ତି ଯାଇଛନ୍ତି । ସୋମବାର ବାଲେଶ୍ୱର ଜିଲ୍ଲାର ଚନ୍ଦନେଶ୍ୱର ଅଞ୍ଚଳର ଯାତ୍ରୀମାନେ ପୁରୀରୁ ଜଗନ୍ନାଥ ଦର୍ଶନ ଶେଷ କରି ଘରକୁ ଫେରୁଥିବାବେଳେ କଳ୍ପନା ନାମକ ଯାତ୍ରୀବହୀ ବସ୍ ନଂ ଓଡ଼ି ୦୧ ଏସ ୭୧୭୧ପଛ ପାର୍ଶ୍ୱର ବାମ ପାର୍ଶ୍ୱ ଚକରେ ଅଗ୍ନୀକାଣ୍ଡ ଘଟି ଜୋରରେ ଧୂଆଁ ବାହାରିଥିଲା । ତେବେ ଏହା ଟୋଲ ପ୍ଲାଜା ନିକଟରେ ଜଣା ପଡ଼ିବା ପରେ ହେଲପର ଏବଂ ସ୍ଥାନୀୟ ଲୋକେ ଦେଖିବା ପରେ ବସଟିକୁ ଅଟକାଇ ଥିଲେ । ଏହାପରେ ପିପିଲି ଅଗ୍ନୀଶମ ବିଭାଗ ପହଞ୍ଚି ନିଆଁ ଲିଭାଇଥିଲେ । ଏହାପରେ ଅନ୍ୟ ବସ୍‌ରେ ଯାତ୍ରୀମାନଙ୍କୁ ଘରକୁ ପଠାଯାଇଥିଲା । ତେବେ ଏହି ଅଘଟଣରେ କେହି ଯାତ୍ରୀ ଆହାତ ହୋଇନଥିବା ଜଣାପଡ଼ିଛି ।

## ବିଜେଡିରେ ମିଶିଲେ ଉଚ୍ଛୁପୁର ପଞ୍ଚାୟତରେ ୨୦ ପରିବାର

**ବଳଙ୍ଗା, ୨୬ ।୨(ସମିସ):** ନିମାପଡ଼ା ନିର୍ବାଚନ ମଣ୍ଡଳୀର ଉଚ୍ଛୁପୁର ପଞ୍ଚାୟତର ୨୦ ପରିବାର ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ଜନକଲ୍ୟାଣ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଛନ୍ତି । ଏହି ମିଶ୍ରଣ କାର୍ଯ୍ୟକ୍ରମ ରେ ପୁରୀ ଜିଲ୍ଲା ବିଜେଡ଼ି ସଭାପତି ଦିବାକର ପାତ୍ର, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ, ଉଚ୍ଛୁପୁର ପଞ୍ଚାୟତ ସରପଞ୍ଚ ସୁରେଶ ମଙ୍ଗରାଜ, ଋତୁରାଜ ମହାନ୍ତି ପ୍ରଭୃତି ନେତୃମଣ୍ଡଳୀ ଉପସ୍ଥିତ ଥିଲେ । ଏହାଦ୍ୱାରା ଦଳ ଅଧିକ ଦୃଢୀଭୂତ ହେବ ବୋଲି ଜିଲ୍ଲା ସଭାପତି ପ୍ରକାଶ କରିଛନ୍ତି ।



## ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ମିଥ୍ୟା ମାମଲା; ପ୍ରତିବାଦରେ ମହିଳାଙ୍କ ଧାରଣା

**ନୟାହାଟ, ୨୬ ।୨(ସମିସ)**

ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତ ସରପଞ୍ଚ ମୋନାଲିସା ସିଂହଙ୍କ ସ୍ୱାମୀ ଅଭିମନ୍ୟୁ ସିଂହଙ୍କ ନାମରେ ରବିବାର ହୋଇଥିବା ଏକ ମିଥ୍ୟା ମକଦ୍ଦମାର ପ୍ରତିବାଦ କରି ୫୦ରୁ ଅଧିକ ବିଜେଡି ମହିଳା ଫାଣ୍ଡି ଆଗରେ ଧାରଣା ଦେଇଥିଲେ । ଫାଣ୍ଡି ଅଧିକାରୀ କୁନାଲ କୁମାର ଘଟଣାର ନିରପେକ୍ଷ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ମହିଳାମାନେ ଧାରଣାରୁ ଉଠିଥିଲେ । ପ୍ରକାଶ ଯେ ଧୂମାଳ ପଞ୍ଚାୟତର ମହିଳା ମହାସଂଘର ସ୍ୱାଗତିକା ବାରିକ (ସିଆରପି) ଏକ ମିଥ୍ୟା ଅଭିଯୋଗ ଅଭିମନ୍ୟୁ ସିଂହଙ୍କ ନାମରେ ଫାଣ୍ଡିରେ ଅଭିଯୋଗ କଲାପରେ ପୁଲିସ ପକ୍ଷରୁ ୮୩/୨୪ ରେ ମାମଲା ରୁଜୁ ହୋଇଥିଲା । ଅପରପକ୍ଷରେ ମିଲି କାଣ୍ଡିଙ୍କ ଅଭିଯୋଗ ଉପରେ ସ୍ୱାଗତିକା ବାରିକ ସମତେ ତିନି ଜଣଙ୍କ ନାମରେ ୮୫/୨୪ ରେ ମାମଲା ରୁଜୁ ହୋଇଛି । ଏସମ୍ପର୍କରେ ନୟାହାଟ ଫାଣ୍ଡି ଅଧିକାରୀ କୁନାଲ କୁମାରଙ୍କୁ ପଚାରିବାରୁ ପୁଲିସିର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଅଭିମନ୍ୟୁ ସିଂହଙ୍କ ନାମରେ ହୋଇଥିବା ମକଦ୍ଦମାର କୌଣସି ସତ୍ୟତା ନାହିଁ । ଦୁଇ ଜଣ କଂଗ୍ରେସର କୁଜି ନେତାଙ୍କ କଥାରେ ସ୍ୱାଗତିକା ବାରିକ ପରିଚାଳିତ ହୋଇ ଏକ ଏତଲା ଦେଇଥିଲେ, ଏତଲାକୁ ଭିତ୍ତିକରି ମକଦ୍ଦମା ରୁଜୁ କରିଥିଲେ । ତଦନ୍ତ ପରେ ପୁଲିସ ଜାଣିବାକୁ ପାଇଲା ଯେ ଗୋପ ବ୍ଲକର ମହିଳା ମହାସଂଘର ସଭାପତିଙ୍କ ଠାରୁ ପୁଲିସ ବୁଝିବାରୁ ଜଣାପଡ଼ିଲା ଯେ ଏକ ଆକ୍ରୋଶମୂଳକ କାର୍ଯ୍ୟକୁ ନେଇ ଅଭିମନ୍ୟୁ ସିଂହଙ୍କୁ ବଦନାମ କରାଯାଉଛି ।






## ୧୯୩୬ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ

**ଗୋପ, ୨୬ ।୨(ସମିସ):** ରାଜ୍ୟ ସରକାର ବରିଷ୍ଠ ନାଗରିକଙ୍କ ଲାଗି ଅନେକ ଯୋଜନା ପ୍ରଣୟନ କରିଥିବା ବେଳେ ନିକଟରେ ରାଜ୍ୟ ସରକାର ମଧୁବାବୁ ପେନସନ ଯୋଜନାରେ ୫୦୦ ଟଙ୍କା ବୃଦ୍ଧି କରିଛନ୍ତି ଯାହା ବରିଷ୍ଠ ନାଗରିକଙ୍କ ଲାଗି ବେଶ ସହାୟକ ହେବ ବୋଲି ଗୋପ ପଞ୍ଚାୟତ ସମିତି ବୈଠକ ଗୃହରେ ଅନୁଷ୍ଠିତ ନୂତନ ହିତାଧିକାରୀଙ୍କ ଭଲୟଲଲ ବଣ୍ଟନ କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମତବ୍ୟକ୍ତ କରିଛନ୍ତି । ଗୋପ ବ୍ଲକର ୩୧ଟି ପଞ୍ଚାୟତର ୨୧୦୦ ହିତାଧିକାରୀ ଯୋଜନାରେ ସାମିଲ ହୋଇଥିବା ବେଳେ ୧୯୩୬ ଜଣ ହିତାଧିକାରୀଙ୍କୁ ସୋମବାର ନୂତନ ଭତ୍ତା ପ୍ରଦାନ କରାଯାଇଛି ।ପୂର୍ବରୁ ଗୋପ ବ୍ଲକରେ ୧୩ହଜାର ୬ସହ ୪୨ ଜଣ ବରିଷ୍ଠ ନାଗରିଗ ମଧୁବାବୁ ପେନସନ ଯୋଜନାରେ ଭତା ପାଉଥିବା ବେଳେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୯ହଜାର ୫ସହ ୪୯ ଜଣ ଭତ୍ତା ପାଉଥିଲେ । ରାଜ୍ୟ ସରକାର ବର୍ଦ୍ଧିତ ଭତ୍ତା ଘୋଷଣା କରିବା ପରେ ସମସ୍ତ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ରାଶି ପ୍ରଦାନ କରିବା ପକ୍ରିୟା ଜାରି ରହିଛି ବୋଲି ବିଡ଼ିଓ ଛବିରାଣୀ ସାହୁ ସୂଚନା ଦେଇଥିଲେ । ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାର କାନ୍ତି ବେହେରା, ବ୍ଲକ ଅଧକ୍ଷା ଝୁନୁ ମଲିକ, ସାଂସଦଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ସରପଞ୍ଚ ମହେଶ୍ୱର ସ୍ୱାଇଁ, ଜଗବନ୍ଧୁ ବରାଳ, ଉପେନ୍ଦ୍ର କାନୁନଗୋ, ସୁଶାନ୍ତ ପରିଡ଼ା, ପ୍ରମୁଖ ଉପସ୍ଥିତ ଥିଲେ ।

## ୧୯୭୭ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ଅସ୍ତରଙ୍ଗ, ୨୬ ।୨(ସମିସ):** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟର ୧୯୭୭ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଦିନ ଅସ୍ତରଙ୍ଗର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ତଥା ସର୍ବଧର୍ମ ସମନ୍ୱୟର ପୀଠ ପୀର ଜାହାନିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ରଛାତ୍ରୀମାନେ ସେମାନଙ୍କର ପରିବାର ବର୍ଗଙ୍କ ସହିତ ଯୋଗଦେଇ ନିଜ ନିଜର ସ୍କୁଲ ବେଳର ସ୍ମୃତି, ଅନୁଭୂତିକୁ ମନେ ଚାଇଥିଲେ । ପରେ ସମସ୍ତ ଛାତ୍ରଛାତ୍ର ଜାହାନିଆ ବେଳାଭୂମିରେ ପଡ଼ିଥିବା ବର୍ଜ୍ୟବସ୍ତୁକୁ ସଫା କରିବା ସହିତ ପର୍ଯ୍ୟଟକଙ୍କୁ ପରିବେଶ ସମ୍ବନ୍ଧୀୟ ବିଭିନ୍ନ ସୂଚନା ଦେଇଥିଲେ । ସମସ୍ତ ବନ୍ଧୁମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମ ଖୁବ ସରସସୁନ୍ଦର ହୋଇପାରିଥିଲା । ଏଥିରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ପାତ୍ରପଡ଼ା ପଥର ଖଣିରୁ ଗଳିତ ଶବ ଉଦ୍ଧାର ଘଟଣା

# ୩ ମହିଳା ଓ ୩ ପୁରୁଷ ଅଭିଯୁକ୍ତ ଗିରଫ

**ଡେଲାଙ୍ଗ, ୨୬।୨(ସମିସ):** ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅଧିନ ପାତ୍ରପଡ଼ା ପଥର ଖଣିରୁ ଗତ ୧୫ ତାରିଖରେ ପୁଲିସ ଏକ ଗଳିତ ମୃତଦେହ ଉଦ୍ଧାର କରିବା ସହିତ ନିକଟରେ ପଡ଼ିଥିବା ଏକ ମୋବାଇଲ ଫୋନ ଜବତ କରିଥିଲା । ଜବତ ଫୋନ ଜରିଆରେ ମୃତକଙ୍କ ପରିଚୟ ପାଇ ପୁଲିସ ଘରଲୋକଙ୍କୁ ଖବର ଦେଇଥିଲେ । ମୃତକଙ୍କ ପୁଅ ପିତାଙ୍କୁ ହତ୍ୟା କରାଯାଇଥିବା ନେଇ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ୬୧/୨୪ରେ ହତ୍ୟା ମାମଲା ରୁଜୁ କରିବା ସହିତ ବିଭିନ୍ନ ଦିଗରୁ ଅନୁସନ୍ଧାନ ଆରମ୍ଭ କରିଥିଲା । ତେବେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଓ ଏହାର ଚେର ମୃତକଙ୍କ ବାସସ୍ଥାନ ହିଞ୍ଜିଳି ଥାନା ଅଧିନ ସିକିରି ଗ୍ରାମ ପର୍ଯ୍ୟନ୍ତ ଲମ୍ବିଥିବା ଡେଲାଙ୍ଗ ଥାନା ଅଧିକାରୀ ଦେବାଶିଷ ମହାନ୍ତି ଜାଣିବାକୁ ପାଇଥିଲେ । ଏନେଇ ସୋମବାର ପୁରୀ ଆଡିସିନାଲ ଏସ୍‌ପି ବିଷ୍ଣୁ ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଡେଲାଙ୍ଗ ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ସୂଚନା ମୁତାବକ ମୃତକ ଭଗବାନ ପଣ୍ଡା(୫୬) ଅଭିଯୁକ୍ତ ଅରୁପମା ମହାପାତ୍ର(୪୯)ଙ୍କୁ କୌଣସି କାରଣରୁ ୩୦ ହଜାର ଟଙ୍କା ଦେବାକୁ ଥିବା ବେଳେ ବହୁଦିନ ବିତିଯାଇଥିଲେ ମଧ୍ୟ ଅରୁପମା ତାଙ୍କ ଟଙ୍କା ନପାଇ ବ୍ୟସ୍ତ ହେବା ସହିତ ତାଙ୍କ ସହଯୋଗୀ ଅଭିଯୁକ୍ତ ପ୍ରିତି ମଞ୍ଜରୀ ମିଶ୍ର(୩୦), ପ୍ରଭାତୀ ସ୍ୱାଇଁ(୪୬), ଦୀପକ ବେହେରା(୨୯), ରାକେଶ କୁମାର ହରିଚନ୍ଦନ(୩୦), ସଂଗ୍ରାମ ମହାପାତ୍ର(୨୭)ଙ୍କୁ ଘଟଣା ବିଷୟରେ ଜଣାଇଥିଲେ । ଅରୁପମା ରହୁଥିବା ଜଟଣୀସ୍ଥିତ ଭଡାଘରେ ହତ୍ୟାର ଷଡଯନ୍ତ୍ର ରଚନା କରାଯାଇଥିଲା । ପରେ ଅରୁପମା ନିଜ ସହଯୋଗୀଙ୍କ ସହିତ ଭଗବାନଙ୍କ ଗାଁକୁ ଯାଇ ତାଙ୍କୁ ସେଠାରୁ ବିଭିନ୍ନ ଆଳ ଦେଖାଇ ବ୍ରହ୍ମପୁର ସହରକୁ ନେଇ ଆସି ଗୋଟିଏ ନିକାଞ୍ଚନ ଘରେ ରଖି ମାଡ ମାରିବା ସହିତ ପଇସା ଫେରାଇବାକୁ କହିଥିଲେ । ପଇସା ନଥିବା ଭଗବାନ କହିବା ପରେ ଅରୁପମା ସହଯୋଗୀଙ୍କ ଜରିଆରେ ଭଗବାନଙ୍କୁ ସେଠାରୁ ଜଟଣୀ ନେଇ ଆସିଥିଲେ । ୧୦ ତାରିଖର ଘଟଣା, ଅରୁପମା ରହୁଥିବା ଜଟଣୀ ସ୍ଥିତ ଭଡାଘରେ ଭଗବାନଙ୍କୁ ମାରଧର ଆରମ୍ଭ ହେବା ସହିତ ପଇସା ମଗା ଚାଲିଥିଲା । ଭଗବାନଙ୍କ ସେହି ପୁରୁଣା ଉତ୍ତର ଶୁଣି ଅରୁପମା ଉତ୍କ୍ଷିପ୍ତ ହେବା ସହିତ ସଭିଏଁ ମିଶି ଭଗବାନଙ୍କୁ ନିସ୍ତୁକ ମାଡ ମାରିଥିଲେ । ମାଡରେ ଭଗବାନ ମୃତ୍ୟୁବରଣ କରିଥିବା ଅଭିଯୁକ୍ତମାନେ ପୁଲିସ ଆଗରେ ମାନି ନେଇଛନ୍ତି । ୧୧ ତାରିଖରେ ଭଗବାନ ମରିଯିବା ପରେ ତାଙ୍କ ମୃତ ଶରୀରକୁ ଜଟଣୀରୁ ଆଣି ପାତ୍ରପଡ଼ା ଠାରେ ଥିବା ଏକ ନିକାଞ୍ଚନ ପଥର ଖଣି ଭିତରେ ପକାଇ ଚମ୍ପଟ ମାରିଥିଲେ । ହତ୍ୟା ଘଟଣାର ପର୍ଦାଫାସ ହେବା ପରେ ଡେଲାଙ୍ଗ ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହିତ କୋର୍ଟଚାଲାଣ କରିଛି । ହତ୍ୟାରେ ବ୍ୟବହୃତ ୨ଟି ସ୍କୁଟି ଗାଡ଼ି ଓ ୧ଟି ହିରୋ ଗ୍ଲାମର ଗାଡ଼ିକୁ ପୁଲିସ ଜବତ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଆଡିସନାଲ ଏସ୍‌ପି ପତିଙ୍କ ସହିତ ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପଟେ କେଉଁ କାରଣରୁ ଭଗବାନ ଅଭିଯୁକ୍ତ ଅରୁପମାକୁ ଟଙ୍କା ଦେଇଥାନ୍ତେ ଓ ଏହି ଦୁଇଜଣଙ୍କ ମଧ୍ୟରେ କଣ ସମ୍ପର୍କ ରହିଥିଲା ଅଦ୍ୟାବଧି ଜଣାପଡ଼ିନଥିବା ବେଳେ ଆବଶ୍ୟକ ସ୍ଥଳେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରା ଉଚରା କରାଯିବ ବୋଲି ପୁଲିସ ସୂଚନା ଦେଇଛି ।



ଜଟଣୀରେ ମାରି ପାତ୍ରପଡ଼ା ଖଣିରେ ପକାଇଥିଲେ ଶବ



୨୬/୨/୨୦୨୪ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୨,୦୯,୯୩୨/-
ସୁନା: ୦୩.୧୦୦ ଗ୍ରାମ୍
ରୁପା: ୬୨.୬୦୦ ଗ୍ରାମ୍



# ନବନିର୍ବାଚିତ ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧନା



**ପୁରୀ, ୨୬।୨(ସମିସ):** ଜଗନ୍ନାଥ ବଲ୍ଲଭ ବ୍ୟାୟାମ କୁସ୍ତି ପରିଷଦ ପକ୍ଷରୁ ସୋମବାର ନବ ନିର୍ବାଚିତ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଜଗନ୍ନାଥ ବଲ୍ଲଭ ପରିସର ମହାବୀର ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ କ୍ରୀଡା ସଂସଦର ପୂର୍ବତନ ସାଧାରଣ ସମ୍ପାଦକ ରବିଶଙ୍କର ପ୍ରତିହାରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ବଲ୍ଲଭର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଗ୍ରାମ ଦାସ, ଲକ୍ଷ୍ମୀକାନ୍ତ ବେହେରା, ସନ୍ଦୀପ ଅଗ୍ରୱାଲ, ଶିବୁନା ଦାସ ପ୍ରମୁଖ ଯୋଗଦାନ କରି ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆଙ୍କୁ ପୁଷ୍ପଗୁଚ୍ଛ ସହ ତୈଳ ଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସାଂସଦ ନିଜ ଅଭିଭାଷଣରେ କହିଥିଲେ ଯେ, ଏହି କୁସ୍ତି ପରିଷଦ ସହ ସେ ପିଲାଟି ବେଳୁ ଜଡ଼ିତ। ସେ ମଧ୍ୟ ଏହି କୁସ୍ତି ପରିଷଦର ଜଣେ ସଦସ୍ୟ ଥିଲେ। ଶ୍ରୀସେତୁ କାର୍ଯ୍ୟ ହେବା ସମୟରେ ଏହି ବ୍ୟାୟାମ କୁସ୍ତି ଘର ଭାଙ୍ଗିଯିବାରୁ ସଦସ୍ୟମାନେ ହଇରାଣ ହେଉଛନ୍ତି। ଏହି ଘର ପୁନର୍ବାର ନୂତନ ଭାବେ ଗଢିଉଠିବ, ପୁଣି ଏଠାରେ ପିଲାମାନେ ଶିକ୍ଷା ଲାଭ କରିବେ। ଏହି ଘର ନୂତନ ଭାବେ ଗଢାଯିବା ପାଇଁ ସେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ମଞ୍ଜୁର କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟାୟାମ କୁସ୍ତି ପରିଷଦର ସଦସ୍ୟ ସହଯୋଗ କରିଥିଲେ।

# ପୁରୀ ଜିଲ୍ଲାର ୫ଟି 'ଆମ ହସ୍ପିଟାଲ' ଲୋକାର୍ପିତ

**ପୁରୀ, ୨୬।୨(ସମିସ)**

ରୋଗୀଙ୍କୁ ସୁବିଧା ଏବଂ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ଲାଗି ବିଭିନ୍ନ ପ୍ରକାର ଯୋଜନା କରିଛନ୍ତି ରାଜ୍ୟ ସରକାର। ଫଳରେ ଗରିବ ରୋଗୀଟିଏ ଆଜି ବଡ଼ ବଡ଼ ହସ୍ପିଟାଲରେ ଯାଇ ରୋଗର ଚିକିତ୍ସା କରିପାରୁଛି। ସ୍ୱାସ୍ଥ୍ୟସେବାକୁ ଆହୁରି ଲୋକାଭିମୁଖୀ କରିବା ଲାଗି ରାଜ୍ୟ ସରକାର ଆରମ୍ଭ କରିଛି ଆମ ହସ୍ପିଟାଲ ଭଳି ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି କ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୧୫ଟି ଜିଲ୍ଲାରେ ୬୭ଟି ଆମ ହସ୍ପିଟାଲ ଲୋକାର୍ପିତ କରିଛନ୍ତି। ଯେଉଁଥିରେ ପୁରୀ ଜିଲ୍ଲାର ୫ଟି ହସ୍ପିଟାଲ ସାମିଲ ଅଛି। ଏହି ହସ୍ପିଟାଲଗୁଡ଼ିକ ହେଉଛି ପୁରୀ ସଦର ବ୍ଲକସ୍ଥିତ ଜିଲ୍ଲା ହେଡ୍‌କ୍ୱାର୍ଟର ହସ୍ପିଟାଲ, ବ୍ରହ୍ମଗିରି ବ୍ଲକର ରେବେଣା ନୂଆଗାଁ, ନିମାପଡ଼ା, ସତ୍ୟବାଦୀର ସାକ୍ଷୀଗୋପାଳ ଏବଂ କାକଟପୁର ବ୍ଲକର ବାଙ୍ଗୁରୀଗାଁ ହସ୍ପିଟାଲ।

ଏଥିପାଇଁ ରେବେଣା ନୂଆଗାଁ ହସ୍ପିଟାଲ ସମ୍ମୁଖ କେରାଣ୍ଡିଆ ପଡ଼ିଆରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଜିଲ୍ଲାର ୫ଟି ଆମ ହସ୍ପିଟାଲକୁ ଲୋକାର୍ପିତ କରିଥିଲେ। ଏହି ସଭାରେ ବିଜେଡି ମୁଖପାତ୍ର ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାର ଖୁବ୍ କମ୍ ଦିନ ମଧ୍ୟରେ ଯେଉଁ ବୈପ୍ଲବିକ ପରିବର୍ତ୍ତନ ଆଣିଛନ୍ତି ତାହା ଦେଶ ପାଇଁ ଉଦାହରଣ ପାଲଟିଛି। ବିଏସ୍‌କେୱାଇଁ କାର୍ଡ ରୋଗୀଙ୍କ ପାଇଁ ସଞ୍ଜୀବନୀ ପାଲଟିଛି। ଏବେ ବଡ଼ ବଡ଼ ହସ୍ପିଟାଲକୁ ଯାଇ ଗରିବ ରୋଗୀ ଚିକିତ୍ସିତ ହୋଇପାରୁଛନ୍ତି ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଜାତା ମିଶ୍ର, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଜିଲ୍ଲାପାଳଙ୍କୁ ମହିଳା ମହାସଂଘର ଦାବିପତ୍ର ପ୍ରଦାନ

**ପୁରୀ, ୨୬।୨(ସମିସ):** କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନେ ଦର୍ଶାଇଛନ୍ତି ଯେ, ମହିଳା ସଂଘ ଦୀର୍ଘଦିନ ହେବ ସରକାରଙ୍କର ବିଭିନ୍ନ ଜନହିତକର କାର୍ଯ୍ୟରେ ସହଯୋଗ କରିଆସୁଛନ୍ତି। ରାଜ୍ୟ ସରକାରଙ୍କ ପ୍ରଦତ୍ତ ପ୍ରଦତ୍ତ ୟୁନିଫର୍ମ, ବ୍ଲେଜର ଓ ବିଭିନ୍ନ ସରକାରୀ ସହାୟତା ପାଇବାରେ ସମସ୍ୟା ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଛନ୍ତି। ଖୁବ୍‌ଶୀଘ୍ର ସରକାରଙ୍କ ପ୍ରଦତ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଲାଗି ସେମାନେ ନିବେଦନ କରିଛନ୍ତି।



## ଡକାୟତି ଯୋଜନା ପଣ୍ଡ

# ୫ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ: ଛୁରି, ଲୁହାରଡ୍ ଜବତ



**ପୁରୀ, ୨୬।୨(ସମିସ)**

ବଳିଆପଣ୍ଡା ଥାନା ପୁଲିସ ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି। ରବିବାର ବିଳମ୍ବିତ ରାତିରେ ଅନନ୍ୟା ପାମ୍ ବିଚ୍ ନିକଟରେ ଚଡାଉ କରି ୫ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଛି। ସେମାନେ ହେଲେ ଚୁଡ଼ଙ୍ଗସାହି ବଡୁ ମହାପାତ୍ର ଜାଗାର ଅଜିତ୍ ଦାସ୍ ଓରଫ୍ ମାଲୁଆ, ବାଲିସାହି ଖୁଣ୍ଟିଆ ବଗିଚାର ରବିନାରାୟଣ ନାୟକ, ବାଲିନୋଳିଆ ସାହିର ଲୋକନାଥ ସାହୁ, ନରସିଂହ ବଲ୍ଲଭ ପାଟଣା ମହାନ୍ତି ସାହିର ଦୀପୁ ବେହେରା ଓ ଜଗନ୍ନାଥ ବସ୍ତିର ଜଡ଼ ବେହେରା। ଏମାନଙ୍କଠାରୁ ପୁଲିସ ଛୁରୀ, କଟୁରୀ, ୨ଟି ଲୁହାରଡ, ଷ୍ଟିଲ ପାଇପ୍, ୨ ପ୍ୟାକେଟ ଲଙ୍କାଗୁଣ୍ଡ, ୬ଟି ଫାଙ୍କା ବିୟର ବୋତଲ, ଅଧାପୋଡ଼ା ସିଗାରେଟ୍ ଏବଂ ଗୋଟିଏ ଡିଆସିଲ ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କ ନାଁରେ ପୁରୀ ସହରର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ସମସ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି।

ପୁଲିସ ସୂଚନା ଅନୁଯାୟୀ, ରବିବାର ରାତିରେ ପାଟ୍ରୋଲିଂ ଚାଲିଥିଲା। ରାତି ପ୍ରାୟ ସାଢେ ୧୨ଟା ସମୟରେ ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଲା ଯେ, ୫ ଜଣ ଯୁବକ ଅନନ୍ୟା ପାମ୍ ବିଚ୍ ନିକଟରେ ବସି ଡକାୟତି ଯୋଜନା କରୁଛନ୍ତି। ସେମାନଙ୍କ ପାଖରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ରହିଥିବା ବେଳେ ନିକଟ ରାସ୍ତାରେ ଡକାୟତି କରିବା ଲାଗି କଥା ହେଉଥିଲେ। ଏହାପରେ ପାଟ୍ରୋଲିଂ କରୁଥିବା କର୍ମଚାରୀମାନେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ପୁଲିସ ଚାରିପଟୁ ଘେରିଯିବାରୁ ସେମାନେ ଖସିପାରି ନ ଥିଲେ। ଏହାପରେ ସମସ୍ତଙ୍କୁ କାବୁ କରିଥିଲା ପୁଲିସ। ଜେରା ବେଳେ ସେମାନେ ଡକାୟତି ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଏ ନେଇ ବଳିଆପଣ୍ଡା ଥାନାରେ ଏକ ମାମଲା (ନଂ.୪୫/୨୪) ରୁଜୁ କରାଯାଇଥିବା ବେଳେ ପୁଲିସ ସମସ୍ତଙ୍କୁ କୋର୍ଟଚାଲାଣ କରିଛି। ତେବେ ଅଭିଯୁକ୍ତ ମାଲୁଆ ବିରୋଧରେ ପୁରୀ ସହରର ବିଭିନ୍ନ ଥାନାରେ ୮ଟି ମାମଲା ରହିଥିବା ବେଳେ ରବିନାରାୟଣ ନାୟକ ବିରୋଧରେ ୬ଟି ମାମଲା, ଲୋକନାଥ ସାହୁ ବିରୋଧରେ ୯ଟି ମାମଲା, ଦୀପୁ ବେହେରା ବିରୋଧରେ ୭ଟି ମାମଲା ଏବଂ ଜଡ଼ା ବେହେରା ବିରୋଧରେ ବିଭିନ୍ନ ଥାନାରେ ୫ଟି ମାମଲା ରହିଛି ବୋଲି ପୁଲିସ କହିଛି।

# ଓଡ଼ିଆ ପାରମ୍ପରିକ ବେଶପୋଷାକରେ ବିଦେଶୀ



**ପୁରୀ, ୨୬।୨(ସମିସ):** ସେମାନେ ବିଦେଶୀ। ହେଲେ ଓଡ଼ିଆ କଳା, ସଂସ୍କୃତି, ଚାଲିଚଳଣି, ପର୍ବପର୍ବାଣିକୁ ବେଶ୍ ପସନ୍ଦ କରିଥାନ୍ତି। ରଥଯାତ୍ରା ହେଉ କି ହୋଲି ସେମାନେ ଏହି ପର୍ବରେ ସାମିଲ୍ ହୋଇଥାନ୍ତି। ବିଶେଷକରି ପୁରୀରେ ବର୍ଷତମାମ୍ ବିଦେଶୀ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳିଥାଏ। ଏମାନଙ୍କ ମଧ୍ୟରେ ଜାପାନୀ ପର୍ଯ୍ୟଟକ ହେଉଛି ସ୍ୱତନ୍ତ୍ର। ଯେଉଁମାନେ ଓଡ଼ିଆ ପରମ୍ପରା ଏବଂ ପର୍ବପର୍ବାଣୀକୁ ପାଳନ କରିବାକୁ ବିଶେଷ ରୁଚି ରଖିଥାନ୍ତି। ପୁରୀସ୍ଥିତ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ପକ୍ଷରୁ ଜାପାନୀ ପର୍ଯ୍ୟଟକଙ୍କ ରହଣି ଲାଗି ବିଶେଷ ଧ୍ୟାନ ଦିଆଯାଇଥାଏ। ସେମାନେ ଯେପରି ଭଲ ଅନୁଭୂତି ନେଇ ଫେରିବେ ତା' ଉପରେ ଫ୍ରେଣ୍ଡଶିପ୍ ସେଣ୍ଟରର ସଭାପତି ଶ୍ରୀମନ୍ତ ଦାଶ ଗୁରୁତ୍ୱ ଦେଇଥାନ୍ତି। ତେବେ ପୁରୀ ଆସିଥିବା କିଛି ଜାପାନୀ ପର୍ଯ୍ୟଟକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲାଇବାର ବ୍ୟବସ୍ଥା କରିଥିଲେ। ସେମାନେ କିନ୍ତୁ ନିଜର ପାଶ୍ଚାତ୍ୟ ପୋଷକ ନୁହେଁ, ଓଡ଼ିଆ ପାରମ୍ପରିକ ବେଶପୋଷକ ପରିଧାନ କରିବାକୁ କହିଥିଲେ। ଏହାପରେ ସମସ୍ତ ବିଦେଶୀ ନାଗରିକଙ୍କ ପାଇଁ ଶାଢୀ, ଶାଲୱାର ପଞ୍ଜାବୀ ବ୍ୟବସ୍ଥା କରିଥିଲେ ଶ୍ରୀ ଦାଶ। ସମସ୍ତେ ଓଡ଼ିଆ ଘରର ପାରମ୍ପରିକ ବେଶ ଶାଢୀ, ଶାଲୱାର ପଞ୍ଜାବୀ ପିନ୍ଧି ପରିକ୍ରମା ପ୍ରକଳ୍ପ ବୁଲିବାକୁ ଯାଇଥିଲେ।

# ବିଜେଡିରେ ମିଶିଲେ ବିଜେପି କର୍ମୀ



**ପୁରୀ, ୨୬।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ମଳ ଓ ସ୍ୱଚ୍ଛ ଭାବମୂର୍ତ୍ତି, ନୀତି, ଆଦର୍ଶ ଓ ଜନହିତକର କାର୍ଯ୍ୟକ୍ରମରେ ଆକୃଷ୍ଟ ହୋଇ ଭାରତୀୟ ଜନତା ପାର୍ଟି ତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି ବିଜେପି କର୍ମୀ। ଜିଲ୍ଲା ସଭାପତି ଦିବାକର ପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ସୁପୁତ୍ର ସୁନିଲ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଇଡିଭୂଆଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଳଶଙ୍ଖା ଗ୍ରାମର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ବିଜେପି କର୍ମୀ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ସମସ୍ତଙ୍କ ଯୋଗଦାନ ପୁରୀ ବିଜୁ ଜନତା ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରୁ ଆହୁରି ସୁଦୃଢ଼ କରିବ ବୋଲି କହିଛନ୍ତି ସୁନୀଲ।

# ତଦନ୍ତ ବ୍ୟାପକ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୬।୨(ସମିସ):** ପୁରୀ ବଳିଆପଣ୍ଡା ଥାନା ଅଞ୍ଚଳର ଜଣେ ଅଢ଼େଇ ବର୍ଷର ଶିଶୁକନ୍ୟାକୁ ଅପହରଣ ଅଭିଯୋଗ ମାମଲାରେ ତଦନ୍ତକୁ ବ୍ୟାପକ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏହି ମାମଲାରେ ପୁରୀ ଡିଏସ୍‌ପିଙ୍କ ପକ୍ଷରୁ ତଦନ୍ତ ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ଦାଖଲ ହୋଇଥିଲେ ମଧ୍ୟ ସିସିଟିଭି ଫୁଟେଜ୍‌ରୁ ସମ୍ପୃକ୍ତ ଶିଶୁକନ୍ୟାକୁ ଠାବ କରାଯାଇ ପାରିନଥିବା ବେଳେ ଅଧିକ ତଦନ୍ତ ପାଇଁ ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ଏମ୍.ଏସ୍.ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଜନୈକା ମହିଳା ତାଙ୍କର ଦୁଇ ଝିଅଙ୍କ ସହ ପୁରୀର ଏକ ହୋଟେଲ ନିକଟରେ ପଇଡ଼ ବିକ୍ରି କରୁଥିବା ବେଳେ ଜଣେ ମହିଳା ଓ ପୁରୁଷ ଏକ କାର୍‌ରେ ଆସିଥିଲେ। ସେହି ସମୟରେ ମହିଳାଙ୍କ ବଡ଼ଝିଅ କାର୍‌ରେ ଥିବା ଏହି ମହିଳା ଓ ପୁରୁଷଙ୍କୁ ପଇଡ଼ ଦେଇଥିଲେ। କିଛି ସମୟ ଭିତରେ ଅଢ଼େଇ ବର୍ଷର ଶିଶୁ କନ୍ୟାଟି କାର୍ ଆଡ଼କୁ ଯାଇଥିବା ବେଳେ ପଛରେ ବସିଥିବା ମହିଳାଜଣଙ୍କ ସେହି ଶିଶୁକନ୍ୟାଟିକୁ ଉଠାଇ ନେଇଥିଲେ। ପରେ ଶିଶୁକନ୍ୟାକୁ ନପାଇ ପରିବାର ପକ୍ଷରୁ ବଳିଆପଣ୍ଡା ଥାନାରେ ଏତଲା ଦିଆଯାଇଥିଲା। ହେଲେ ଏତଲା ଆଧାରରେ ମାସାଧିକ ସମୟ ପରେ କିଛି କାର୍ଯ୍ୟାନୁଷ୍ଠାନ ନହେବାରୁ ସମ୍ପୃକ୍ତ ଅପହୃତା ଶିଶୁ କନ୍ୟାର ପରିବାର ଗତ ୨୦୨୩ ଡିସେମ୍ବର ୧୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଡିଏସ୍‌ପିଙ୍କ ପକ୍ଷରୁ ତଦନ୍ତ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଇଥିଲା। ଏଥିରେ ୨ଗୋଟି କାର୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ ସରିଥିବା ବେଳେ ଆଉ ଗୋଟିଏ କାରର ଯାଞ୍ଚ ଚାଲିଛି। ସେହିପରି ସମ୍ପୃକ୍ତ ଶିଶୁକନ୍ୟାର ଫଟୋ ମଧ୍ୟ ପ୍ରସାରିତ କରାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ୨କୁ ଧାର୍ଯ୍ୟ ହୋଇଛି।

# ବଦଳିଲେ ୧୧ ଥାନାର ଆଇଆଇସି

ପୁରୀ, ୨୬।୨(ସମିସ): ପୁରୀ ଜିଲ୍ଲାର ୧୧ ଜଣ ଆଇଆଇସିଙ୍କ ସୋମବାର ବଦଳି ହୋଇଛି। ନିମାପଡ଼ା ଥାନାର ଆଇଆଇସି ଥିବା ବାମଦେବ ସ୍ୱାଇଁଙ୍କର ପୁରୀ ଟାଉନ ଥାନାକୁ ଆଇଆଇସି ଭାବେ ବଦଳି ହୋଇଥିବା ବେଳେ ଅସ୍ତରଙ୍ଗ ଥାନାର ଆଇଆଇସି ରାଜେଶ ବଳିଆରସିଂହଙ୍କର ପୁରୀ କୁମ୍ଭାରପଡ଼ା ଥାନାକୁ, କୁମ୍ଭାରପଡ଼ା ଥାନା ଆଇଆଇସି ଜୟଦୀପ ମହାନ୍ତିଙ୍କର ଗୋପ ଥାନାକୁ, କାକଟପୁର ଥାନାର ଆଇଆଇସି ଉମେଶ କୁମାର ସାହୁଙ୍କର ପିପିଲି ଥାନାକୁ, ପୁରୀ ଟାଉନ ଥାନାର ଆଇଆଇସି ସୁନୀଲ କୁମାର ପ୍ରଧାନଙ୍କର ଅସ୍ତରଙ୍ଗ ଥାନାକୁ, ଗୋପ ଥାନାର ଆଇଆଇସି ମହେଶ୍ୱର ସେଠୀଙ୍କର ପୁରୀ ଜିଲ୍ଲା ମୁଖ୍ୟାଳୟକୁ, କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କର ନିମାପଡ଼ା ଥାନାକୁ, ରାମଚଣ୍ଡୀ ଥାନାର ଆଇଆଇସି ସୁରେଶ କୁମାର ପୃଷ୍ଟିଙ୍କର କୃଷ୍ଣପ୍ରସାଦ ଥାନାକୁ, କୋଣାର୍କ ଥାନାର ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କର ରାମଚଣ୍ଡୀ ଥାନାକୁ, ପୁରୀ ଜିଲ୍ଲାରେ ଇନ୍ସପେକ୍ଟର ଭାବେ ଯୋଗଦେଇଥିବା ପ୍ରଶାନ୍ତ କୁମାର ପଢ଼ିଆରୀଙ୍କର କୋଣାର୍କ ଥାନାକୁ ଏବଂ ପିପିଲି ଥାନାର ଆଇଆଇସି ଦୀପକ କୁମାର ଖଣ୍ଡାୟତରାୟଙ୍କର କାକଟପୁର ଥାନାକୁ ଆଇଆଇସି ଭାବେ ବଦଳି ହୋଇଛି।

## ରାଜ୍ୟସ୍ତରୀୟ ଆନ୍ତଃ ଓକିଲ ସଂଘ କ୍ରିକେଟ୍

# ସମ୍ବଲପୁରକୁ ହରାଇ ଫାଇନାଲରେ ପୁରୀ

**ପୁରୀ, ୨୬।୨(ସମିସ):** ସ୍ଥାନୀୟ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ଚାଲିଛି ରାଜ୍ୟସ୍ତରୀୟ ଆନ୍ତଃ ଓକିଲ ସଂଘ କ୍ରିକେଟ ପ୍ରତିଯୋଗିତା। ଏଥିରେ ପ୍ରଥମ ଦଳ ଭାବେ ପୁରୀ ଓକିଲ ସଂଘ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ପୁରୀ ସମ୍ବଲପୁର ଓକିଲ ସଂଘକୁ ୭ ୱିକେଟରେ ପରାସ୍ତ କରିଛି। ଟସ୍ ଜିତି ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯୧ ରନ କରିଥିଲା। ପୁରୀ ଓକିଲ ସଂଘ ତରଫରୁ ଭଗବାନ ପଢ଼ିଆରୀ ୪ ଓଭରରେ ୧୩ ରନ ଦେଇ ୪ ୱିକେଟ ନେଇଥିବା ବେଳେ ସତ୍ୟବ୍ରତ ଷଡଙ୍ଗୀ ୩ ଓଭରରେ ୧୫ ରନ ଦେଇ ୨ ୱିକେଟ ନେଇଥିଲେ। ସମ୍ବଲପୁର ଦେଇଥିବା ଲକ୍ଷ୍ୟକୁ ପୁରୀ ଓକିଲ ସଂଘ ୩ ୱିକେଟ ବଦଳରେ ବିଜୟ ଲାଭ କରିଥିଲା। ତପନ କୁମାର ବାରିକି ୨୪ ରନ ଓ ଶ୍ରୀକୁମାର ମିଶ୍ର ୨୩ ରନ କରିଥିବାବେଳେ ଭଗବାନ ପଢ଼ିଆରୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ମୁଖ୍ୟଅତିଥି ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର ଓ ଆଇନଜୀବୀ ଚିତ୍ତରଞ୍ଜନ ମିଶ୍ର ଟ୍ରଫି ପ୍ରଦାନ କରିଥିଲେ। ପୁରୀ ଓକିଲ ସଂଘ କ୍ରିକେଟ ଦଳର କୋଚ୍ ଆଡଭୋକେଟ ସାରଦା ପ୍ରସାଦ ସାମଲଙ୍କ ରଣନିତୀକୁ ସମସ୍ତେ ପ୍ରଶଂସା କରିଥିବା ବେଳେ ପୁରୀ ସଂଘର ସମ୍ପାଦକ ଆଇନଜୀବୀ ବିଭୂତି ଶଙ୍କର ତ୍ରିପାଠୀ ଖେଳ ପରିଚାଳନା କରିଥିଲେ।




# ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ପୁରୀ, ୨୬।୨(ସମିସ):** ସତ୍ୟ ନାରାୟଣ କୁଷ୍ଠ ସେବା ସମିତି ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୁରୀ ନୀଳାଦ୍ରି ନିଳୟରେ ନୂତନ ଘର ନିର୍ମାଣ ବନ୍ଦ ସହ ସେହି ଜାଗାରେ କୁଷ୍ଠ ରୋଗୀଙ୍କ ନିମନ୍ତେ ପୁନଃ କୁଟୀର ଶିଳ୍ପ ସ୍ଥାପନ ଲାଗି ଦାବିପତ୍ର ଜରିଆରେ ଗୁହାରି କରିଛନ୍ତି। ପୁରୀ ଲୋକନାଥ ମନ୍ଦିର ନିକଟରେ ଥିବା ଜିବରାମ୍‌ଜୀ ପଲ୍ଲୀରେ ବାସ କରୁଥିବା କୁଷ୍ଠ ରୋଗୀଙ୍କ ନିମନ୍ତେ ବିଭିନ୍ନ ମୌଳିକ ସୁବିଧା, ବିଭିନ୍ନ ସରକାରୀ ସହାୟତା ସହ ରୋଜଗାର ଲାଗି ବ୍ୟବସ୍ଥା କରାଗଲେ ସେମାନେ ସ୍ୱାବଲମ୍ବୀ ହେବା ସହ ଭିକ୍ଷା ବୃତ୍ତିରୁ ଦୂରେଇବା ଲାଗି କହିଛନ୍ତି।



# ଭକ୍ତଙ୍କୁ ଲୁଟ୍ ସମୟରେ ମାଡ଼ିବସିଲା ପୁଲିସ

**ପୁରୀ, ୨୬।୨(ସମିସ):** ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ଭିଡ଼ର ସୁଯୋଗ ଦେଇ ଭକ୍ତଙ୍କୁ ଲୁଟ୍ କରୁଛନ୍ତି ଲୁଟେରା। କେତେକ ଘଟଣାରେ ଲୁଟେରା ଧରାପଡୁଥିଲେ ମଧ୍ୟ ଅନେକ ସମୟରେ ଖସିଯିବାକୁ ସକ୍ଷମ ହେଉଛନ୍ତି। ତେବେ ରବିବାର ମନ୍ଦିର ଭିତରେ ଜଣେ ଭକ୍ତଙ୍କୁ ଧକ୍କା ମାରି ତାଙ୍କ ମନିପର୍ସ ନେଇ ପଳାଇ ଯାଉଥିବା ବେଳେ ପୁଲିସ ହାତରେ ଧରାପଡ଼ିଛନ୍ତି ଜଣେ ଯୁବକ। ଗିରଫ ଅଭିଯୁକ୍ତ ତଳନୂଆସାହିର ଶିବ ବେହେରା (୩୧)। ଅଭିଯୋଗ ଅନୁଯାୟୀ, ଗତ ରବିବାର ସନ୍ଧ୍ୟା ସାଢେ ୬ଟା ସମୟରେ ଢେଙ୍କାନାଳର ଶ୍ୟାମସୁନ୍ଦର ସାହୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ସାତପାହଚ ବ୍ୟାରିକେଡରେ ଠିଆ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତ ଶିବ ପଛପଟୁ ଏକ ଧକ୍କା ମାରି ଶ୍ୟାମସୁନ୍ଦରଙ୍କ ପକେଟରୁ ମନିପର୍ସ ଲୁଟ୍ କରି ପଳାଉଥିଲେ। ଶିବ ପାଟି କରିବାରୁ ଡ୍ୟୁଟିରେ ଥିବା ପୁଲିସ ଶିବକୁ ମାଡ଼ି ବସିଥିଲେ। ଏ ନେଇ ସିଂହଦ୍ୱାର ଥାନରେ ଏକ ମାମଲା (ନଂ.୨୨/୨୪) ରୁଜୁ କରାଯାଇ ଶିବକୁ କୋର୍ଟଚାଲାଣ କରାଯାଇଥିବା ବେଳେ ତା'ଠାରୁ ଚୋରି ମନିପର୍ସ କରାଯାଇଛି। ଯେଉଁଥିରେ ୬, ୧୦୦ ଟଙ୍କା ରହିଥିବା ପୁଲିସ କହିଛି।

## ମୃତ୍ୟୁ ପରେ କିଡ୍‌ନୀ ଦାନ କଲେ ପରିବାର

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅଜିତ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ

**ପୁରୀ, ୨୬।୨(ସମିସ)**



ରୋଗରେ ପୀଡ଼ିତ ହେବା ପରେ ଚିକିତ୍ସା ପାଇଁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ବାଲେଶ୍ୱର ଜିଲ୍ଲା ଔପଦା ତଳକିଆର ଅଜିତ୍ କୁମାର ଚୌଧୁରୀ। ହେଲେ ଡାକ୍ତରଙ୍କ କଠିନ ପରିଶ୍ରମ ସତ୍ତ୍ୱ ତାଙ୍କ ମସ୍ତିଷ୍କ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଶେଷରେ ଗତ ରବିବାର ଡାକ୍ତର ତାଙ୍କ ମସ୍ତିଷ୍କ ମୃତ ଘୋଷଣା କରିଥିଲେ। ଏହାପରେ ତାଙ୍କ ପରିବାର ଅଙ୍ଗଦାନ ଭଳି ଏକ ମହତ୍ କାର୍ଯ୍ୟ ପାଇଁ ସହମତି ପ୍ରକାଶ କରିଥିଲେ। ଫଳରେ ତାଙ୍କ କିଡ୍‌ନୀକୁ ଡାକ୍ତରୀ ଦଳ ସୂକ୍ଷ୍ମ ପ୍ରଣାଳୀରେ ବାହାର କରିଥିଲେ। ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ଅନ୍ତିମ ସଂସ୍କାର କରାଯିବ ବୋଲି ଗତ ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଏହି ଘୋଷଣା ହେବା ପରେ ଦ୍ୱିତୀୟ ଅଙ୍ଗଦାନ କରିଛନ୍ତି ଅଜିତ୍। ତେବେ ପୁଅର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ପାଇଁ ତାଙ୍କ ପରିବାର ଇଚ୍ଛା କରିଥିଲେ। ତେଣୁ ସେମାନଙ୍କର ଏହି ଇଚ୍ଛାକୁ ସମ୍ମାନ ଜଣାଇ ଅଜିତ୍‌ଙ୍କ ଶେଷକୃତ୍ୟ ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ ହୋଇଛି। ସ୍ୱର୍ଗଦ୍ୱାରରେ ତାଙ୍କର ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ସତ୍କାର ସମୟରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡ. ଶରତ ଚନ୍ଦ୍ର ମହାପାତ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ ସହ ଅଜିତ୍‌ଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ।

ସକାଳ THE SAKALA



ରୂପାନ୍ତରିତ ସ୍ୱାସ୍ଥ୍ୟ ଭିତ୍ତିଭୂମି

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଆମ ହସ୍ପିଟାଲ' ଉଦ୍‌ଘାଟିତ

ନୟାଗଡ଼/ରଣପୁର/ଖଣ୍ଡପଡ଼ା, ୨୬।୨(ସମିସ): ରାଜ୍ୟର ୧୫ଟି ଜିଲ୍ଲାରେ ୬୭ ହସ୍ପିଟାଲ ରୂପାନ୍ତରୀତ କରାଯାଇ



ଆଜି 'ଆମ ହସ୍ପିଟାଲ' ଭାବେ ଉଦଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରାଯାଇଛି। ରଣପୁର ଡାକ୍ତରଖାନାଠାରୁ ସ୍ଥାନୀୟ ଜନସାଧାରଣ ଏବଂ ଜନପ୍ରତିନିଧି ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସହ ଯୋଡ଼ି ହୋଇଥିଲେ। ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଉଥିବା ଜନହିତକର ଯୋଜନାଗୁଡ଼ିକର ଲୋକପ୍ରିୟତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଆମ ହସ୍ପିଟାଲ ଦ୍ୱାରା ଜନସାଧାରଣ ଉପକୃତ ହୋଇପାରିବେ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଆଜି ୧୫ ଜିଲ୍ଲାର ୬୭ ଆମ ହସ୍ପିଟାଲକୁ ଉଦଘାଟନ କରିଛନ୍ତି। ନୟାଗଡ଼ଠାରେ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ସିଡିଏମଓ ରମାକାନ୍ତ ପଣ୍ଡା, ଏଡିଏମ୍ ଅଜୟ କୁମାର ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ। ରଣପୁରରେ ବିଧାୟକଙ୍କ ସମେତ ବିଡିଓ ସୁଧାର କୁମାର ନାୟକ, ଏନଏସି ଅଧ୍ୟକ୍ଷ ରଙ୍ଗୀନ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ପ୍ରଭାତ ଦଳବେହେରା, ସମସ୍ତ କାଉନସିଲର ପ୍ରମୁଖ ଯୋଗ ଦେଇଥିଲେ। ଖଣ୍ଡପଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଅଭିସାର ପଣ୍ଡା ସଂଯୋଜନା କରିଥିଲେ। ବିଡିଓ ଅଙ୍କୁର ଅଭିଳାଷ, ଏନ୍ଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳା ମହାରଣା, ବିଜୟ ସାମନ୍ତରାୟ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ରାଧେଶ୍ୟାମ କାଲୁ ପ୍ରମୁଖ ଉପସ୍ଥିତ ଥିଲେ।



ରାଜକିଆରୀ ପଥର ଖଣି ମାମଲାରେ ନୂଆ ମୋଡ଼

# ବଡ଼ଧରଣର ଡକାୟତି ପୂର୍ବରୁ ୭ ଗିରଫ

ଖଣ୍ଡପଡ଼ା, ୨୬।୨(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ତହସିଲ ଅଧୀନସ୍ଥ ରାଜକିଆରି ଛକକୁ ଲାଗି ରହିଥିବା ବରଗୁଡ଼ି ପାହାଡ଼ରେ ଚାଲିଥିବା ପଥର ଖଣିକୁ ସ୍ଥାନୀୟ ଲୋକ ବିରୋଧ କରୁଛନ୍ତି। ଖଣି ନିଲାମ ନେଇଥିବା ପରିବାର ମଧ୍ୟରେ ବିବାଦ ଉପୁଜିଥିବା କାରଣରୁ ନେଇ ଏକ ବଡ଼ଧରଣର ଅପରାଧିକ ମାମଲା ଘଟିବାକୁ ଯାଉଥିବା ବେଳେ ଶନିବାର ରାତିରେ ଖଣ୍ଡପଡ଼ା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ଏବଂ କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଖଣି କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତି ଏବଂ ତାଙ୍କ ସହଯୋଗୀଙ୍କୁ କାବୁ କରାଯାଇଥିଲା। ତେବେ ସେମାନଙ୍କୁ ଖଣ୍ଡପଡ଼ା ଥାନାରେ ଦୁଇଦିନ ପଚରାଉଚରା ପରେ ଆଜି ଅପରାହ୍ନରେ ପୁଲିସ ପକ୍ଷରୁ



ଥାନାଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁ ପ୍ରେସମିଟ ଜରିଆରେ ପୂରା ଘଟଣା ବାବଦରେ ସୂଚନା ଦେଇଛନ୍ତି। ତେବେ ଖଣି କାରବାର ଓ ଗ୍ୟାଙ୍ଗୱାର ଘଟଣାକୁ କିନ୍ତୁ ସେ ଅସ୍ୱୀକାର କରିଛନ୍ତି। ଗତକାଲି ଘଟଣାରେ ସମ୍ପୃକ୍ତ ୭ ଜଣଙ୍କୁ ବାଣପୁରସ୍ଥିତ ଏକ ଘରେ ଚଢ଼ଉ କରି ପୁଲିସ ଗିରଫ କରିଥିବା ବେଳେ ଏକାଧିକ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରିଛି। ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ଗୋଟିଏ ଦେଶୀ ବନ୍ଧୁକ, ୫ ଜୀବନ୍ତ ବୋମା, ୨୦ଟି ଗୁଳି, କଟୁରୀ, ଦୁଇଟି ଲୁହା ରଡ୍, ଖଣ୍ଡା ଭଳି ମାରଣାସ୍ତ୍ର ଆଦି ରହିଥିବା ବେଳେ ୭ଟି ମୋବାଇଲ ଓ ନଗଦ ୧ ଲକ୍ଷ ୧୫ ହଜାର ଟଙ୍କା ଜବତ ହୋଇଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବଡ଼ବାଣପୁର ଗ୍ରାମର ବିନୋଦ ପ୍ରଧାନ(୫୨), ପ୍ରମୋଦ ପ୍ରଧାନ(୬୦), ସାନନ୍ଦ ପ୍ରଧାନ (୪୮), ବୋଲଗଡ଼ ଥାନା କପାସିଆ ଗ୍ରାମର ରିତେଶ କୁମାର ପ୍ରଧାନ (୩୬), ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା କଇଥପଲ୍ଲୀ ଗ୍ରାମର ଜଗନ୍ନାଥ ନାୟକ (୩୦), ବୌଦ୍ଧ ଜିଲ୍ଲା ଡିମିରିଝରି ଗ୍ରାମର ପୁରେନ୍ଦ୍ର ପ୍ରଧାନ( ୪୨) ଏବଂ ସିଧାମୂଳା ଗ୍ରାମର ପ୍ରହଲ୍ଲାଦ ମଲ୍ଲିକ (୫୩)। ବିନୋଦ ଏବଂ ଜଗନ୍ନାଥ ନାମରେ ଅପରାଧିକ ମାମଲା ଥିବାବେଳେ ସିଧାମୂଳା ଗ୍ରାମର ପ୍ରହଲ୍ଲାଦ ମଲ୍ଲିକ ଗ୍ରାମରକ୍ଷୀ ଭାବେ କାର୍ଯ୍ୟରତ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଖଣି ଖନନରେ ବ୍ୟବହାର ହେଉଥିବା ୩ଟି ମେସିନକୁ ଜବତ କରାଯିବା ଘଟଣାକୁ ପୁଲିସ ପକ୍ଷରୁ ମନା କରାଯାଇଛି। ତେବେ ଏକ ବଡ଼ ଅପରାଧିକ କାର୍ଯ୍ୟକଳାପକୁ ଖଣ୍ଡପଡ଼ା ପୁଲିସ ରୋକିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଚେଷ୍ଟା ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ସ୍ୱାଇଁ କହିଛନ୍ତି।

# ଦୋଳଗୋବିନ୍ଦପୁରରୁ ଢୋଲମସ୍କା ରାସ୍ତାର ଶିଳାନ୍ୟାସ

ଓଡ଼ଗାଁ, ୨୬।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରବିଗାଡ଼ିଆ ପଞ୍ଚାୟତ ଦୋଳଗୋବିନ୍ଦପୁର ଗାଁଠାରୁ ପାଇକ ବାଙ୍କତରା ଦେଇ ଓଡ଼ଗାଁ ବାହାଡାଝୋଲା ରାଜ୍ୟ ରାଜପଥର ଢୋଲମସ୍କାଠାରେ ସଂଯୋଗ



୭.୧୪ କୋଟି ଟଙ୍କା ମଞ୍ଜୁର

ହୋଇଥିବା ଉକ୍ତ ୬ କି.ମି. ରାସ୍ତା ପକ୍କା ସଡ଼କ ନିର୍ମାଣର ଶିଳାନ୍ୟାସ କରିଛନ୍ତି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ୭ କୋଟି ୧୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ସଡ଼କ ଦ୍ୱାରା ସ୍ଥାନୀୟ ଅଞ୍ଚଳ ଯୋଗାଯୋଗ ଓ ଗମନାଗମନ କ୍ଷେତ୍ରରେ ଅଗ୍ରଗତି କରିବ। ନୟାଗଡ଼ ନିର୍ବାଚନମଣ୍ଡଳୀ ସୀମାନ୍ତରେ ଥିବା ଉକ୍ତ ଗାଁକୁ ବସ୍, ମିନିବସ୍ ଓ ଲକ୍ଷ୍ମୀ ବସ୍ ଗଡ଼ିଲେ ଅଞ୍ଚଳରୁ ସ୍ୱଳ୍ପ ମୂଲ୍ୟରେ ବ୍ଲକ ସହିତ ଜିଲ୍ଲା ମୁଖ୍ୟାଳୟକୁ ଗାଁଠୁ ସହର ମଧ୍ୟରେ ଦୂରତା କମିଯିବ। ବାଣିଜ୍ୟ ବ୍ୟବସାୟ ବୃଦ୍ଧି ସହିତ କୃଷିଜାତ ଦ୍ରବ୍ୟକୁ ନିକଟତମ ସହରରେ ପହଞ୍ଚାଇବା ନିମନ୍ତେ ସହଜ ହୋଇପାରିବ ବୋଲି ଡ. ସାହୁ କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସସ୍ମିତା ମୁଣ୍ଡୁରି, ସହକାରୀ ଯନ୍ତ୍ରୀ ସଞ୍ଜୀବ କୁମାର ରଥ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ପାଇକ ବାଙ୍କତରା ଗ୍ରାମବାସୀଙ୍କ ପ୍ରସ୍ତାବ ଅନୁସାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ପାଟ କାଳୀ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଅଢ଼େଇ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟରେ ହରିଜନ ସାହି କୋଠଘର, ଠାକୁରାଣୀ ମନ୍ଦିର, ଜଗନ୍ନାଥ ମନ୍ଦିର ସନ୍ନିକଟ ଗୋଷ୍ଠୀ ଗୃହ କେନ୍ଦ୍ର ନିର୍ମାଣ ହୋଇଛି। ଦୋଳଗୋବିନ୍ଦପୁର ଗାଁରେ ୩ ଲକ୍ଷ ଟଙ୍କା ବ୍ୟୟରେ ଗୋଷ୍ଠୀ ଗୃହ ନିର୍ମାଣ ଚାଲିଛି ବୋଲି ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ଝିଲି ପ୍ରଧାନ, ସରପଞ୍ଚ ମିନତୀ ସେଠୀ, ସମିତି ସଭ୍ୟ ରୁନୁ ବେହେରା, ଓଡ଼ଗାଁ ସମିତି ସଭାପତି ବିଭୁପ୍ରସାଦ ସାହୁ, ସମାଜସେବୀ ସୂର୍ଯ୍ୟନାରାୟଣ ଚୌଧୁରୀ, ପୂର୍ବତନ ସରପଞ୍ଚ ରବିଗାଡିଆ ସରପଞ୍ଚ ଗୋକୁଳ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ।

# ପ୍ରାଥମିକ ବିଦ୍ୟାଳୟ ଖୋଲିବା ପାଇଁ ବିଡିଓଙ୍କୁ ଦାବିପତ୍ର

ଗଣିଆ, ୨୬।୨(ସମିସ): ଗଣିଆ ବ୍ଲକ ଆଡ଼କଟା ପଞ୍ଚାୟତ କାଳିକାପ୍ରସାଦ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ଆବଶ୍ୟକ ଛାତ୍ରଛାତ୍ରୀ ନଥିବାରୁ ଗତ କିଛି ବର୍ଷ ହେବ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ତରଫରୁ ବନ୍ଦ କରି ଦିଆଯାଇଥିଲା। ଏହି ପ୍ରାଥମିକ ବିଦ୍ୟାଳୟକୁ ପୁନଃଶ୍ଚ ଖୋଲାଯିବା ପାଇଁ ଗ୍ରାମବାସୀ ବ୍ଲକ ପ୍ରଶାସନ ନିକଟରେ ଦାବି ରଖିଛନ୍ତି। ସୋମବାର କାଳିକାପ୍ରସାଦ ଗ୍ରାମବାସୀ ଗଣିଆ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏହି ପ୍ରାଥମିକ ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ବର୍ଷ କାଳିକାପ୍ରସାଦ ଗ୍ରାମର ୪୦ ଜଣ ଛାତ୍ରଛାତ୍ରୀ ନିକଟସ୍ଥ ୨ କିଲୋମିଟର ଦୂର ଧୂଆଁମଡା ଓ କରଡାପଡ଼ା ଗ୍ରାମରେ ଥିବା ବିଦ୍ୟାଳୟକୁ ପ୍ରତିଦିନ ପାଠ ପଢ଼ିବା ପାଇଁ ଯାଇଥାନ୍ତି। ଏହି ଛୋଟ ଛୋଟ ଛାତ୍ରଛାତ୍ରୀମାନେ ଦୈନିକ ଗଣିଆ-ଦଶପଲ୍ଲା ରାଜ୍ୟ ରାଜପଥ ଦେଇ ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ଯାଇଥାନ୍ତି। ରାସ୍ତାରେ ପ୍ରତ୍ୟହ ଯାତାୟାତ କରୁଥିବା ଦ୍ରୁତଗାମୀ ଯାନବାହନ ଯୋଗୁଁ କେତେବେଳେ ଯେ ଅଘଟଣ ଘଟିବ ତାହାକୁ ଏଡ଼ାଇ ଦିଆଯାଇନପାରେ ବୋଲି କୁହନ୍ତି ଗ୍ରାମର ଚନ୍ଦ୍ର ସ୍ୱାଇଁ। ପ୍ରାଥମିକ ବିଦ୍ୟାଳୟଟିକୁ ପୁନଶ୍ଚ ପ୍ରଶାସନ ତରଫରୁ ଖୋଲାଯାଇ ପାରିଲେ ଗ୍ରାମର ଛାତ୍ରଛାତ୍ରୀ ସୁବିଧାରେ ପାଠ ପଢ଼ିପାରନ୍ତେ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

କଣ୍ଟିଲୋ ମାଘମେଳା ମହୋତ୍ସବ ଚତୁର୍ଥ ସନ୍ଧ୍ୟା

# ମନମୋହିଲା ହିନ୍ଦୋଳ ପାଇକ ଆଖଡ଼ା

ଖଣ୍ଡପଡ଼ା/କଣ୍ଟିଲୋ, ୨୬।୨(ସମିସ): ନୟାଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଲଟନ ପଡ଼ିଆରେ



କଣ୍ଟିଲୋ ପଞ୍ଚାୟତ ଓ ଦେବୋତ୍ତର ବିଭାଗ ଆନୁକୂଲ୍ୟରେ ଆୟୋଜିତ ପ୍ରସିଦ୍ଧ ଦ୍ୱିତୀୟ ବାର୍ଷିକ ମାଘମେଳା ମହୋତ୍ସବର ସୋମବାର ଚତୁର୍ଥ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନରେ ପ୍ରଥମେ କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବଲପୁରୀ, ଆଧୁନିକ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ଏହାପରେ ଢେଙ୍କାନାଳ ହିନ୍ଦୋଳରୁ ଆସିଥିବା ମା' ଜଗତଜନନୀ ପାଇକ ଆଖଡ଼ା କଳାକାରମାନେ ଉପସ୍ଥିତ ଦର୍ଶକଙ୍କ ହୃଦୟ ଜିଣିଥିଲେ। ସନ୍ଧ୍ୟା ୭ଟାରେ ମହୋତ୍ସବ କମିଟି ସଭାପତି ସରପଞ୍ଚ ଶ୍ରୀଯାରାଣୀ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଭାପୁର ତହସିଲଦାର ଲଗ୍ନଜିତ ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଣ୍ଟିଲୋ ଅଞ୍ଚଳର କୁନି କୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେବାୟତ ନୀଳମାଧବ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ।

● ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ

# ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା

ନୟାଗଡ଼, ୨୬।୨(ସମିସ): ନୟାଗଡ଼ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟିତ ହୋଇଥିବା ଅତ୍ୟାଧୁନିକ ସମ୍ମିଳନୀ କକ୍ଷରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ନେଇ ଆଲୋଚନା କରାଯାଇଥିଲା। ପୂର୍ବ ବୈଠକର ନିଷ୍ପତ୍ତିକୁ ଦୃଢ଼ୀକରଣ କରାଯାଇଥିଲା। ବୈଠକକୁ ଲାଇନ ଡିପାର୍ଟମେଣ୍ଟର କୌଣସି ଅଧିକାରୀ ଆସିନଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏହି ସମ୍ବନ୍ଧରେ ଜିଲ୍ଲାପାଳଙ୍କୁ ଅବଗତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କୃଷି ବିଭାଗ, ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗ ଉପରେ ବିଭିନ୍ନ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଉକ୍ତ ବିଭାଗ କିପରି ସକ୍ରିୟ ହୋଇ କାର୍ଯ୍ୟ କରିବ ସେଥି ନିମନ୍ତେ ଆଲୋଚନା କରାଯାଇଥିଲା। ଏଥି ସହିତ ମନରେଗା, ଖାଦ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା ଉପରେ ଆଲୋକପାତ କରାଯାଇଥିଲା। ଆଜି ନୂତନ ସମ୍ମିଳନୀ କକ୍ଷରେ ଷଷ୍ଠ ସାଧାରଣ ଅଧିବେଶନ ପୂର୍ବରୁ ନୟାଗଡ଼ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସରୋଜ ରଣସିଂ, ସୁବାସ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ର, ଆଶିଷ ଅଗ୍ରୱାଲ, ବିଡିଓ ପଦ୍ମଚରଣ ସାହୁ, ଜିପିଓ ତୁଷାରକାନ୍ତ ରାଉତ, ଏପିଓ ମିଟନ ମହାପାତ୍ର, ନୟାଗଡ଼ ବ୍ଲକର ସମସ୍ତ କର୍ମଚାରୀଙ୍କ ସମେତ ଓ ସମସ୍ତ ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

# ସାରସ୍ୱତ ମିଳନରେ କବିତା ପାଠ

ନୟାଗଡ଼, ୨୬।୨(ସମିସ): ସାହିତ୍ୟ ଉତ୍ସବ ଟିଏ ଆୟୋଜନ ପାଇଁ ଦୁଇଶହ ସ୍ଥାନ ବିଶିଷ୍ଟ ପ୍ରେକ୍ଷାଳୟ ଟିଏ ଆବଶ୍ୟକତା ହେଉଥିବାର ଉପଲବ୍ଧି କରି ନୟାଗଡ଼ର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ତରଫରୁ ନୟାଗଡ଼ର ବିଧାୟକ ଡ.ଅରୁଣ କୁମାର୍ ସାହୁଙ୍କ ନିକଟରେ ଦାବି ରଖାଯାଇଥିଲା। ସେଥିପାଇଁ ସେ ଉଦ୍ୟମକରି ନୟାଗଡ଼ ପଞ୍ଚାୟତ ସମିତି ପରିସରରେ ଗୋଟିଏ ସଭାଗୃହ ଉଦ୍‌ଘାଟନ କରିବା ସହିତ ସାହିତ୍ୟ ସଭା ପାଇଁ ଉତ୍ସର୍ଗ ହେଲା ବୋଲି ଘୋଷଣା କରିବା ସହିତ ସନ୍ଧ୍ୟାରେ ନୟାଗଡ଼ ସହରରେ ଥିବା ବିଭିନ୍ନ ସାହିତ୍ୟ ଅନୁଷ୍ଠାନକୁ ନେଇ ଏକ ସାରସ୍ୱତ ମିଳନ ପର୍ବ ଆୟୋଜନ କରିଥିଲେ। ଏଥିରେ ବିଧାୟକ ଅରୁଣ ସାହୁ ଯୋଗଦେଇ ସାହିତ୍ୟ ଜୀବନକୁ ସରସ ସୁନ୍ଦର ଓ ସାବଳୀଳ କରିଥାଏ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ, ବ୍ଲକ ଶିକ୍ଷା ଅଧିକାରୀ ନିମାଇଁ ପ୍ରଧାନ, ନାଟ୍ୟଭୂଷଣ ଡ. ବିଜୟ କୁମାର ଚୌଧୁରୀ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, ନାଟ୍ୟକାର ପ୍ରଧାନୀ ବୃନ୍ଦାବନ ମହାପାତ୍ର, କବୟିତ୍ରୀ ଡ. ସୁକାନ୍ତି ମହାନ୍ତି, ଅନୁବାଦକ ଶରତ ଆଚାର୍ଯ୍ୟ, କବି ଗୋଦାବରୀଶ ମିଶ୍ର, ଗାଳ୍ପିକ ଡ. ଆଶୁତୋଷ ମିଶ୍ର ଯୋଗଦେଇଥିଲେ। ନୟାଗଡ଼ ସହରରେ ଥିବା ୧୭ଟି ସାହିତ୍ୟ ଅନୁଷ୍ଠାନ ଏହି ସାରସ୍ୱତ ମିଳନର ଆବାହକ ଥିଲେ। ସାରସ୍ୱତ ସଭାରେ ବିରଷ୍ଠ ତଥା ଖ୍ୟାତିସମ୍ପନ୍ନ ଶିଶୁ ସାହିତ୍ୟିକା ବସିରନ ବିବି ଅଧ୍ୟକ୍ଷତା କରିଥିବା ବେଳେ କବି ଗୋପୀନାଥ ସେଠୀ ସ୍ୱାଗତ ଅଭିଭାଷଣ ରଖିଥିଲେ। କବି ତଥା ଜିଲ୍ଲା ଲେଖକ ପରିଷଦ ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ୍‌ଙ୍କ ସଂଯୋଜନାରେ ସାରସ୍ୱତ ମିଳନ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ କବି ଅଶୋକ ମଲ୍ଲ ଓ କବୟିତ୍ରୀ ଜୟଶ୍ରୀ ଦେବୀ କବିତା ସଂଯୋଜନା କରିଥିଲେ। ପରମ୍ପରାର ସମ୍ପାଦକ ଡ. ନିର୍ମଳ ଚନ୍ଦ୍ର ଶୁରଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଚକ୍ଷୁଦାନ କରି ମହାନ ହେଲେ ମହିଳା

ଭାପୁର, ୨୬।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଘୁଆପଲ୍ଲୀ ଆର୍‌ଆଇ ଅଫିସରେ କାର୍ଯ୍ୟରତ ଅମିନ ତଥା ଫତେଗଡ଼ ପଞ୍ଚାୟତ ବିଜୟନଗର ଗ୍ରାମର ବିପିନ



ବିହାରୀ ମହାନ୍ତିଙ୍କ ସ୍ତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି ହୃଦ୍‌ଘାତରେ ରବିବାର ମୃତ୍ୟୁବରଣ କରିଛନ୍ତି। ଛାତିରେ ଯନ୍ତ୍ରଣା ହେବାରୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଶନିବାର ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଶ୍ରଦ୍ଧାଞ୍ଜଳିଙ୍କ ଦୁଇଟି ଆଖି କ୍ୟାପିଟାଲ ହସ୍ପିଟାଲରେ ଦାନ କରାଯାଇଛି। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁଅ ଅଶୋକ ମୁଖାଗ୍ନି ଦେଇଛନ୍ତି। ଦୁଇଟି ଯାକ ଚକ୍ଷୁଦାନ କରି ସେ ଅମର ହୋଇଯାଇଛନ୍ତି।

ନଳକୂଅ ଖୋଳା ସ୍ଥାନ ନିରୂପଣକୁ ନେଇ ବିବାଦ

# ବାହାଡ଼ାଝୋଲା-ମହିପୁର ରାସ୍ତା ଅବରୋଧ

ଓଡ଼ଗାଁ, ୨୬।୨(ସମିସ): ବାହାଡ଼ାଝୋଲା ବଡ଼ପଦା ଗାଁରେ ନଳକୂପ ଖୋଳିବା ଦାବିରେ ଗ୍ରାମବାସୀ ଆଜି ଅପରାହ୍ନ ୪ଟାରୁ ବାହାଡ଼ାଝୋଲା ମହିପୁର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଗାଡ଼ି ଅଟକି ରହିଥିବା ବେଳେ ଗମନାଗମନରେ ବାଧାସୃଷ୍ଟି ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ବାହାଡାଝୋଲା ପୁଲିସ ଘଟଣାସ୍ଥଳରେ ରାସ୍ତା



ଅବରୋଧ ହଟାଇବା ପାଇଁ ଉଦ୍ୟମ କରିଥିଲା।

ଘଟଣାରୁ ପ୍ରକାଶ ପାନୀୟଜଳ ଯୋଗାଣ ନିମିତ୍ତ ଗଭୀର ନଳକୂଅ ଖୋଳିବା ପାଇଁ ନୂଆଗାଁ ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ବାହାଡାଝୋଲା ମାଣିକ ପାଟଣାଠାରେ ମେସିନ ପହଞ୍ଚିଥିଲା। ସେଠାରେ ଆବଶ୍ୟକ ନଥିବାରୁ ଆଲୋଚନା ମାଧ୍ୟମରେ ନଳକୂଅଟି ବଡ଼ପଦା ଗ୍ରାମରେ ଖୋଳିବା ପାଇଁ ନିଷ୍ପତ୍ତି କରାଗଲା। ତେବେ ନଳକୂଅ ମେସିନ ଚାଳକ ଜଳଯୋଗାଣ ବିଭାଗ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ହେଲେ ଏହି ନୂତନ ଜାଗାରେ ନଳକୂଅ ଖୋଳିବି ବୋଲି କହିବାରୁ ଗ୍ରାମବାସୀ ନୂଆଗାଁ ବିଡିଓଙ୍କ ସହିତ ଯୋଗାଯୋଗ କରିଥିଲେ। ହେଲେ କୌଣସି ମତେ ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରାଯାଇ ନପାରିବାରୁ ନଳକୂଅ ଖୋଳାଯାଇ ପାରିଲା ନାହିଁ। ଲୋକଙ୍କ ଅଭିଯୋଗ ଅନୁସାରେ ଯନ୍ତ୍ରୀ ତାଙ୍କ ମୋବାଇଲ୍ ସୁଇଚ୍ ଅଫ୍ ରଖିବାରୁ ଯୋଗାଯୋଗ ସମ୍ଭବ ହୋଇପାରୁ ନାହିଁ। ତେଣୁ ବିଡିଓ କିମ୍ବା ଅନ୍ୟ କେହି ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ନଳକୂପ ଖୋଳିବା କାର୍ଯ୍ୟ ଆରମ୍ଭ କରନ୍ତୁ। ନଚେତ ଯେଉଁ ପର୍ଯ୍ୟନ୍ତ ଖୋଳାଯାଇ ନାହିଁ, ସେ ପର୍ଯ୍ୟନ୍ତ ରାସ୍ତା ଅବରୋଧ ରହିବ ବୋଲି ଅଭିଯୋଗକାରୀ କହିଥିଲେ। ଖବର ଲେଖା ହେବା ସୁଦ୍ଧା ରାସ୍ତା ଅବରୋଧ ହଟି ନଥିଲା।

# କଣ୍ଟିଲୋରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ




ଖଣ୍ଡପଡ଼ା/କଣ୍ଟିଲୋ, ୨୬।୨(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତରେ ଆଜି ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ନୀଳମାଧବ ମନ୍ଦିର ରୂପାନ୍ତରଣ ସହ ପାରିପାର୍ଶ୍ୱିକ ଐତିହ୍ୟ ସ୍ଥାନଗୁଡ଼ିକର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦୦ କୋଟି ଟଙ୍କା ଅର୍ଥରାଶି ପ୍ରଦାନ କରି କଣ୍ଟିଲୋକୁ ନୂଆ ପରିଚୟ ଦେଇଥିବା ଶ୍ରୀ ପଟ୍ଟନାୟକ କହିଥିଲେ। ଏଥିସହିତ ବିଭିନ୍ନ ଜନହିତକର ଯୋଜନାର ବାର୍ତ୍ତା ଦେଇ ଦଳୀୟ କର୍ମୀମାନେ ଘରେ ଘରେ ଶଙ୍ଖ ଚିହ୍ନ ଲଗାଇଥିଲେ। ପୂର୍ବତନ ବ୍ଲକ ବିଜେଡି ସଭାପତି ତଥା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ଅଖିଳ କୁମାର ମହାରଣା, ପୂର୍ବତନ ଜିଲ୍ଲା ପରିଷଦ ରମାକାନ୍ତ ସେଠୀ, ପୂର୍ବତନ ବୋଦସା ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ସମାଜସେବୀ ଜନ୍ମେଜୟ ନାୟକ, ସଂଗଠକ ଯୁଗଳ କିଶୋର ନାୟକ, ପୂର୍ବତନ ବାଣପୁର ସରପଞ୍ଚ ପ୍ରଦୀପ କର, ନିହାର ରଞ୍ଜନ ମିଶ୍ର, ସଦାନନ୍ଦ ସାହୁ, ଯୁବ ସଂଗଠକ ସରୋଜ ପଣ୍ଡାଙ୍କ ସମେତ ବିଜେଡିର କର୍ମୀମାନେ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏତତ୍ ବ୍ୟତୀତ ଆସନ୍ତା ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ କ୍ଷମତାସୀନ କରିବାକୁ ଲୋକଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ବହୁ ଯୁବ, ଛାତ୍ର ଓ ମହିଳା ସାମିଲ ହୋଇଥିଲେ।

ନୟାଗଡ଼ ବ୍ଲକର ଅତ୍ୟାଧୁନିକ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

# ପୂର୍ବତନ ସରପଞ୍ଚ ଓ ସମିତିସଭ୍ୟଙ୍କୁ ସମ୍ବର୍ଦ୍ଧନା

ନୟାଗଡ଼, ୨୬।୨(ସମିସ): ନୟାଗଡ଼ ସହର ଦିନକୁ ଦିନ ବିକଶିତ ହେବାରେ ଲାଗିଛି। ସହରର ଥିବା ସମସ୍ତ କାର୍ଯ୍ୟାଳୟର ମୁଖଶାଳାଗୁଡ଼ିକୁ ସରସ ସୁନ୍ଦର ଭାବେ ନିର୍ମାଣ କରାଯାଉଛି। କିଛି ଦିନ ପରେ ଏହା ନୂଆ ରୂପରେଖ ନେବ। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ କଠିନ ପରିଶ୍ରମ ଲାଗି ଏଭଳି ସମସ୍ତ କାର୍ଯ୍ୟ ସମ୍ଭବ ହୋଇପାରୁଛି। ବିକାଶ ଧାରାରେ ସାମିଲ ହୋଇଛି ନୟାଗଡ଼ ବ୍ଲକରେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ



ସମ୍ମିଳନୀ କକ୍ଷ। ଏଥି ନିମନ୍ତେ ଦେଢ଼ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଉନ୍ନତ ସାଉଣ୍ଡ ବ୍ୟବସ୍ଥା ସହ ଶୀତତାପ ନିୟନ୍ତ୍ରଣର ବ୍ୟବସ୍ଥା କରାଯାଇଛି। ଅତ୍ୟାଧୁନିକ ସମ୍ମିଳନୀ କକ୍ଷକୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନୟାଗଡ଼ ବ୍ଲକରୁ ନିର୍ବାଚିତ ହୋଇଥିବା ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନୟାଗଡ଼ ବିକାଶର ସ୍ମୃତି ଉଦ୍ଦେଶ୍ୟରେ ଏଭଳି ପ୍ରୟାସ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସରୋଜ ରଣସିଂ, ସୁବାସ କହଁର, କ୍ଷୀରୋଦ ମହାପାତ୍ର, ଆଶିଷ ଅଗ୍ରୱାଲ, ବିଡିଓ ପଦ୍ମ ଚରଣ ସାହୁ ଓ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

# ବ୍ୟାଙ୍କମିତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କଲେ ବିଧାୟକ



ନୟାଗଡ଼, ୨୬।୨(ସମିସ): ନୟାଗଡ଼ ପଞ୍ଚାୟତ ସମିତିର ଅତ୍ୟାଧୁନିକ ସମ୍ମିଳନୀ କକ୍ଷରେ ଆଜି ୧୯ ଜଣ ବ୍ୟାଙ୍କ ମିତ୍ରଙ୍କୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଲାପ୍‌ଟପ୍ ବଣ୍ଟନ କରିଛନ୍ତି। ଗ୍ରାମାଞ୍ଚଳ ଲୋକମାନେ କିପରି ସୁବିଧାରେ ବ୍ୟାଙ୍କିଙ୍ଗ୍ ସେବା ପାଇବେ ସେଥି ପାଇଁ ରାଜ୍ୟ ସରକାର ବ୍ୟାଙ୍କ ମିତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମାଞ୍ଚଳର ଲୋକଙ୍କ ସୁବିଧା ପାଇଁ ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସେବା ଯୋଗାଇ ଦେଉଛନ୍ତି। ବ୍ୟାଙ୍କ ମିତ୍ରମାନେ ସୁବିଧାରେ ଲୋକଙ୍କ କାର୍ଯ୍ୟ କରିବା ପାଇଁ ଏହି ଲାପ୍‌ଟପ୍ ସହାୟକ ହେବ। ବ୍ୟାଙ୍କ ମିତ୍ରମାନେ ଲୋକଙ୍କ ପାଖକୁ ଯାଇ ସେମାନଙ୍କୁ ବ୍ୟାଙ୍କିଙ୍ଗ୍ ସୁବିଧା ଯୋଗାଇ ଦେବା ପାଇଁ ବିଧାୟକ ଡ. ସାହୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସରୋଜ ରଣସିଂ, ସୁବାସ କହଁର, କ୍ଷୀରୋଦ ମହାପାତ୍ର, ଆଶିଷ ଅଗ୍ରୱାଲ, ବିଡିଓ ପଦ୍ମ ଚରଣ ସାହୁ, ଜିପିଓ ତୁଷାରକାନ୍ତ ରାଉତ, ଏପିଓ ମିଟନ ମହାପାତ୍ର, ନୟାଗଡ଼ ବ୍ଲକର ସମସ୍ତ କର୍ମଚାରୀଙ୍କ ସମେତ ଓ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ



**ଟାଙ୍ଗୀ, ୨୬ ।୨(ସମିସ):** ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଟାଙ୍ଗୀ ବ୍ଲକ ବାଲିପାଟପୁର ପଞ୍ଚାୟତରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଆରମ୍ଭ କରାଯାଇଛି । ରାଜ୍ୟ ସରକାରଙ୍କର ବହୁବିଧ ଜନକଲ୍ୟାଣ କାର୍ଯ୍ୟକ୍ରମ ମଧ୍ୟରୁ ବିଜୁ ସାସ୍ଥ୍ୟ କଲ୍ୟାଣ ଯୋଜନା, ଛାତ୍ରଛାତ୍ରୀ ବୃତ୍ତି, ବିନା ସୁଧରେ ଋଣ, ହରିଶ୍ଚନ୍ଦ୍ର ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ଇତ୍ୟାଦି ଯୋଜନା ସମ୍ପର୍କରେ ସଂକୀର୍ତ୍ତନ ମାଧ୍ୟମରେ ପରିବେଷଣ କରାଯାଉଛି । ଟାଙ୍ଗୀ ବ୍ଲକର ଉଦୟଗିରିର କଳାକାର ନବକିଶୋର ବେହେରା, ରବୀନ୍ଦ୍ର ନାଥ ମଙ୍ଗରାଜ, ବେଣୁଧର ବେହେରା, ପୂର୍ଣଚନ୍ଦ୍ର ସାମଲ, ଓ ଗୋକୁଳ କଳସ ପ୍ରମୁଖଙ୍କର ହୃଦୟ ସ୍ପର୍ଶୀ ସଙ୍ଗୀତକୁ ଗ୍ରାମବାସୀ ମନଭରି ଉପଭୋଗ କରୁଥିବା ଦେଖାଯାଇଥିଲା ।

## ବାଲୁଗାଁ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ



**ବାଲୁଗାଁ, ୨୬ ।୨(ସମିସ) :** ବାଲୁଗାଁ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସ୍ଥାନୀୟ ଅଶୋକନଗର ସ୍ଥିତ ଶ୍ରୀ ଉମାମହେଶ୍ୱର ବଣିକ ସଂଘ ପରିସରରେ ଅନୁଷ୍ଠାନର ସଭାପତି ଡଃ ଯୋଗୀନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅନୁଷ୍ଠାନ ର ବରିଷ୍ଠ ସଦସ୍ୟ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ, ବରିଷ୍ଠ ସଦସ୍ୟ ରବି ନାରାୟଣ ନାୟକ, ରାମେଶ୍ୱର ପାତ୍ର, ପ୍ରଫୁଲ୍ଲ କୁମାର ଜାଲି, ଗୋଲକ ବିହାରୀ ରାଉତ ଓ ଯୁଧିଷ୍ଠିର ସ୍ୱାଇଁ ପ୍ରମୁଖଙ୍କ ସମେତ ପ୍ରାୟ ୪୦ ଜଣ ସଦସ୍ୟ ଉପସ୍ଥିତ ରହି ବରିଷ୍ଠ ନାଗରିକ ମଞ୍ଚ ତଥା ବିଭିନ୍ନ ସାମାଜିକ ସମସ୍ୟା ଓ ତାର ସମାଧାନ ସମ୍ପର୍କରେ ବିଚାର ବିମର୍ଷ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ସଭାକାର୍ଯ୍ୟକୁ ଅନୁଷ୍ଠାନର ସମ୍ପାଦକ ମୁରଲୀଧର ସାମନ୍ତସିଂହାର ସମ୍ପାଦନା କରିଥିବା ବେଳେ ମଞ୍ଚର ସଦସ୍ୟ ବ୍ରଜ କିଶୋର ସାମନ୍ତରାୟ ଓ କେଦାରନାଥ ପଣ୍ଡା ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ରାତ୍ରି ଭୋଜନରେ ଆପ୍ୟାୟିତ କରିଥିଲେ ।

## ଗୟାବନ୍ଧ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଖୋର୍ଦ୍ଧା, ୨୬।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ମଳିପଡ଼ା ନିକଟସ୍ଥ ଗୟାବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ସାହିତ୍ୟିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବ୍ରହ୍ମପୁରର ଅବସରପ୍ରାପ୍ତ ପ୍ରଫେସର ପ୍ରଖ୍ୟାତ ଯଶା ସାହିତ୍ୟିକ ଡ଼.ବିପିନ ବିହାରୀ ମିଶ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟ ସାଧନ ଶିକ୍ଷକ ଗୋପାଳ ଚନ୍ଦ୍ର ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ନିରାକାରପୁର କେବିଡ଼ିଏଭି ମହାବିଦ୍ୟାଳୟର ବିଜୟ ସେଠୀ, ରମାବିଲିର ପ୍ରଧାନ ଶିକ୍ଷକ ଟୁଲୁ ମାଝି, ସମାଜସେବୀ ଜୟକୃଷ୍ଣ ଶ୍ରୀଚନ୍ଦନ ଓ ସତ୍ୟବାଦୀ ଭୂଜବଳ ପ୍ରମୁଖ ଯୋଗଦେଇ ଭଲ ପାଠ ପଢ଼ିବା ସହ ଭଲ ମଣିଷ ହେବା ପାଇଁ ଉପସ୍ଥିତ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ପୂର୍ବତନ ପ୍ରଧାନଶିକ୍ଷକ ତଥା ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ପଦୋନ୍ନତି ପାଇ ଯାଇଥିବା ବିଶିଷ୍ଟ କବି ଡ଼. ଶରତ କୁମାର ଚଉଁରୀଙ୍କୁ ଛାତ୍ରଛାତ୍ରୀ, ଗ୍ରାମବାସୀ ତଥା ଛଣଗିରି କ୍ଲଷ୍ଟର ଓ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା କରାଯାଇଥିଲା । କାର୍ଯ୍ୟକ୍ରମରେ ସିଆରସିସି ପ୍ରଶାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଏବଂ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରଜ୍ଞା ପାରମିତା ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦୟାଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜବରଦଖଲ ଉଚ୍ଛେଦ ଦାବି
# ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ

**ବୋଲଗଡ଼, ୨୬ ।୨(ସମିସ)**



ବୋଲଗଡ଼ ତହସିଲ ଅନ୍ତର୍ଗତ ଧଳାପଥର ରାଜସ୍ୱ ନୀରିକ୍ଷକ ଅଧୀନ ଠଣାପଲ୍ଲୀ ଗ୍ରାମର ଗ୍ରାମବାସୀ ଜବରଦଖଲ ଉଚ୍ଛେଦ ଦାବି ନେଇ ସୋମବାର ବୋଲଗଡ଼ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ । ଗ୍ରାମରେ ଥିବା ସରକାରୀ ଗୋଚର ଜମି ଓ ପୋଖରୀ ହୁଡ଼ାକୁ ସେହି ଗ୍ରାମର ଜନୈକ ବ୍ୟକ୍ତି ଜବରଦଖଲ କରି ନେଇଛନ୍ତି । ଏହାକୁ ବିରୋଧ କରି ପ୍ରଶାସନକୁ ଜଣାଇବା ସହ କେସ ମଧ୍ୟ କରିଥିଲେ ।ତେବେ ଏହାକୁ ବିଚାରକୁ ନେଇ ଖୋର୍ଦ୍ଧା ଉପଜିଲ୍ଲାପାଳ ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଥିଲେ । ମାତ୍ର ତହସିଲଦାର ଆଦେଶ କାର୍ଯ୍ୟକାରୀ କରିବାରେ ବିଳମ୍ବ କରିଥିବା ପ୍ରତିବାଦ ସୋମବାର ଦିନ୧୦ଟା ସମୟରେ ଠଣାପଲ୍ଲୀ ଗ୍ରାମ କମିଟି ନେତୃତ୍ୱରେ ଗ୍ରାମର ଶତାଧିକଲୋକ ତହସିଲ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଗାନ୍ଧୀ ଫଟୋରଖି ଆମରଣ ଅନଶନ କରିଥିଲେ । ପରେ ତହସିଲଦାର ନିବେଦିତା ପରିଡ଼ା ଓ ଥାନା ନିରିକ୍ଷକା ସ୍ନିଗ୍ଧାମୟୀ ବାରାଳ ଅନଶନ କାରୀ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ ମଧ ସେମାନେ ଉଚ୍ଛେଦ ନହେବା ପର୍ଯ୍ୟନ୍ତ ହଟିବେ ନାହିଁ ବୋଲି ଅଡ଼ି ବସି ରହିଥିଲେ ।ତେବେ ଅପରାହ୍ନ ୪ ଟା ସମୟରେ ଖୋର୍ଦ୍ଧା ଉପଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ ଓ ଏସ୍‌ଡିପିଓ ଦିଲ୍ଲୀପ ଦାସ ଅନଶନ ସ୍ଥଳରେ ପହଞ୍ଚି ଅନଶନରତ ଗ୍ରାମବାସୀଙ୍କୁ ବୁଝାଇ ସୁଝା କରିଥିଲେ । ଏସଂକ୍ରାନ୍ତରେ ଜବରଦଖଲ ଉଚ୍ଛେଦ ପାଇଁ ସମ୍ପୃକ୍ତ ପକ୍ଷଙ୍କୁ ନୋଟିସ ଦିଆଯାଇଛି ବୋଲି ଗ୍ରାମବାସୀଙ୍କୁ କହିଥିଲେ । ଉକ୍ତ ନୋଟିସର ଏକମାସ ପରେ ଜବରଦଖଲ ଉଚ୍ଛେଦ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅନଶନକରୀଙ୍କୁ ପ୍ରତିଶ୍ରୁତି ଦେବ ପରେ ଗ୍ରାମବାସୀ ଅନଶନ ପ୍ରତ୍ୟାହୃତ କରିଥିଲେ ।

## ‘ଆମ ହସ୍ପିଟାଲ୍’ ଲୋକାର୍ପଣ ଉତ୍ସବ



**ଖୋର୍ଦ୍ଧା/ବୋଲଗଡ଼, ୨୬ ।୨(ସମିସ):** ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସି ମାଧ୍ୟମରେ ‘ଆମ ହସ୍ପିଟାଲ’ଲୋକାର୍ପଣ ଉତ୍ସବ ବୋଲଗଡ଼ ଠାରେ ଆୟୋଜିତ ହୋଇଯାଇଛି । ରାଜ୍ୟରେ ‘ଆମ ହସ୍ପିଟାଲ’ର ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାର ୭୩ ‘ଆମ ହସ୍ପିଟାଲ’ ଲୋକାର୍ପଣ କରାଯାଇଛି ।

ଏହି ପ୍ରରିପେକ୍ଷିରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରୀକରଣ ଏବଂ ବେଗୁନିଆ ସବ-ଡିଭିଜନାଲ ହସ୍ପିଟାଲ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।ଏହି ଅବସରରେ ବୋଲଗଡ଼ ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ରାଜ୍ୟ ଶ୍ରମିକ କୋଠା ବାଡି ନିର୍ମାଣ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ରଙ୍କ ସମେତ ବ୍ଲକ ଅଧକ୍ଷା, ଉପାଧ୍ୟକ୍ଷ, ପଞ୍ଚାୟତ ପ୍ରତିନିଧି ଓ ମିଶନଶକ୍ତିର ମହିଳା, ଜନସାଧାରଣ ଏବଂ ଆମନ୍ତ୍ରିତ ଅତିଥିମାନେ ଯୋଗ ଦେଇଥିଲେ ।

ସେହିପରି ଖୋର୍ଦ୍ଧା ଉପଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା ସୂଚନା ଅଧିକାରିଣୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ବିଡ଼ିଓ ଶରତ କୁମାର ମଲ୍ଲିକ, ତହସିଲଦାର ନିବେଦିତା ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । ଖୋର୍ଦ୍ଧା ଏସ୍‌ଡିପିଓ ଦିଲ୍ଲୀପ କୁମାର ଦାସ, ବୋଲଗଡ଼ ଥାନା ଅଧିକାରୀ ସ୍ନିଗ୍ଧାମୟୀ ବରାଳ ଓ ପୁଲିସ ଅଧିକାରୀ ଓ ସ୍ଥାନୀୟ ଅଗ୍ନିସେବାଶମ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ‘୫-ଟି’ ଅଧକ୍ଷଙ୍କ ଗସ୍ତକୁ ନେଇ ପ୍ରଶାସନ ଚଳଚଞ୍ଚଳ

**ବେଗୁନିଆ, ୨୬।୨(ସମିସ):** ବେଗୁନିଆ ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ମଙ୍ଗଳବାର ଦିନ ‘୫-ଟି ‘ ଅଧକ୍ଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ‘ନୂଆ-ଓ’ ଯୁବ ଓଡ଼ିଶା ନବୀନ ଓଡ଼ିଶା‘ କାର୍ଯ୍ୟକ୍ରମରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗ ଦେଇ ସଚେତନ କରିବା ସହ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବାରେ ମାର୍ଗଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ତେବେ ‘୫-ଟି ‘ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଚଳଚଞ୍ଚଳ ରହିଥିବାର ଦେଖିବାକୁ ମିଳିଛି ।

### ● ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ
## ଦ୍ୱିତୀୟ ସେମିରେ ହାୱଡା ଫ୍ରେଣ୍ଡସ କ୍ଲବ୍

**ବେଗୁନିଆ, ୨୬ ।୨(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଆଥଲେଟିକ ଆସୋସିଏସନ ପକ୍ଷରୁ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସୋମବାର ହାୱଡା ଫ୍ରେଣ୍ଡସ ଫୁଟବଲ କ୍ଲବ ଓ ଚୌଦ୍ୱାର ୱାଇଏଫସି ଫୁଟବଲ କ୍ଲବ୍ ମଧ୍ୟରେ ଖେଳ ହୋଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ୧/୧ ଗୋଲ ଦେଇ ଅମିମାଂସିତ ସ୍ଥିତିରେ ଥିବାରୁ ଟାଇ ବେକର ସହାୟତାରେ ୫/୬ ଗୋଲରେ ହାୱଡା ଫ୍ରେଣ୍ଡସ କ୍ଲବ ବିଜୟ ଲାଭ କରି ଦ୍ୱିତୀୟ ସେମିରେ ପ୍ରବେଶ କରିଛି । ମ୍ୟାଚ୍ କମିଶନର ଦୟାନ ଖାଁଙ୍କ ନେତୃତ୍ୱରେ ସମାଜସେବୀ ଶିଶିର କୁମାର ଛୁଆଳ ସିଂହ ଓ ଏସକେ ଜାଫର ଅତିଥି ଭାବେ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ରେଫରି ପ୍ରସନ୍ନ କୁମାର ନାୟକ, ଲାଇନମ୍ୟାନ ବିଦେଶୀ ନାୟକ, ପ୍ରଫୁଲ୍ଲ ବେହେରା ଓ ପ୍ରିୟବ୍ରତ ବାହିନୀପତି ପ୍ରମୁଖ ପରିଚାଳନା କରିଥିଲେ । ରମାକାନ୍ତ ପାତ୍ର ଓ ଫୈଜଲ ହୁସେନ ଖାଁ ଭାଷ୍ୟକାର ଭାବେ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ ।

### ● ବାଣପୁରରେ ଲୁଟ୍ ପରେ ଲୁଟ୍
## କେହି ନଥିବା ସୁଯୋଗରେ ଲୁଟିଲେ ଦୁର୍ବୃତ୍ତ

**ବାଣପୁର, ୨୬ ।୨(ସମିସ) :** ବାଲୁଗାଁ ବାଣପୁର ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ପଡ଼ିଛନ୍ତି । ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ଲୁଟେରା ଗ୍ୟାଙ୍ଗ ଗୋଟିଏ ମାସ ମଧ୍ୟରେ ବାଣପୁର ଥାନା ଅଞ୍ଚଳରୁ ପାଞ୍ଚ ପାଞ୍ଚଟି ଲୁଟ ଓ ଡକାୟତି ଭଳି ଘଟଣାମାନ ଘଟାଇ ଚାଲିଛନ୍ତି ।ପୁଣି ବିଳମ୍ବିତ ରାତ୍ରରେ ବାଣପୁର ଥାନା ଅନ୍ତର୍ଗତ ସୁନାକେରା ରୋଡ ସ୍ଥିତ ଏକ ଘରୁ ନଗଦ ଟଙ୍କା ସହ ସିସିଟିଭି କ୍ୟାମେରା ଲୁଟ କରି ଦୁର୍ବୃତ୍ତ ଫେରାର ହୋଇଯାଇ ଥିବା ନେଇ ବାଣପୁର ଥାନାରେ ଅଭିଯୋଗ ହୋଇଛି । ବାଣପୁର ଥାନା ଅନ୍ତର୍ଗତ ମଠପାଟଣା ଗ୍ରାମର ସଞ୍ଜୀୟ ସ୍ୱାଇଁ ସୁନାକେରା ରୋଡ ସ୍ଥିତ ଗଦାଧର ସାହିରେ ଏକ ନୂତନଘର ନିର୍ମାଣ କରି ରହି ଆସୁଥିଲେ । ଦୈନନ୍ଦିନ ପରି ସଞ୍ଜୀୟ ଘରେ ତାଲା ପକାଇ ବାଲୁଗାଁରେ ବ୍ୟବସାୟ କରିବା ପାଇଁ ଯାଇଥିଲେ । ରାତିରେ ବ୍ୟବସାୟ ସାରି ଫେରିବା ବେଳକୁ ବର୍ଷା ହେବା କାରଣରୁ ଘରକୁ ନଫେରି ରାତିରେ ବାଲୁଗାଁ ରାମପୁର ଗ୍ରାମସ୍ଥିତ ନିଜର ମାମୁଁ ଘରେ ରହି ଯାଇଥିଲେ । ପର ଦିନ ସକାଳ ୧୧ ଘଟିକା ସମୟରେ ସଞ୍ଜୀୟ ସୁନାକେରା ରୋଡର ଗଦାଧରସାହିସ୍ଥିତ ନିଜ ଘରକୁ ଫେରି ଦେଖିଲା ବେଳକୁ ଘରର ସମ୍ମୁଖ ଗ୍ରୀଲ ଓ ବାରିପଟ ତାଲା ଭଙ୍ଗା ଯାଇଛି । କେହି ଦୁର୍ବୃତ୍ତ ଘରର ସମ୍ମୁଖ ଗ୍ରୀଲ ଓ ବାରିପଟ ତାଲା ଭାଙ୍ଗି ଘର ଭିତରେ ପସି ଲୁଟ ପାଟ କରି ଫେରାର ହୋଇ ଯାଇଥିବା ଜାଣିବାକୁ ପାଇଥିଲେ । ଘର ଭିତରେ ପ୍ରବେଶ କରି ଦେଖି ବାରେ ଘର ଭିତରେ ଏକ ସିନ୍ଦୁକରେ ରଖି ଥିବା ନଗଦ ୩୪ ହଜାର ଟଙ୍କା ଏବଂ ଘରେ ଲାଗିଥିବା ୩ଗୋଟି ସିସିଟିଭି କ୍ୟାମେରା ସହ ହାଡଡିସ୍କ ଭାଙ୍ଗି କେହି ଦୁର୍ବୃତ୍ତ ଲୁଟି ନେଇଛନ୍ତି । ଏନେଇ ସଞ୍ଜୀୟ ବାଣପୁର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗ ଆଧାରରେ ପୋଲିସ ବାଣପୁର ଥାନା କେସ୍ ନଂ ୯୮/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ସାଇ ଭଜନ ସନ୍ଧ୍ୟାରେ ଝୁମିଲେ ଦର୍ଶକ

**ବାଣପୁର, ୨୬ ।୨(ସମିସ):** ବାଣପୁର ସ୍ଥିତ ଶିରିଡ଼ି ସାଇ ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଶିରିଡ଼ି ସାଇ ଭଗବତୀ ଟ୍ରଷ୍ଟ, ବାଣପୁର ଆନୁକୂଲ୍ୟରେ ବିଶାଳ ସାଇ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଉତ୍ସବର ପ୍ରଥମ ଦିବସରେ ଶ୍ରଦ୍ଧାଳୁ ସାଇ ବାବାଙ୍କ ପାଲିଙ୍କି ଶୋଭା ଯାତ୍ରାରେ ବାହାରି ବାଣପୁର ନଗର ପରିକ୍ରମା କରିଥିଲା । ଦ୍ୱିତୀୟ ଦିବସ ସଂଧ୍ୟାରେ ଐତିହାସିକ ପଲଟଣ ପଡ଼ିଆରେ ସାଇ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ପ୍ରଥମେ ସାଇ ବାବାଙ୍କ ସନ୍ଧ୍ୟା ଆଳତୀ ସମାପନ ପରେ ବାଣପୁର ନଗରପାଳ ମିଟୁ ନାୟକ ଓ ଶିରିଡ଼ି ସାଇ ଭଗବତୀ ଟ୍ରଷ୍ଟର ସଭାପତି ସୁନୀଲ ସୁବୁଦ୍ଧି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ଓ ସୁଦୂର ମୁମ୍ବାଇରୁ ଆସିଥିବା ସୁନାମ ଧନ୍ୟ କଣ୍ଠଶିଳ୍ପୀ ପଙ୍କଜ ଜାଲ, ମାନସୀ ଦାଶ, ମୋନାଲି ମଧୁସ୍ମିତା, ସୁବ୍ରତ କୁମାର, ମାନସୀ, ଭାଷ୍ୟକାର ଡ.ମିଲନ, ସାଇ କଥା ପ୍ରବଚକ ଡଃ ଆଦିତ୍ୟ ପାଢ଼ୀ ଓ ବିଶିଷ୍ଟ ବାଦ୍ୟଯନ୍ତ୍ର କଳାକାରଙ୍କ ଦ୍ୱାରା ସାଇ ଭଜନାମୃତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ହରିକେଶର ଗାଁ ମହୋତ୍ସବ



**ଖୋର୍ଦ୍ଧା, ୨୬ ।୨(ସମିସ):** ଖୋର୍ଦ୍ଧା ହରିକେଶରସ୍ଥିତ ଗାଁ ମହୋତ୍ସବର ଦ୍ୱିତୀୟ ବାର୍ଷିକୋତ୍ସବର ପ୍ରଥମ ସନ୍ଧ୍ୟାରେ, ଭୁବନେଶ୍ୱରର ନୃତ୍ୟନିପୁଣା ଓଡ଼ିଶୀ ନୃତ୍ୟ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା, ୪ ଗୋଟି ଚିତ୍ତାକର୍ଷକ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା, ଯାହାକି ଉପସ୍ଥିତ ଦର୍ଶକମାନଙ୍କ କରତାଳିରେ ହରିକେଶର ଗାଁ ପ୍ରକମ୍ପିତ ହୋଇଥିଲା । ନୃତ୍ୟଶିଳ୍ପୀମାନେ ହେଲେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ପ୍ରତିମା ମିଶ୍ର, ଡାଇରେକ୍ଟ ପ୍ରିୟଙ୍କା ମିଶ୍ରଙ୍କ ସମେତ ନିଶିତା, ଅର୍ଚ୍ଚିତା, ଲିଷ୍ନା ଏବଂ ଅଭିଲିପସାଙ୍କ ନୃତ୍ୟ ଦର୍ଶକଙ୍କ ମନକୁ ବାନ୍ଧି ରଖିଥିଲା ।

## ତରାବୋଇ ରେଳ ଓଭରବ୍ରିଜ୍‌ର ଶିଳାନ୍ୟାସ

**ଖୋର୍ଦ୍ଧା, ୨୬ ।୨(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଭାରତର ବିଭିନ୍ନ ପ୍ରଦେଶରେ ‘ଅମୃତ ଭାରତ ରେଳ ଷ୍ଟେସନ ଯୋଜନା‘ ଅନ୍ତର୍ଗତ ୧୫୦୦ ରେଳ ଓଭରବ୍ରିଜ୍ /ଅଣ୍ଡପାସ୍‌ର ଶିଳାନଞ୍ଜାସ ଏବଂ ଲୋକାର୍ପଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅନୁଯାୟୀ ଖୋର୍ଦ୍ଧାରୋଡ ଡିଭିଜନ୍ ଅନ୍ତର୍ଗତ କାଇପଦର ରୋଡ୍ ରେଳ ଷ୍ଟେସନରେ ରେଳବାଇ ପକ୍ଷରୁ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଖୋର୍ଦ୍ଧାରୋଡ୍ ଓ କାଇପଦର ରୋଡ୍ ମଧ୍ୟବର୍ତ୍ତୀ ତରାବୋଇ ରୋଡ୍ ଗେଟ୍ ଠାରେ ଏକ ଓଭରବ୍ରିଜ ଶିଳାନ୍ୟାସ କରାଗଲା ।



ଉତ୍ସବରେ ଭାରତୀୟ ତୈଳ ନିଗମର ନିର୍ଦ୍ଦେଶକ ତଥା ବିଜେପି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡଜେନା, ବିଜେପି ରାଜ୍ୟ ସମବାୟ ସେଲ୍‌ଫ ସଂଯୋଜକ ରଞ୍ଜନ ମଙ୍ଗରାଜ, ସମାଜସେବୀ କ୍ୟାପ୍‌ଟେନ୍ ମନ୍ମଥ ରାଉତରାୟ ଓ ସାଂସଦଙ୍କ ଜଟଣୀ ପ୍ରତିନିଧି ସତୀଶ୍ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ । ରେଳବାଇର ନୋଡାଲ୍ ଅଫିସର୍ ରାମ୍ କୁମାର ଝା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଇଷ୍ଟକୋଷ୍ଟ ରେଳୱେ, ଖୋର୍ଦ୍ଧାରୋଡ୍ ଡିଭିଜନ୍, କାଇପଦର ରୋଡ୍ ଷ୍ଟେସନର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

## ଭୂଷଣ୍ଡପୁର ରେଳ ଗେଟ୍ ଓଭରବ୍ରିଜ୍‌ର ଶିଳାନ୍ୟାସ

**ଟାଙ୍ଗୀ, ୨୬ ।୨(ସମିସ):** ପୂର୍ବତଟ ରେଳପଥର ଭୂଷଣ୍ଡପୁର ଷ୍ଟେସନ ନିକଟ ୨୨୫ ନଂ ଗେଟ୍ ଠାରେ ଓଭରବ୍ରିଜ ଶିଳାନ୍ୟାସ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିଥିବା ବେଳେ ଭୂଷଣ୍ଡପୁର ଷ୍ଟେସନରେ ଆୟୋଜିତ ସଭାରେ ରେଳବାଇର ନୋଡାଲ ଅଫିସର ସୋମନାଥ ସାହୁଙ୍କ ଅଧକ୍ଷତାରେ ସଭା ହୋଇଥିଲା । ଏଥିରେ ବିଜେପିର ଜିଲ୍ଲା ସଭାପତି ରଶ୍ମୀରଞ୍ଜନ ମହାପାତ୍ର, ପୂର୍ବତନ ବିଧାୟକ ରାଘବ ଚନ୍ଦ୍ର ସେଠୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ପୂର୍ବତନ ଜିଲ୍ଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ, ସାନରାଉତପଡ଼ା ସରପଞ୍ଚ କିଶୋର କୁମାର ରାଉତରାୟ, ନୂଆଗଡ଼ ସରପଞ୍ଚ ରଘୁନାଥ ମାଝି, ଭୂଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାସମହାପାତ୍ର, ବାଲିପାଟପୁର ସରପଞ୍ଚ ଭାବି ବହେରା, ବିଜେପି ରାଜ୍ୟ ନେତା ଅଧାପକ ଲକ୍ଷ୍ମୀକାନ୍ତ ମିଶ୍ର, ସ୍ଥାନୀୟ ସମାଜସେବୀ ଅଶୋକ କୁମାର ପାତ୍ର, ଗୋପାଳ କୃଷ୍ଣ ଜେନା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ ।

### ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବିରୋଧରେ ବଢୁଛି ଅସନ୍ତୋଷ
# ବଦଳି ଦାବିରେ ଜିଲ୍ଲାପାଳଙ୍କୁ ଭେଟିଲେ ସ୍ଥାନୀୟ ଜନସାଧାରଣ

**ବେଗୁନିଆ, ୨୬ ।୨(ସମିସ)**

ବେଗୁନିଆ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଆବାସିକ ଅଞ୍ଚଳରେ କାର୍ଯ୍ୟ କରୁଥିବାରୁ ଆସନ୍ତା ସାଧାରଣ ନିର୍ବାଚନରେ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି । ତୁରନ୍ତ ଏଠାରୁ ବଦଳି କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହ ଶଶୀଭୂଷଣ ଦାଶ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି ।

ସୂଚନା ମୁତାବକ ବିଇଓ ଭାସ୍କର ଲେଙ୍କାଙ୍କ ଜନ୍ମସ୍ଥାନ ତଥା ନିଜସ୍ୱ ଗ୍ରାମ ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମରେ ।୨୦୨୨ମସିହା କଣ୍ଟାମଳିମ ଗ୍ରାମର ଭୋଟର ଲିଷ୍ଟର କ୍ରମିକ ନଂ ୨୯୭, ଏବଂ ଘର ନଂ ୯୨ ରେ ଶ୍ରୀ ଲେଙ୍କାଙ୍କ ନାମ ଉଲ୍ଲେଖ ରହିଛି । ସେ ସ୍ଥାନୀୟ ଲୋକ ହୋଇଥିବାରୁ ବେଗୁନିଆ ବ୍ଲକ ଅଞ୍ଚଳର ଲୋକମାନଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଯୋଗୁଁ ଶ୍ରୀ ଲେଙ୍କା ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରି ଲୋକଙ୍କୁ ଆକୃଷ୍ଟ କରିବାରେ ଲାଗିପଡ଼ିଛନ୍ତି । ଏଥିରୁ ସ୍ପଷ୍ଟ ଯେ ତାଙ୍କ ନୈତିକ ଓ ଆଇନଗତ କର୍ତ୍ତବ୍ୟ ସମ୍ପାଦନ କରିବା କ୍ଷେତ୍ରରେ ପକ୍ଷପାତିତା ଅବଲମ୍ବନ କରିବା ସହ ଜଣେ ଅଧିକାରୀ ହିସାବରେ ତାଙ୍କର ଆଚରଣ ଜନସାଧାରଣଙ୍କ ପ୍ରତି ଆଦୌ ସନ୍ତୋଷଜନକ ନୁହେଁ ବୋଲି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି । ତାଙ୍କର ରାଜନୈତିକ ଆସକ୍ତି ଅଞ୍ଚଳରେ ଅତ୍ୟନ୍ତ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବାର ସୁଯୋଗ ସୃଷ୍ଟି କରିବ ବୋଲି ସଚେତନ ନାଗରିକ କହିଛନ୍ତି । ସାଧାରଣ ନିର୍ବାଚନ ପୂର୍ବରୁ ଅନ୍ୟତ୍ର ବଦଳି କରିବା ପାଇଁ ବହୁ ପଞ୍ଚାୟତ ପ୍ରତିନିଧିଙ୍କ ସହିତ ଜନସାଧାରଣ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଗତ ୨୦୨୩ ଅକ୍ଟୋବର ୧୦ ତାରିଖରେ ଲିଖିତ ଭାବେ ଅଭିଯୋଗ କରିଥିବା ବେଳେ ନିର୍ବାଚନ କମିଶନର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଗଣଶିକ୍ଷା ସଚିବଙ୍କ ନିକଟକୁ ଗତ ୨୦୨୩ ନଭେମ୍ବର ୧୩ ରିଖରେ ଚିଠି ନଂ ୧୧୪୯୮ ପଠାଇଛନ୍ତି । ବର୍ତ୍ତମାନ ସୁଦ୍ଧା କୌଣସି ଉଚ୍ଚ କର୍ତ୍ତୃପକ୍ଷ ଘଟଣା ଉପରେ ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତାହେଲେ ଆଗାମୀ ଦିନରେ ଅଞ୍ଚଳରେ ଅଶୋଭନୀୟ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି । ଏନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ଲେଙ୍କାକୁ ପଚାରିବାରୁ ସେଭଳି କିଛି ଅଶୋଭନୀୟ ବ୍ୟବହାର କରି ନାହାନ୍ତି କହିବା ସହ ମୂଳ ଆବାସିକ ଜାଗାରେ ଭୋଟର ତାଲିକାରେ ନିଜର ନାମକୁ କାଟି ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିର୍ବାଚନ ମଣ୍ଡଳୀରେ ବସବାସ କରୁଛନ୍ତି ବୋଲି କହିଥିଲେ ।

## ସନ୍ଥ ନିରଙ୍କାରୀ ମଣ୍ଡଳ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



**ଭୂଷଣ୍ଡପୁର, ୨୬ ।୨(ସମିସ)** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ଗ୍ରାମସ୍ଥିତ ସନ୍ଥ ନିରଙ୍କାରୀ ମଣ୍ଡଳ ଶାଖା ତରଫରୁ ଆଜାଦୀ କା ଅମୃତ ମହୋତ୍ସବ ଅନୁକୂଳ୍ୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସନ୍ଥ ନିରଙ୍କାରୀ ମଣ୍ଡଳର ସଦଗୁରୁ ମାତା ସୁଦୀକ୍ଷାଜିଙ୍କ ନେତୃତ୍ୱରେ ମିଶନର ସେବା ଦଳଙ୍କ ଦ୍ୱାରା ଭୂଷଣ୍ଡପୁର ଓ ବାଲିପାଟପୁର ପଞ୍ଚାୟତର ବାଲିପୋଖରୀ ଓ ସରକାରୀ ଡାକ୍ତରଖାନା ପରିସରରେ ସଫେଇ କରାଯାଇ ଥିଲା । କାର୍ଯ୍ୟକ୍ରମରେ ଭୂଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାଶ ମହାପାତ୍ର, ବାଲିପାଟପୁର ସରପଞ୍ଚ ଭାବି ବେହେରା, ବାଲିପାଟପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିନୋଦିନୀ ମହାରଣା ଓ ଶିକ୍ଷାବିତ ଶୈଳେନ୍ଦ୍ର ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ସଫେଇ କାର୍ଯ୍ୟକ୍ରମକୁ ସନ୍ଥ ଯୁଧିଷ୍ଠିର ସାହୁ ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ସଫେଇ କାର୍ଯ୍ୟ କରିଥିଲେ ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୨୫ ● ପାଉଣ୍ଡ ୧୦୫.୯୪
- ୟୁରୋ ୮୯.୬୫ ● ୟେନ୍ ୦.୫୫

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୬୦୦ (ନୂଆଦିଲ୍ଲୀ)
- ରୁପା : ୭୪,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୭୯୦.୦୦
- ନିଫ୍ଟି ୨୨,୧୨୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

# ହଟିଲେ ପେଟିଏମ୍ ବ୍ୟାଙ୍କ ଅଧ୍ୟକ୍ଷ ବିଜୟ ଶେଖର

ନୂଆଦିଲ୍ଲୀ,୨୬।୨(ଏଜେନ୍ସି)

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ପେଟିଏମ୍ ପ୍ରତିଷ୍ଠାତା ବିଜୟ ଶେଖର ଶର୍ମା ସୋମବାର ପେଟିଏମ୍ ପେମେଣ୍ଟ ବ୍ୟାଙ୍କ (ପିପିବିଏଲ) ବୋର୍ଡରୁ ଇସ୍ତଫା ଦେଇଛନ୍ତି। ସେ ବ୍ୟାଙ୍କର ପାର୍ଟ ଟାଇମ୍ ଅଣ-କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଥିଲେ। ତାଙ୍କ ଇସ୍ତଫା ପରେ ବ୍ୟାଙ୍କର ଏକ ନୂତନ ବୋର୍ଡ ଗଠନ କରାଯାଇଛି। ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଖୁବ୍ ଶୀଘ୍ର ଜଣେ ନୂତନ ଅଧ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବ। କମ୍ପାନୀ ପକ୍ଷରୁ ଏକ ନିୟାମକ ଦାଖଲରେ ଏହି ସୂଚନା ଦିଆଯାଇଛି।

ବର୍ତ୍ତମାନ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ଶ୍ରୀନିବାସନ୍ ଶ୍ରୀଧର ବୋର୍ଡର ସଦସ୍ୟ ହେବେ। ଏହା ବ୍ୟତୀତ ଅବସରପ୍ରାପ୍ତ ଆଇଏଏସ୍ ଦେବେନ୍ଦ୍ରନାଥ ସାରଙ୍ଗୀ, ବ୍ୟାଙ୍କ ଅଫ୍ ବରୋଦା ଅଶୋକ କୁମାର ଗର୍ଗ ଏବଂ ଅବସରପ୍ରାପ୍ତ ଆଇଏଏସ୍ ରଜନୀ ଶେଖରି ସିବଲ ମଧ୍ୟ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ବୋର୍ଡରେ ଯୋଗଦେବେ। ଏଠାରେ ସୂଚନାଯୋଗ୍ୟ ଯେ, ପେଟିଏମ୍ ପ୍ରତିଷ୍ଠାତା ବିଜୟଙ୍କ ଇସ୍ତଫା ପୂର୍ବରୁ ଏହାର ଦୁଇ ଜଣ ସ୍ୱାଧୀନ ନିର୍ଦ୍ଦେଶକ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ବୋର୍ଡରୁ ଇସ୍ତଫା ଦେଇଛନ୍ତି। ବ୍ୟାଙ୍କ ଅଫ୍ ଆମେରିକାର ପୂର୍ବତନ ତଥା ପ୍ରାଇସ୍ ୱାଟରହାଉସ୍ କୋପର୍ସ (ପିଡବ୍ଲ୍ୟୁସି) କାର୍ଯ୍ୟନିର୍ବାହୀ ସିଞ୍ଜିନି କୁମାର ଡିସେମ୍ବରରେ ଇସ୍ତଫା ଦେଇଛନ୍ତି। ଏଥିସହ ଏସବିଆଇର ପୂର୍ବତନ ଡେପୁଟି ମ୍ୟାନେଜିଂ ନିର୍ଦ୍ଦେଶକ ମଞ୍ଜୁ ଅଗ୍ରୱାଲ ମଧ୍ୟ ବୋର୍ଡରୁ ଇସ୍ତଫା ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ନିୟାମକ ନିୟମ ଉଲ୍ଲଂଘନ




**ଗଠନ ହେଲା ନୂତନ ବୋର୍ଡ**

**ସେଣ୍ଟ୍ରାଲ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ଶ୍ରୀନିବାସନ୍ ବୋର୍ଡରେ ସାମିଲ**

ହେତୁ ଆରବିଆଇ ପକ୍ଷରୁ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଥିବା ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଏହାର ୟୁପିଆଇ ସେବା ଜାରି ରଖିବା ଲାଗି ୪ଟି ବଡ ବ୍ୟାଙ୍କ - ଆକ୍ସିସ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ , ଷ୍ଟେଟ ବ୍ୟାଙ୍କ ଏବଂ ୟସ୍ ବ୍ୟାଙ୍କ ସହିତ ସହଯୋଗିତା ସ୍ଥାପନ କରିଛି। ପେଟିଏମ୍ ପେମେଣ୍ଟ ବ୍ୟାଙ୍କରେ ଜମା ଏବଂ ଅନ୍ୟାନ୍ୟ କାରବାର ପାଇଁ ଆରବିଆଇ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଫେବୃଆରୀ ୧୬ରେ ଆରବିଆଇ ଏ ନେଇ ଏକ ସର୍କୁଲାର ଜାରି କରିଥିଲା। ଗତ କିଛି ଦିନ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ମଧ୍ୟ ଲୋକଙ୍କଠାରୁ ଅନେକ ପ୍ରଶ୍ନ ଗ୍ରହଣ କରିଥିଲା। ଏହାକୁ ଆଧାର କରି ଆରବିଆଇ ଏକ ଏଫ୍‌ଏକ୍ୟୁ ମଧ୍ୟ ଜାରି କରିଥିଲା। ଏହାପୂର୍ବରୁ ଜାନୁଆରୀ ୩୧ରେ ଜାରି କରାଯାଇଥିବା ସର୍କୁଲାରରେ ଆରବିଆଇ କହିଛି ଯେ ଫେବୃଆରୀ ୨୯ ପରେ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା ହେବନାହିଁ। ଏହି ବ୍ୟାଙ୍କ ମାଧ୍ୟମରେ ୱାଲେଟ୍, ପ୍ରି-ପେଡ୍ ସେବା, ଫାସ୍‌ଟ୍ୟାଗ୍ ଏବଂ ଅନ୍ୟାନ୍ୟ ସେବାରେ ଟଙ୍କା ଜମା କରାଯାଇପାରିବନାହିଁ।

ଉଲ୍ଲେଖ ଯୋଗ୍ୟ ଯେ, ପେଟିଏମ୍ ଏହାର ୟୁପିଆଇ ସେବା କେବଳ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରିଥାଏ। ତେଣୁ, ଯଦି ଅନ୍ୟ ବ୍ୟାଙ୍କଗୁଡିକ ସହିତ କୌଣସି ସହଯୋଗିତା ନ ଥାଏ, ତେବେ ମାର୍ଚ୍ଚ ୧୫ ପରେ ୟୁପିଆଇ ସେବା ମଧ୍ୟ ବନ୍ଦ ହୋଇଯିବ। ପେଟିଏମ୍ କହିଛି ଯେ ଏ ସମ୍ପର୍କରେ ଉଭୟ ଏନ୍‌ପିସିଆଇ ଏବଂ ଆରବିଆଇ ସହ ଆଲୋଚନା ଚାଲିଛି।

## ଫିନ୍‌ଟେକ୍, ଷ୍ଟାର୍ଟଅପ୍ ମୁଖିଆଙ୍କୁ ଭେଟିଲେ ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ,୨୬।୨(ଏଜେନ୍ସି): ପେଟିଏମ୍ ପେମେଣ୍ଟସ ବ୍ୟାଙ୍କରେ ଦେଖାଦେଇଥିବା ସଙ୍କଟ ପରେ ସେହି ଘଟଣାକୁ ନେଇ ଦେଶର ଫିନ୍‌ଟେକ୍ ଏବଂ ଷ୍ଟାର୍ଟଅପ୍‌ଗୁଡିକ ଆଶଙ୍କାରେ ରହିଥିଲେ। ସେମାନଙ୍କ ମନରୁ ସେହି ଭୟକୁ ଦୂର କରିବା ଲାଗି ଖୋଦ୍ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଫିନ୍‌ଟେକ୍ ଏବଂ ଷ୍ଟାର୍ଟଅପ୍‌ର ମୁଖ୍ୟମାନଙ୍କୁ ଭେଟିଛନ୍ତି। ଏଣିକି ଫିନ୍‌ଟେକ୍ ଏବଂ ଷ୍ଟାର୍ଟଅପ୍‌ଗୁଡିକ ସହ ପ୍ରତି ମାସରେ ବୈଠକ କରାଯିବ। ଏହି ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ବୈଠକ ଅବସରରେ ଅର୍ଥମନ୍ତ୍ରୀ କ୍ଷେତ୍ର ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବୈଠକରେ ଅର୍ଥମନ୍ତ୍ରୀ ମାନଦଣ୍ଡର ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିରେ ସେ ସରକାରୀ ନିୟମକୁ କଡାକଡି ଭାବେ ପାଳନ କରିବା ଏବଂ ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା କରିବାରେ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ବିରୋଧରେ ଆରବିଆଇ କାର୍ଯ୍ୟାନୁଷ୍ଠାନ ପୃଷ୍ଠଭୂମିରେ ଅନୁଷ୍ଠିତ ଏହି ବୈଠକରେ ଗୁଗୁଲ୍ ପେ, ଫୋନ୍ ପେ, ଆମାଜନ ପେ ଏବଂ ରୋଜରପାଇ ଭଳି ଫିଣ୍ଟେକ୍ ସଂସ୍ଥାର ପ୍ରତିନିଧି ତଥା ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ)ର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଅର୍ଥ ସେବା ସଚିବ ବିବେକ ଯୋଶୀ, ଡିଜିପିଆଇ ସଚିବ ରାଜେଶ କୁମାର ସିଂ, ମାଇଟି (ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ) ସଚିବ ଏସ୍ କୃଷ୍ଣନ୍ ଏବଂ ଆରବିଆଇର ଡେପୁଟି ଗଭର୍ଣ୍ଣର ଟି ରବି ଶଙ୍କର।



ମାସିକ ବୈଠକ ପାଇଁ ଦେଲେ ପ୍ରସ୍ତାବ

## ଇଣ୍ଟିଗ୍ରେଟେଡ ପ୍ଲାଣ୍ଟ ସ୍ଥାପନ କରିବ ଆପୋଲୋ ମାଇକ୍ରୋ ସିଷ୍ଟମ୍ସ ଲିଃ

**ଭୁବନେଶ୍ୱର,୨୬।୨(ସମିସ):** କଷ୍ଟମ ବିଲ୍ଟ ଇଲେକ୍ଟ୍ରୋନିକ୍ସ ଓ ଇଲେକ୍ଟ୍ରୋ-ମେକାନିକାଲ ସଲ୍ୟୁଶନ୍ସର ଡିଜାଇନ, ଡେଭଲପମେଣ୍ଟ ଓ ଆସେମ୍ବ୍ଲି କ୍ଷେତ୍ରରେ ଏକ ଅଗ୍ରଗାମୀ ସଂସ୍ଥା ଆପୋଲୋ ମାଇକ୍ରୋ ସିଷ୍ଟମ୍ସ ଲିଃ ଘୋଷଣା କରିଛି ଯେ, ଏହା ଏକ ବିଶାଳ ସମାରୋହର ଆୟୋଜନ କରି ଇଞ୍ଜିନିୟସ୍ ଡିଫେନ୍ସ ସିଷ୍ଟମ୍ସ (ଆଇପିଆଇଡିଏସ୍) ପାଇଁ ଇଣ୍ଟିଗ୍ରେଟେଡ୍ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛି। ଏ ନେଇ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ୨.୫ ଏକରର ବିଦ୍ୟମାନ ଆବଣ୍ଟିତ ଜମି ନିକଟରେ ଅତିରିକ୍ତ ୨.୫ ଏକରର ଜମି ପାଇଁ ଆମେ ଆବେଦନ କରିଛୁ ଏବଂ ଏଥିପାଇଁ ଅଗ୍ରୀମ ରାଶି ପଇଠ କରାଯାଇଛି, ଯାହାଦ୍ୱାରା ମୋଟ ଜମି ପରିମାଣ ୫ ଏକରକୁ ବୃଦ୍ଧି ପାଇବ। ଏହି ୫ ଏକର ଜମିକୁ ୨୧୦ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ସହିତ ଇଞ୍ଜିନିୟର୍ସ ଡିଫେନ୍ସ ସିଷ୍ଟମ୍ସ ପାଇଁ ଇଣ୍ଟିଗ୍ରେଟେଡ ପ୍ଲାଣ୍ଟ ନିର୍ମାଣ କରିବା ଲାଗି ଉପଯୋଗ କରାଯିବ। ଏଥିପାଇଁ ଆପୋଲୋ ମାଇକ୍ରୋ ସିଷ୍ଟମ୍ସ ଲିଃ ୧୯ ତାରିଖରେ ହାଇଦ୍ରାବାଦସ୍ଥିତ ହାର୍ଡୱେର ପାର୍କରେ ଏହି ପ୍ଲାଣ୍ଟ ପାଇଁ ଶିଳାନ୍ୟାସ କରିଛି।

## ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ପଶୁ ଉଦ୍ଧାର, ଯତ୍ନ, ସଂରକ୍ଷଣ ଓ ଥଇଥାନ କାର୍ଯ୍ୟକ୍ରମ 'ବନ୍‌ତାରା' ଆରମ୍ଭ

ଭୁବନେଶ୍ୱର,୨୬।୨(ସମିସ): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଓ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ 'ବନ୍‌ତାରା' (ଜଙ୍ଗଲର ତାରା) କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି, ଯେଉଁଥିରେ ଉଭୟ ଭାରତ ଓ ବିଦେଶରେ ଆହତ, ଉତ୍ପୀଡ଼ନର ଶିକାର ଏବଂ ଭୟରେ ଥିବା ପଶୁମାନଙ୍କୁ ଉଦ୍ଧାର, ଚିକିତ୍ସା, ଯତ୍ନ ଓ ଥଇଥାନ ବ୍ୟବସ୍ଥା କରାଯାଇଛି। ଗୁଜରାଟରେ ରିଲାଏନ୍ସ ଜାମନଗର ରିଫାଇନାରି ପରିସରରେ ଥିବା ସବୁଜ ବଳୟର ୩୦୦୦ ଏକରରେ ବ୍ୟାପ୍ତ, 'ବନ୍‌ତାରା'ର ଲକ୍ଷ୍ୟ ହେଉଛି ବିଶ୍ୱରେ ସଂରକ୍ଷଣ ଉଦ୍ୟମରେ ଅନ୍ୟତମ ପ୍ରମୁଖ ଯୋଗଦାନକାରୀରେ ପରିଣତ ହେବା। ପଶୁ ଯତ୍ନ ଓ କଲ୍ୟାଣ କ୍ଷେତ୍ରରେ ଅଭିଜ୍ଞ ବିଶେଷଜ୍ଞମାନଙ୍କ ସହ କାର୍ଯ୍ୟ କରି 'ବନ୍‌ତାରା' ୩୦୦୦ ଏକର ସ୍ଥାନକୁ ଏକ ପ୍ରାକୃତିକ ଜଙ୍ଗଲ ଭଳି ପରିବେଶରେ ପରିଣତ କରିଛି ଯେଉଁଠାରେ ଉଦ୍ଧାର କରାଯାଇଥିବା ପଶୁମାନେ ଆରାମରେ ବାସ କରିପାରିବେ। ଆରଆଇଏଲ୍ ବୋର୍ଡ ଓ ରିଲାଏନ୍ସ ଫାଉଣ୍ଡେସନର ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିବା ତଥା ଉତ୍ସାହଭରା ନେତୃତ୍ୱ ରେ ସ୍ଥାପନ କରାଯାଇଥିବା ଏହି 'ବନ୍‌ତାରା' ଉଦ୍ୟମ ହେଉଛି ଭାରତରେ ପ୍ରଥମ।

## ଶତାବ୍ଦୀ ମ୍ୟାଟ୍ରେସ ପକ୍ଷରୁ କ୍ୟୁସେନ୍ସ ଟେକ୍ନୋଲୋଜି ଚାଳିତ କ୍ୟୁ-ଜେଲ୍ ମ୍ୟାଟ୍ରେସର ଶୁଭାରମ୍ଭ

**ଭୁବନେଶ୍ୱର, ୨୬।୨(ସମିସ):** ଶତାବ୍ଦୀର ମ୍ୟାଟ୍ରେସ ପୋର୍ଟଫୋଲିଓରେ କୁଲେଷ୍ଟ ଯୋଗ ପ୍ରସ୍ତୁତ କରି ବିଶେଷଜ୍ଞମାନେ ଶୟନ ଅଭିଜ୍ଞତାକୁ ପୁନଃ ପରିଭାଷିତ କରିବାକୁ ଅଭିନବ କ୍ୟୁସେନ୍ସ ଟେକ୍ନୋଲୋଜି ସହିତ ଏହାର କ୍ୟୁ-ଜେଲ ମ୍ୟାଟ୍ରେସ ପରିସରକୁ ଅନାବରଣ କରିଛନ୍ତି। ଗ୍ରାହକମାନେ ଭଲ ନିଦ୍ରାର ଗୁରୁତ୍ୱକୁ ଅଧିକରୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ଏହି ଉଦ୍ଭାବନ ବର୍ଦ୍ଧିତ ବିଶ୍ରାମ ଏବଂ ଆରାମକୁ ସୁନିଶ୍ଚିତ କରେ। ସଠିକତା ସହିତ ନିର୍ମିତ ଏହି ମ୍ୟାଟ୍ରେସ'ରେ ୟୁରୋ ଟପ ଫିନିଶ ସହିତ ଏକ ଭିସ୍କୋଜ କପଡା ବୈଶିଷ୍ଟ୍ୟ ରହିଛି, ଯାହା ଏକ ସମୃଦ୍ଧ ଅନୁଭବ ଏବଂ ବର୍ଦ୍ଧିତ ଆରାମ ଯାଚିଥାଏ। କ୍ୟୁସେନ୍ସ ଟେକ୍ନୋଲୋଜିରେ ଭର୍ତ୍ତି ହୋଇଥିବା କ୍ୟୁ-ଜେଲ ତମ୍ବା କ୍ରିଷ୍ଟାଲ ମେମୋରି ଫୋମ ଏକ ବିଶ୍ରାମଦାୟୀ ଶୋଇବା ଅଭିଜ୍ଞତା ପାଇଁ ପ୍ରଭାବଶାଳୀ ଉତ୍ତାପ ପରିଚାଳନାକୁ ସୁନିଶ୍ଚିତ କରିଥାଏ। କ୍ୟୁ-ଜେଲ ମ୍ୟାଟ୍ରେସ ଦୁଇଟି ପ୍ରକାରରେ ଆସେ - କ୍ୟୁ-ଜେଲ ବିଳାସ ଏବଂ କ୍ୟୁ-ଜେଲ ଆରାମ ଏହାର ୟୁରୋ ଟପ ଶେଷସ୍ପର୍ଶ ଦ୍ୱାରା ଏକ ନରମ ଏବଂ ଆରାମ ଅନୁଭବ ପ୍ରଦାନ କରୁଥିବା ୮ ଇଂଚର ମୋଟେଇରେ ଉପଲବ୍ଧ କ୍ୟୁ-ଜେଲ ବିଳାସ ୭ ବର୍ଷର ୱାରେଣ୍ଟି ସହିତ ଆସିଥାଏ। କ୍ୟୁ-ଜେଲ ବିଳାସ ଟ.୨୪୯୩୮, ୩୯୪୬୫, ଏବଂ ୪୭୭୫୨ ଟଙ୍କାର ମୂଲ୍ୟ ସହିତ ଏକକ,କୁଇନ ଏବଂ କିଙ୍ଗ ଆକାରରେ ଆସିଥାଏ।




## ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ୍ ପକ୍ଷରୁ ନୂଆ 'ୟୁ ଆର୍ ଗୋଲ୍ଡ' କ୍ୟାମ୍ପେନ୍

**ଭୁବନେଶ୍ୱର,୨୬।୨(ସମିସ):** ୱାର୍ଲ୍ଡ ଗୋଲ୍ଡ କାଉନସିଲ ପକ୍ଷରୁ ଭାରତରେ ମିଲେନିଆଲ ଓ ଜେନ୍ ଜି ବା ଯୁବପିଢିଙ୍କର ସୁନା ସହ ସମ୍ପର୍କକୁ ସୁଦୃଢ କରିବା ପାଇଁ ଏକ ନୂଆ ମଲ୍ଟିମିଡିଆ କ୍ୟାମ୍ପେନ 'ୟୁ ଆର୍ ଗୋଲ୍ଡ' ଶୁଭାରମ୍ଭ କରାଯାଇଛି। ଏହି କ୍ୟାମ୍ପେନ ଏକ ଫିଲ୍ମର ଶୁଭାରମ୍ଭ କରିଛି ଯାହା ବିସ୍ତୃତ ଦର୍ଶକ ଆଧାରକୁ ଗ୍ରହଣ କରିଛି ଏବଂ ଏହା ସୁନାକୁ ଉଭୟ ମହିଳା ଓ ପୁରୁଷ ତଥା ଯୁବପିଢିଙ୍କ ପାଇଁ ଏକ ସାଥୀ ଭାବେ ଉପସ୍ଥାପନ କରୁଛି। ଏହି ଫିଲ୍ମଟି ବ୍ୟକ୍ତିମାନଙ୍କ କାହାଣୀଗୁଡିକୁ ହାଇଲାଇଟ୍ କରିବା ଉପରେ ଗୁରୁତ୍ୱ ଦେଉଛି ଯାହା ସନ୍ଦେହ,ଅସୁରକ୍ଷିତତା ଓ ଉଜ୍ଜ୍ୱଳ ଆଲୋକକୁ ଅତିକ୍ରମ କରିଛି। ସମଗ୍ର ବିଶ୍ୱକୁ ସେମାନେ ବାସ୍ତବରେ କ'ଣ ହାସଲ କରିପାରିବେ ତାହା ଦର୍ଶାଉଛି। ଏହା ବିକଶିତ ଧାରଣା ମଧ୍ୟରେ ସାହସ ଓ ଦୃଢତାକୁ ପାଳନ କରି ଏବଂ ଆଧୁନିକ ସୁନା ଗହଣାକୁ ସ୍ୱ-ଅଭିବ୍ୟକ୍ତିର ଶକ୍ତିଶାଳୀ ମାଧ୍ୟମ ଭାବେ ସ୍ଥାନିତ କରି ମିଲେନିଆଲ ଓ ଜେନ୍ ଜିଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ପାଇଁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ, ୱାର୍ଲ୍ଡ ଗୋଲ୍ଡ କାଉନ୍‌ସିଲ, ଇଣ୍ଡିଆ, ମାର୍କେଟିଂ ବିଭାଗ ମୁଖ୍ୟ, ଆରତୀ ସକ୍‌ସେନା କହିଛନ୍ତି, ଆମର ପ୍ରୟାସ ହେଉଛି ସୁନାକୁ ଆଜିର ଯୁବପିଢିଙ୍କ ପାଇଁ ପ୍ରାସଙ୍ଗିକ କରିବା।

## ଇଲେକ୍ଟ୍ରିକ୍ ଯାନ, ସୌର ଶକ୍ତି ମାଧ୍ୟମରେ ଜେଏସ୍‌ପି 'ଗୋ ଗ୍ରୀନ୍' ପଦକ୍ଷେପ



**ଅନୁଗୋଳ, ୨୬।୨(ସମିସ):** ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଇବା ଏବଂ ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଭାବରେ ଭାରତୀୟ ଅଗ୍ରଣୀ ଇସ୍ପାତ ଉତ୍ପାଦକ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ଏହାର ଅନୁଗୁଳ ଇସ୍ପାତ କାରଖାନରେ ୧୦ ଟି ଇଲେକ୍ଟ୍ରିକ ବସ୍ ଏବଂ ୨୭ ଟି ଇଲେକ୍ଟ୍ରିଯାନ (ଇଭି) ନିୟୋଜିତ କରିଛି। ପରିବେଶ ନିରନ୍ତରତା ଏବଂ ଡିକାର୍ବନାଇଜେସନ୍ ପ୍ରୟାସ ପ୍ରତି ଜେଏସପିର ପ୍ରତିବଦ୍ଧତା ଦିଗରେ ଏହା ଏକ ପ୍ରମୁଖ ପଦକ୍ଷେପ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ ଇଲେକ୍ଟ୍ରିକ୍ ଯାନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ପରିବେଶ ନିରନ୍ତରତା ପାଇଁ ଜେଏସପିର ଅତୁଟ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରରେ ଆମେ ନିରନ୍ତର ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷା ପାଇଁ ଆମେ ସର୍ବଦା ପ୍ରୟାସରତ ବୋଲି ସେ କହିଛନ୍ତି। ଇଲେକ୍ଟ୍ରିକ୍ ଯାନର ପ୍ରଚଳନ ଏବଂ ଅନୁଗୋଳ ୟୁନିଟରେ ଆମର ବ୍ୟାପକ ସୌର ଶକ୍ତି ୟୁନିଟ କାର୍ଯ୍ୟକ୍ଷମ ହେବା ଆମର ନେଟ୍ ଜିରୋ ହାସଲ କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ୱଚ୍ଛ ଏବଂ ସବୁଜ ପୃଥିବୀ ନିର୍ମାଣ ଦିଗରେ ଆମର ପ୍ରତିବଦ୍ଧତାକୁ ପୂରଣ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଛନ୍ତି।

## ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ପୁରୀ ଷ୍ଟୋର୍‌ର ପ୍ରଥମ ବାର୍ଷିକୋତ୍ସବ

**ମାର୍ଚ୍ଚ ୩ ଯାଏଁ ସୁନା, ହୀରା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ରିହାତି**

**ଭୁବନେଶ୍ୱର,୨୬।୨(ସମିସ):** ପୁରୀ ଷ୍ଟୋରର ପ୍ରଥମ ବାର୍ଷିକୀ ପାଳନ ଅବସରରେ ଖିମଜୀ ଜୁଏଲର୍ସ ଏହାର ଗ୍ରାହକମାନଙ୍କ ପାଇଁ ଏକ ଚମତ୍କାର ଅଫର ଉନ୍ମୋଚନ କରିଛି। ମାର୍ଚ୍ଚ ୩ ପର୍ଯ୍ୟନ୍ତ ପୁରୀ ଷ୍ଟୋରରେ ସୁନା ଓ ହୀରା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ରିଆତି ସହ ଏକ ନିଆରା ସପିଂ ଅନୁଭୂତିରେ ଯୋଗ ଦେବା ପାଇଁ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଗ୍ରାହକମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି ଅସାଧାରଣ ଅଫର ପୃଷ୍ଠପୋଷକମାନଙ୍କୁ ଯଥେଷ୍ଟ ସଞ୍ଚୟ ଉପଭୋଗ କରିବା ଏବଂ ଏକ ସପିଂ ମହୋତ୍ସବରେ ସାମିଲ ହେବାର ସୁବର୍ଣ୍ଣ ସୁଯୋଗ ପ୍ରଦାନ କରୁଛି। ପ୍ରଥମ ଥର ପାଇଁ ଖିମଜୀ ଜୁଏଲର୍ସ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରିଆତି ପ୍ରଦାନ କରୁଛି ଯାହା ଅତୁଳନୀୟ ମୂଲ୍ୟର ପ୍ରତିଶ୍ରୁତି ଦେଉଥିବା ଏକ ଅବସର ସୃଷ୍ଟି କରିଛି। ୮୮ ବର୍ଷର ପରମ୍ପରା ସହିତ ଖିମ୍‌ଜୀ ଜୁଏଲର୍ସ ଏହାର ଆକର୍ଷଣୀୟ ଡିଜାଇନ୍ ପାଇଁ ଜଣାଶୁଣା ଯାହା ପିଢ଼ି ପିଢ଼ି ଧରି ସତର୍କତାର ସହ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି ଯେ, ଆମ ପୁରୀ ଷ୍ଟୋରର ପ୍ରଥମ ବାର୍ଷିକୀ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବସର ଯାହା ଏହି ଜୀବନ୍ତ ବଜାରରେ ଥିବା ଶକ୍ତି ଉପରେ ଆଲୋକପାତ କରୁଛି। ଗତ ଏକ ବର୍ଷ ମଧ୍ୟରେ ଆମର ଗ୍ରାହକମାନଙ୍କ ଅତୁଟ ବିଶ୍ୱାସ ଏବଂ ସମର୍ଥନ ପାଇଁ ଆମେ ଗଭୀର ଭାବେ କୃତଜ୍ଞ। ଏହି ମାଇଲଖୁଣ୍ଟ ଅବସରକୁ ଆମେ ପାଳନ କରୁଥିବା ବେଳେ ଆମର ମୂଲ୍ୟବାନ ଗ୍ରାହକଙ୍କ ପାଇଁ ଏହି ସ୍ୱତନ୍ତ୍ର ଅଫରକୁ ବିସ୍ତାର କରି ଆନନ୍ଦିତ। ଗ୍ରାହକଙ୍କ ସନ୍ତୁଷ୍ଟି ଉପରେ ନିରନ୍ତର ଧ୍ୟାନ ଦେଇ ଆମ ବ୍ରାଣ୍ଡ, ଅନନ୍ୟ ପସନ୍ଦ ଏବଂ ଆବଶ୍ୟକତା ପୂରଣ କରି ଆଶାଠାରୁ ଅଧିକ କରିବାକୁ ଚେଷ୍ଟା କରୁଛି। ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୫୦% ରିଆତି ଆମର ଉତ୍କୃଷ୍ଟ ଅଳଙ୍କାରକୁ ଅଧିକ ସୁଲଭ କରୁଥିବା ବେଳେ ଖିମଜୀ ଜୁଏଲର୍ସକୁ ସଂଜ୍ଞା ଦେଉଥିବା କାରିଗରୀ ଏବଂ ସୁନ୍ଦରତାର ସ୍ଥାୟୀ ପରମ୍ପରା ପ୍ରତି ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

KHIMJI
JEWELLERS SINCE 1936

## ନିତି ଆୟୋଗ ରିପୋର୍ଟ: ଦାରିଦ୍ର୍ୟ ହାର ୫ ପ୍ରତିଶତ ତଳେ

ନୂଆଦିଲ୍ଲୀ,୨୬।୨(ଏଜେନ୍ସି): ଦେଶରେ କମିଛି ଗରିବି।ଦାରିଦ୍ର୍ୟ ହାରରେ ହୋଇଛି ହ୍ରାସ। ନିତି ଆୟୋଗ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ଦେଶରେ ଦାରିଦ୍ର୍ୟ ହାର ୫ ପ୍ରତିଶତ ତଳେ ରହିଛି। ନିତି ଆୟୋଗ ସିଇଓ ବି.ବି ଆର ସୁବ୍ରମଣ୍ୟମ ଏହି ରିପୋର୍ଟ ଜାରି କରିଛନ୍ତି, ଯେଉଁଥିରେ ଦେଶର ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ନିତି ଆୟୋଗ ଦ୍ୱାରା ଘରୋଇ ଉପଭୋକ୍ତା ବ୍ୟୟ ସର୍ବେକ୍ଷଣ କରାଯାଇଥିଲା। ସେଥିରୁ ଜଣାପଡିଛି ଯେ ଉଭୟ ଗାଁ ଏବଂ ସହରରେ ବସବାସ କରୁଥିବା ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ଘଟିଛି। ଜାତୀୟ ସର୍ବେକ୍ଷଣ କାର୍ଯ୍ୟାଳୟ (ଏନଏସଏସଓ) ଦ୍ୱାରା ଜାରି କରାଯାଇଥିବା ଏସୌହି ରିପୋର୍ଟ ଅନୁସାରେ ପ୍ରତି ବ୍ୟକ୍ତିର ମାସିକ ଘରୋଇ ଖର୍ଚ୍ଚ ୨୦୧୧-୧୨ ତୁଳନାରେ ୨୦୨୨-୨୩ରେ ଦୁଇ ଗୁଣା ଅଧିକ ହୋଇଛି

## ଦଧିଚି ୟୁଥ୍ ଫାର୍ମା – ୨୦୨୪ ଉଦ୍‌ଯାପିତ




ଭୁବନେଶ୍ୱର,୨୬।୨(ସମିସ): କଣ୍ଟାପଡା ବ୍ଲକ୍ ସୁନ୍ଦରଗ୍ରାମସ୍ଥିତ ଦଧିଚି କଲେଜ୍‌ରେ ଅନୁଷ୍ଠିତ ଦୁଇଦିନିଆ ୟୁଥ୍ ଫାର୍ମା–୨୦୨୪ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଦଧିଚି ସମୂହ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ଼ଃ. ମନୋଜ କୁମାର ଦାଶ, ମ୍ୟାନେଜିଙ୍ଗ ଟ୍ରଷ୍ଟି ବବିତା ଦାଶ, ମୁଖ୍ୟ ଅତିଥି ଡ଼ଃ ମଣ୍ଟୁ କୁମାର ଏମ୍ ପଟେଲ୍, ସଭାପତି ଫାର୍ମାସୀ କାଉନ୍‌ସେଲିଂ ଅଫ୍ ଇଣ୍ଡିଆର ଡ଼ଃ ଏ.କେ.ନାସା ମୁଖ୍ୟବକ୍ତା , ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ଼ଃ ବ୍ରଜ କିଶୋର ଦାସ ଆଡିସିନାଲ୍ ଡିଏମ୍‌ଇଟି ଓଡିଶା ସମ୍ମାନୀତ ଅତିଥି, ଧର୍ମେନ୍ଦ୍ର ସିଂ, ଇସି ମେମ୍ବର ଫାର୍ମାସୀ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ଏବଂ ଡ଼ଃ ସୁବାଷ ଚନ୍ଦ୍ର ମହାପାତ୍ର ଡାଇରେକ୍ଟର ରେଗୁଲେଟିଂ ଆଫାୟରସ୍ ନୋୱାରଡେମ୍, ହାଇଦ୍ରାବାଦ୍ ପ୍ରମୁଖ। ସରକାରଙ୍କ ପାଖରେ ନିବେଦନ ଏବଂ ଉପଯୁକ୍ତ ତଥ୍ୟ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ରଜତ କୁମାର କର ସୂଚନା ଦେଇଥିଲେ। ସହ ସଙ୍ଗଠକ ତଥା ଅନୁଷ୍ଠାନର ଉପାଧ୍ୟକ୍ଷ ପ୍ରଫେସର ଶୋଭବିକାଶ ସ୍ୱାଇଁ ଧନ୍ୟବାଦ ଦେଇଥିବାବେଳେ ସଂଯୋଜକ ଅନିତା ସାହୁଙ୍କ ତତ୍ତ୍ୱାବଧାନରେ ସବୁ ବିଭାଗର କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ ହୋଇପାରିଥିଲା।

**ଡବ୍ଲ୍ୟୁଟିଓ ମୁଖ୍ୟ ନାଗୋଜୀଙ୍କ ଚେତାବନୀ**

# ଯୁଦ୍ଧ, ଅନିଶ୍ଚିତତା ଓ ଅସ୍ଥିରତା ପାଇଁ ବିଶ୍ୱ ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ,୨୬।୨(ଏଜେନ୍ସି)

ଚଳିତବର୍ଷ ବିଶ୍ୱର ପ୍ରାୟଅଧା ଭାଗରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଭଳି ସମୟରେ ଚାରିଆଡେ ଯୁଦ୍ଧ, ଅନିଶ୍ଚିତତା ଏବଂ ଅସ୍ଥିରତା ଜନିତ ପରିସ୍ଥିତି ଲାଗି ରହିଛି। ଏଭଳି ସ୍ଥିତି ବିଶ୍ୱ ଅର୍ଥ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଉଛି। ତେଣୁ ଆଗାମୀ ଦିନରେ ଯେଉଁସବୁ ରାଷ୍ଟ୍ରରେ ନିର୍ବାଚନ ଅନୁଷ୍ଠିତ ହେବା ସେଠାରେ ଉପରୋକ୍ତ ପରିସ୍ଥିତି ଏକ ନୂଆ ଚ୍ୟାଲେଞ୍ଜ ସୃଷ୍ଟି ହୋଇପାରେ। ତେଣୁ ଏସବୁ ସ୍ଥିତିରେ ସୁଧାର ଆଣିବାକୁ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ)ର ମୁଖ୍ୟ ନାଗୋଜୀ ଓକୋଞ୍ଜୋ ଆଇୱେଲା ସୋମବାର ଚେତାବନୀ ଦେଇଛନ୍ତି।

ଡ୍ବୁଟିଓ ଡିଜି ମୁଖ୍ୟ ନାଗୋଜୀ ଓକୋଞ୍ଜୋ ଇୱେଲା ଡବ୍ଲୁଟିଓକୁ ପ୍ରଶଂସା ମଧ୍ୟ କରିଛନ୍ତି। କାରଣ ଆମେରିକା ଓ ଅନ୍ୟ ଦେଶର ଚାପରେ ଥାଇ ବି ଡବ୍ଲ୍ୟୁଟିଓ ୟୁଏଇରେ ଦ୍ୱିପାକ୍ଷିକ ବୈଠକ ଆୟୋଜନ କରିପାରିଲା ସେଥିପାଇଁ ସଂସ୍ଥାକୁ ପ୍ରଶଂସା କରାଯିବା ଉଚିତ୍ ବୋଲି ଇୱେଲା କହିଛନ୍ତି। ତେବେ ଆଗାମୀ ଦିନଗୁଡିକରେ ବିଶ୍ୱରେ ଖାଦ୍ୟ, ଶକ୍ତି ଓ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ମହଙ୍ଗା ହେବାକୁ ଯାଉଥିବା ସେ ଚେତାଇ ଦେଇଛନ୍ତି। ଏହିସବୁ ସମସ୍ୟା ଆଗକୁ ରାଜନୈତିକ ହାତାଶାର କାରଣ ହେବ ବୋଲି ଇୱେଲା କହିଛନ୍ତି। ଇୱେଲା କହିଛନ୍ତି ଯେ ସବୁଆଡ଼େ ଲୋକେ ଆଗାମୀ ଭବିଷ୍ୟତକୁ ନେଇ ଚିନ୍ତାର ଅଛନ୍ତି। ଏହା ଚଳିତବର୍ଷ ହେବାକୁ ଥିବା ନିର୍ବାଚନ ଉପରେ ପ୍ରଭାବ ପକାଇବ। ଡବ୍ଲୁଟିଓ ପାଇଁ ନଭେମ୍ବର ୫ରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନଠାରୁ ବୋଧ ହୁଏ ଅଧିକ ଗୁରୁତ୍ୱପୂର୍ଣ୍ଣ ଆଉ କିଛି ନାହିଁ। କାରଣ ଏଥର ନିର୍ବାଚନରେ ପୁଣିଥରେ ଡୋନାଲ୍ଡ ଟ୍ରମ୍ପ ଲଢୁଛନ୍ତି। ଟ୍ରମ୍ପ ରାଷ୍ଟ୍ରପତି ଥିବାବେଳେ ଡବ୍ଲୁଟିଓରୁ ଆମେରିକାକୁ ବାହାର କରିନେବା କଥା କହିଥିଲେ। ଏଥିସହିତ ମିତ୍ର ଓ ଶତ୍ରୁ ରାଷ୍ଟ୍ରଙ୍କ ଉପରେ ବାରମ୍ବାର ଆମଦାନୀ ଶୁଳ୍କ ଲଗାଉଥିଲେ ବୋଲି ଇୱେଲା କହିଛନ୍ତି। ଯଦି ଟ୍ରମ୍ପ ଜିତନ୍ତି ତେବେ ବିଶ୍ୱ ବ୍ୟାପାର ପ୍ରଭାବିତ ହେବା ସହ ବହୁପକ୍ଷବାଦ ମଧ୍ୟ କ୍ଷତିଗ୍ରସ୍ତ ହେବ ବୋଲି ଆଇୱେଲା ପରୋକ୍ଷରେ ଟ୍ରମ୍ପଙ୍କ ନାଁ ନ ନେଇ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ୭୫ ବର୍ଷେ ପୂର୍ବେ ଆରମ୍ଭ ହୋଇଥିବା ବହୁପକ୍ଷୀୟ ବାଣିଜ୍ୟ ବ୍ୟବସ୍ଥାକୁ ଗତ କିଛି ତ୍ରୈମାସିକ ହେବ ଭୁଲ ଭାବରେ ଚିତ୍ରଣ କରାଯିବା ସହ ଏହା କମ୍ ପ୍ରଭାବୀ ବୋଲି ବିଚାର କରାଯାଉଛି। ଯଦି ବାଇଡେନ ନିର୍ବାଚନ ଜିତନ୍ତି ତେବେ ତାଙ୍କର ଡବ୍ଲ୍ୟୁଟିଓ ଉପରେ ମଧ୍ୟ ଏକାଧିକ ଅଭିଯୋଗ ରହିବ। ବିଗତ ତିନୋଟି ଶାସନରେ ଆମେରିକା ଏହାର ଅପିଲ କୋର୍ଟରେ ନିଯୁକ୍ତିକୁ ବନ୍ଦ କରିଛି। ଫଳରେ ଏହା ଆଉ ଚାଲୁ ନାହିଁ। ୱାଶିଂଟନ୍‌ର ଅଭିଯୋଗ ହେଲା ଡବ୍ଲୁଟିଏଓ ବିଚାରପତିମାନେ ମାମଲା ଉପରେ ରାୟ ଦେବାବେଳେ ଅଧିକାରକୁ ଅତ୍ୟଧିକ ଉଲ୍ଲଂଘନ କରୁଛନ୍ତି। ଏହାବାଦ ଚୀନ ନିଜକୁ ବିକାଶଶୀଳ ଦେଶ କହୁଥିବାରୁ ଆମେରିକା ସବୁବେଳେ ସମାଲୋଚନା କରିଆସୁଛି। ଯେମିତି ସେ ୨୦୦୧ରେ ଚୀନ ଡବ୍ଲୁଟିଓରେ ଯୋଗ ଦେବା ପୂର୍ବରୁ କରୁଥିଲା। ୱାଶିଂଟନ୍, ୟୁରୋପ ଏବଂ ଅନ୍ୟ ରାଷ୍ଟ୍ରଗୁଡିକର ଅଭିଯୋଗ ହେଉଛି ଯେ ବେଜିଂ ଉଦୀୟମାନ ଶିଳ୍ପଗୁଡିକର ପ୍ରବେଶକୁ ବାଧା ଦେଉଛି। ଟେକ୍ନୋଲୋଜି ହସ୍ତାନ୍ତର ଓ ଏହାର କୌଶଳ ଚୋରି କରିବା ପାଇଁ ଚୀନ୍ ବିଦେଶୀ କମ୍ପାନୀମାନଙ୍କୁ ଏକପ୍ରକାର ବାଧ୍ୟ କରୁଛି।



## ନୂଆ ରୂପ ପାଇବ ବାରବାଟୀ

# ଆଜି ଭିତ୍ତିପ୍ରସ୍ତର ସ୍ଥାପନ

କଟକ, ୨୬।୨(ସମିସ): ରାଜ୍ୟର ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁ ବାରବାଟୀ ଷ୍ଟାଡିୟମ ନୂଆ ରୂପ ନେବ। ଭାରତୀୟ ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ), ରାଜ୍ୟ ସରକାର ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନର ମିଳିତ ଉଦ୍ୟମରେ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହେବ। ମଙ୍ଗଳବାର

- ଆଭାସୀ ଜରିଆରେ ଯୋଗଦେବେ ମୁଖ୍ୟମନ୍ତ୍ରୀ
- ଉଦ୍‌ଘାଟିତ ହେବ ୪୧ଟି ନୂତନ ଏକାଡେମୀ

ଅପରାହ୍ନରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଜରିଆରେ ଯୋଗ ଦେଇ ନୂତନ ବାରବାଟୀ ଷ୍ଟାଡିୟମ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ଅବସରରେ ଓସିଏ ପକ୍ଷରୁ ପ୍ରସ୍ତୁତ ହୋଇଥିବା ୩୦ଜିଲ୍ଲାର ମୋଟ ୪୧ଟି କ୍ରିକେଟ ଏକାଡେମୀ ମଧ୍ୟ ଉଦ୍‌ଘାଟିତ ହେବ।



ଓଡ଼ିଶା କ୍ରିକେଟ ଆସୋସିଏସନ ସମ୍ମିଳନୀ କକ୍ଷରେ ସୋମବାର ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ସଞ୍ଜୟ ବେହେରା ଯୋଗ ଦେଇ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ସମସ୍ତ ସୂଚନା ଦେଇଛନ୍ତି। ୪୧ଟି ଯାକ କ୍ରିକେଟ ଏକାଡେମୀରେ ଅଭିଜ୍ଞ କ୍ୟୁରେଟର ଓ କୋଚ୍ ନିଯୁକ୍ତ କରାଯାଇଛି। ପ୍ରତ୍ୟେକ ଏକାଡେମୀରେ ଟର୍ଫ ୱିକେଟ, ନେଟ୍ କେଜେସ୍, ଇଭି ରୋଲର୍, ପିଚ୍ ଗ୍ରାସ କଟର, ବୋଲିଂ ମେସିନ, ପ୍ରାକ୍ଟିସ କିଟ୍‌ସ, ଟ୍ରେନିଂ କିଟସ ସମେତ ଅନ୍ୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଓସିଏ ପକ୍ଷରୁ ଯୋଗାଇ ଦିଆଯାଇଛି ବୋଲି ସମ୍ମିଳନୀରେ କୁହାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଷ୍ଟାଡିୟମ ପରିସରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର ଭିନୀଲକ୍ରୀଷ୍ଣା, ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଅଧ୍ୟକ୍ଷ ଅରୁଣ ସିଂହ ଧୂମାଲ, ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ଓଡ଼ିଶା ହାଇକୋର୍ଟର ଆଡଭୋକେଟ ଜେନେରାଲ ଅଶୋକ ପରିଜା, ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ଏତଦବ୍ୟତୀତ ପୂର୍ବତନ ଅନ୍ତର୍ଜାତୀୟ ତାରକା କ୍ରିକେଟର ଇର୍ଫାନ ପଠାନ୍, ପ୍ରଜ୍ଞାନ ଓଝାଙ୍କ ସମେତ ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ, ସଞ୍ଜୟ ରାଉଳ, ସ୍ୱାଗତିକା ରଥ, ରସନାରା ପରୱିନ, ମାଧୁରୀ ମେହେଟା ମଧ୍ୟ ସ୍ୱତନ୍ତ୍ର ଅତିଥି ଭାବେ ସାମିଲ ହେବେ। ଏହି ଅବସରରେ ରାଜ୍ୟ ତିନି ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା, ଶ୍ରଦ୍ଧାନନ୍ଦ ଦାସ ଏବଂ ଅଧୀପ ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବ। ବଲିଉଡ କଣ୍ଠଶିଳ୍ପୀ ନେହା କକରଙ୍କ ଦ୍ୱାରା ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମ୍ମିଳନୀରେ ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ।

## 'ଆଉ ଆନ୍ଧ୍ର ପାଇଁ କେବେ ଖେଳିବି ନାହିଁ'

ଇନ୍ଦୋର, ୨୬।୨ (ଏଜେନ୍ସି)

ଚଳିତ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ମଧ୍ୟ ପ୍ରଦେଶ ନିକଟରୁ ୪ ରନରେ ହାରି ଆନ୍ଧ୍ର ପ୍ରଦେଶ ଦଳ ପ୍ରତିଯୋଗିତାରୁ ବାହାରିଯାଇଛି। ଆନ୍ଧ୍ର ପ୍ରଦେଶ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବା ପରେ ଦଳରେ ଏକ ହାଇଡ୍ରାମା ଦେଖିବାକୁ ମିଳିଛି। ଅଭିଜ୍ଞ ବ୍ୟାଟର୍ ହନୁମା ବିହାରୀ ରାଜ୍ୟ ସଂଘ ଉପରେ ନିଜର କ୍ଷୋଭ




ପ୍ରକାଶ କରି ଆଉ କେବେ ମଧ୍ୟ ଆନ୍ଧ୍ର ପ୍ରଦେଶ ପକ୍ଷରୁ ଖେଳିବେ ନାହିଁ ବୋଲି କହିଛନ୍ତି। ଭାରତ ପାଇଁ ୧୬ ଟେଷ୍ଟ ମ୍ୟାଚ୍ ଖେଳିସାରିଥିବା ହନୁମା ବିହାରୀ ଚଳିତ ରଣଜୀ ଟ୍ରଫି ଆରମ୍ଭରୁ ବେଙ୍ଗଲ ବିପକ୍ଷ ପ୍ରଥମ ମ୍ୟାଚରେ ଅଧିନାୟକ ରହିଥିଲେ। କିନ୍ତୁ ଏହି ମ୍ୟାଚ୍ ଅବସରରେ ସେ ଦଳର ଅତିରିକ୍ତ ୱିକେଟରକ୍ଷକ ପୃଥ୍ୱୀ ରାଜଙ୍କ ଉପରେ ବିରକ୍ତି ପ୍ରକାଶ କରି ବଡ଼ ପାଟିରେ ଗାଳି କରିଥିଲେ। ରାଜଙ୍କ ପିତା ଜଣେ ପ୍ରଭାବଶାଳୀ ରାଜନେତା ହୋଇଥିବାରୁ ପରବର୍ତ୍ତୀ ସମୟରେ ହନୁମାଙ୍କୁ ନେତୃତ୍ୱରୁ ହଟାଇ ଦିଆଯାଇଥିଲା।

ସୋମବାର ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ଉଲ୍ଲେଖ କରି ୩୦ ବର୍ଷୀୟ ହନୁମା କହିଛନ୍ତି, 'ଆମେ ଶେଷ ପର୍ଯ୍ୟନ୍ତ କଡ଼ା ସଂଘର୍ଷ କରିଥିଲୁ। ଆନ୍ଧ୍ର ସହ ପୁଣି ଏକ କ୍ୱାର୍ଟରଫାଇନାଲ ହାରି ନିରାଶ ହୋଇଛି। କିନ୍ତୁ ଏଠାରେ ମୁଁ କିଛି ଅନାଲୋଚିତ ତଥ୍ୟ ସାମ୍ନାରେ ରଖିବାକୁ ଚାହୁଁଛି। ବେଙ୍ଗଲ ବିପକ୍ଷ ପ୍ରଥମ ମ୍ୟାଚରେ ମୁଁ ଅଧିନାୟକ ଥିଲି। ଏହି ମ୍ୟାଚରେ ୧୭ତମ ଖେଳାଳି (ପୃଥ୍ୱୀ ରାଜ)ଙ୍କ ଉପରେ ବଡ଼ ପାଟିରେ ଗାଳି କରିଥିଲି। ସେହି ଖେଳାଳିଙ୍କ ପିତା ଜଣେ ପ୍ରଭାବଶାଳୀ ରାଜନେତା ଥିବାରୁ ତାଙ୍କ ଚାପରେ ମୋର କୌଣସି ଭୁଲ ନଥାଇ ନେତୃତ୍ୱ ହରାଇବାକୁ ପଡ଼ିଥିଲା। ହନୁମା ଆହୁରି ମଧ୍ୟ କହିଛନ୍ତି, 'ବ୍ୟକ୍ତିଗତ ଭାବେ ସେହି ଖେଳାଳିଙ୍କୁ କିଛି କହି ନ ଥିଲି। ଗତବର୍ଷ ଆହତ ସତ୍ତ୍ୱେ ବାମହାତରେ ବ୍ୟାଟିଂ କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲି। ଏପରିକି ଗତ ୭ ବର୍ଷ ମଧ୍ୟରେ ଦଳକୁ ୫ଥର ରଣଜୀ ଟ୍ରଫି ନକ୍‌ଆଉଟ୍‌କୁ ନେଇଛି। ଏହାସତ୍ତ୍ୱେ ରାଜ୍ୟ କ୍ରିକେଟ୍ ସଂଘ ଭାବିଥିଲା ଯେ ସେହି ଖେଳାଳି (ରାଜ) ଜଣଙ୍କ ତାଙ୍କଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ। ମୋତେ ଅପମାନିତ କରାଯାଇଥିଲେ ମଧ୍ୟ ଏହି ସିଜନରେ ଖେଳ ଜାରି ରଖିବା ଏକମାତ୍ର କାରଣ ଥିଲା ମୁଁ ଖେଳ ଓ ମୋ ଟିମ୍‌କୁ ସମ୍ମାନ ଦେଉଥିଲି। ବର୍ତ୍ତମାନ ମୁଁ ନିଷ୍ପତ୍ତି ନେଇସାରିଛି ଯେଉଁଠାରେ ଆତ୍ମ ସମ୍ମାନ ହରାଇସାରିଛି ସେଠାରେ ଆଉ କେବେ ମଧ୍ୟ ଖେଳିବି ନାହିଁ। ତେବେ ହନୁମାଙ୍କ ଏହି ଅଭିଯୋଗକୁ ପୃଥ୍ୱୀ ରାଜ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି।

## ରଣଜୀ ଟ୍ରଫି

# ଆନ୍ଧ୍ରକୁ ହରାଇ ସେମିରେ ମଧ୍ୟପ୍ରଦେଶ



ଇନ୍ଦୋର, ୨୬।୨ (ଏଜେନ୍ସି)

ସ୍ଥାନୀୟ ହୋଲ୍‌କର କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ମଧ୍ୟପ୍ରଦେଶ ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଖେଳାଯାଇଥିବା ଚଳିତ ରଣଜୀ ଟ୍ରଫିର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଛି। ୧୭୦ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଆନ୍ଧ୍ର ପ୍ରଦେଶ ସୋମବାର ୪ର୍ଥ ଦିବସରେ ୧୬୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ମଧ୍ୟ ପ୍ରଦେଶ ୪ ରନରେ ରୋମାଞ୍ଚକ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ମୋଟ୍ ୯ ୱିକେଟ୍ ନେଇଥିବା ବିଜୟୀ ଦଳର ଅନୁଭବ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ମଧ୍ୟପ୍ରଦେଶ ପକ୍ଷରୁ ଧାର୍ଯ୍ୟ ୧୭୦ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଆନ୍ଧ୍ର ପ୍ରଦେଶ ରବିବାର ୩ୟ ଦିବସ ଶେଷ ସୁଦ୍ଧା ଦ୍ୱିତୀୟ ପାଳିରେ ୪ ୱିକେଟ୍ ହରାଇ ୯୫ ରନ କରିଥିଲା। ସୋମବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଆନ୍ଧ୍ର ବିଜୟ ଲାଗି ଆବଶ୍ୟକ ବଳକା ୭୫ ରନକୁ ସହଜରେ ହାସଲ କରିନେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ପୂର୍ବଦିନର ଅପରାଜିତ ଅଭିଜ୍ଞ ବ୍ୟାଟର୍ ହନୁମା ବିହାରୀ (୫୫) ଓ କିରଦାନ୍ତ କରଣ ସିନ୍ଧେ (୧୪)ଙ୍କୁ ୩ ଓଭର ମଧ୍ୟରେ ଆଉଟ୍ କରି ଅନୁଭବ ଅଗ୍ରୱାଲ ଘରୋଇ ଦଳକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ପରବର୍ତ୍ତୀ ବ୍ୟାଟର୍ ସୋଏବ ଖାନ ମଧ୍ୟ ଖାତା ଖୋଲିବା ପୂର୍ବରୁ ଅନୁଭବଙ୍କ ଶିକାର ବନିଥିଲେ। ଫଳରେ ଆନ୍ଧ୍ର ୧୧୮ ରନରେ ୭ ୱିକେଟ୍ ହରାଇ ସାଂଘାତିକ ସଙ୍କଟ ମଧ୍ୟକୁ ଚାଲିଯାଇଥିଲା। ଶେଷ ଭାଗରେ ଅଶ୍ୱିନ ହେବର୍ ୨୨ ରନ କରି କିଛିଟା ଲଢ଼େଇ କରିଥିଲେ ମଧ୍ୟ ଦଳ ବିଜୟଠାରୁ ୫ ରନ ଦୂରରେ ରହି ୧୬୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନୁଭବ ସର୍ବାଧିକ ୬ ୱିକେଟ୍ ନେଇଥିଲେ। ପୂର୍ବରୁ ପ୍ରଥମ ଦଳ ଭାବେ ତାମିଲନାଡୁ ଏକ ପାଳି ଓ ୩୩ ରନରେ ସୌରାଷ୍ଟ୍ରକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଥିଲା।

### ସଂକ୍ଷିପ୍ତ ସ୍କୋର

ମଧ୍ୟ ପ୍ରଦେଶ ପ୍ରଥମ ପାଳି: ୨୩୪/୧୦
ଆନ୍ଧ୍ର ପ୍ରଦେଶ ପ୍ରଥମ ପାଳି: ୧୭୨/୧୦
ମଧ୍ୟ ପ୍ରଦେଶ ୨ୟ ପାଳି: ୧୦୭/୧୦
ଆନ୍ଧ୍ର ପ୍ରଦେଶ ୨ୟ ପାଳି: ୧୬୫/୧୦

### ଶେଷ ଦିନରେ କର୍ଣ୍ଣାଟକ ସାମ୍ନାରେ ୨୬୮ ରନ ଲକ୍ଷ୍ୟ

ଅପରପକ୍ଷରେ ନାଗପୁରରେ ଚାଲିଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଘରୋଇ ବିଦର୍ଭ ୩୭୧ ରନର ଲକ୍ଷ୍ୟ କର୍ଣ୍ଣାଟକ ସାମ୍ନାରେ ଧାର୍ଯ୍ୟ କରିଛି। ଏହାକୁ ପିଛା କରି ଭ୍ରମଣକାରୀ କର୍ଣ୍ଣାଟକ ସୋମବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ୨୬ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୦୩ ରନ କରିଛି। ଅଧିନାୟକ ମୟଙ୍କ ଅଗ୍ରୱାଲ ୬୧ ଓ କେଭି ଅନିଷ ୧ ରନ କରି ଅପରାଜିତ ରହିଛନ୍ତି। ଓପନର୍ ରବିକୁମାର ସମର୍ଥ ୪୦ ରନ କରି ଅପରାଜିତ ରହିଛନ୍ତି। ମଙ୍ଗଳବାର ଶେଷ ଦିନରେ କର୍ଣ୍ଣାଟକ ସାମ୍ନାରେ ୨୬୮ ରନ ଓ ବିଦର୍ଭ ସମ୍ମୁଖରେ ୯ ୱିକେଟ୍ ବିଜୟ ଲକ୍ଷ୍ୟ ରହିଛି। ସେହିଭଳି ଘରୋଇ ମୁମ୍ବାଇ ଓ ବରୋଦା ମଧ୍ୟରେ ଚାଲିଥିବା ୨ୟ କ୍ୱାର୍ଟର ଫାଇନାଲ ଡ୍ର ଅଭିମୁଖେ ଅଗ୍ରସର ହୋଇଛି। ମୁସିର ଖାନ (୨୦୩)ଙ୍କ ଦ୍ୱିଶତକ ବଳରେ ମୁମ୍ବାଇ ପ୍ରଥମ ପାଳିରେ ୩୮୪ ରନ ଜବାବରେ ବରୋଦା ୩୪୮ ରନ କରିଥିଲା। ଏହାପରେ ୩୬ ରନରେ ଅଗ୍ରଣୀ ଥାଇ ୨ୟ ପାଳି ଆରମ୍ଭ କରିଥିବା ମୁମ୍ବାଇ ୪ର୍ଥ ଦିବସ ଶେଷ ସୁଦ୍ଧା ୯ ୱିକେଟ୍‌ରେ ୩୭୯ ରନ କରିଛି। ଫଳରେ ଦଳ ଏବେ ୪୧୫ ରନରେ ଅଗ୍ରଣୀ ରହିଛି।

## ଟେନିସ୍‌ରେ କିଟ୍‌କୁ ସ୍ୱର୍ଣ୍ଣିମ ସଫଳତା




ଭୁବନେଶ୍ୱର, ୨୬।୨ (ସମିସ): ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ମିଳିତ ଆନୁକୂଲ୍ୟରେ ଆସାମରେ ଚାଲିଥିବା ୪ର୍ଥ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ପୁରୁଷ ଦଳ ସ୍ୱର୍ଣ୍ଣିମ ସଫଳତା ପାଇଛି। ସୋମବାର ଅନୁଷ୍ଠିତ ଫାଇନାଲରେ କିଟ୍ ପୁରୁଷ ଟେନିସ ଦଳ ୨:୧ରେ ଚେନ୍ନଇର ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏଥିସହ ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ କିଟ୍ ଏହି ସମ୍ମାନଜନକ ପ୍ରତିଯୋଗିତାର ଟେନିସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଫାଇନାଲ ପଥରେ କିଟ୍ ୩-୦ରେ ଚୌଧୁରୀ ଚରଣ ସିଂହ ବିଶ୍ୱବିଦ୍ୟାଳୟକୁ, ୩-୦ରେ ଶିବାଜୀ ବିଶ୍ୱବିଦ୍ୟାଳୟକୁ, ୨-୧ରେ କୋଏମ୍ବାଟୁରସ୍ଥିତ ଭାରତୀୟର ବିଶ୍ୱବିଦ୍ୟାଳୟକୁ ଏବଂ ୨-୧ରେ ସାବିତ୍ରୀ ବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। କିଟ୍ ଦଳର କବୀର ହଂସ ପ୍ରତିଯୋଗିତାରେ ଖେଳିଥିବା ସମସ୍ତ ୧୫ଟି ମ୍ୟାଚ୍ (୧୦ ଏକକ ଓ ୫ ଯୁଗଳ)ରେ ବିଜୟୀ ହୋଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସ୍ୱର୍ଣ୍ଣ ବିଜୟୀ କିଟ୍ ଦଳର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଅଥର୍ବ ଶର୍ମା, ଅଂଶୁମାନ ସିଂ, ଆଶିଷ କୁମାର ପରିଡ଼ା ଓ ପ୍ରତ୍ୟୁଷ ମହାନ୍ତି ରହିଛନ୍ତି। ସମସ୍ତ ଖେଳାଳି ବର୍ତ୍ତମାନ କିଟ୍-ଆଲେକ୍ସଜାଣ୍ଡର ୱାସ୍କେ-ଅଲଟେଭୋଲ ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ମହିଳା ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬।୨ (ସମିସ): ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସୋମବାର ଓଡ଼ିଶାକୁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଭେଟି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଦେଇଛି। ମହିଳା ହକିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଫାଇନାଲରେ ୫-୩ (୧-୧) ଗୋଲ୍ ସୁଟ୍‌ଆଉଟ୍‌ରେ ଆଇଟିଏମ୍ ବିଶ୍ୱବିଦ୍ୟାଳୟ (ଗ୍ୱାଲିଅର୍)କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଗୌହାଟୀରେ ସୋମବାର ଖେଳାଯାଇଥିବା ମହିଳା ହକି ଫାଇନାଲ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳର ମୁକାବିଲା ଆଇଟିଏମ୍ ବିଶ୍ୱବିଦ୍ୟାଳୟ ସହ ହୋଇଥିଲା। ମ୍ୟାଚର ୨ୟ ମିନିଟ୍‌ରେ ଆଡେନ ଟପ୍ପୋ ଏକ ଫିଲ୍ଡ ଗୋଲ୍ ଦେଇ ସମ୍ବଲପୁରକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାର ୭ ମିନିଟ୍ ପରେ ପ୍ରିୟଙ୍କା ଯାଦବ ଆଇଟିଏମ୍ ପାଇଁ ଏହି ଗୋଲ୍‌ଟି ଶୁଝି ୧-୧ର ବରାବର୍‌ସ୍ଥିତିକୁ ଆଣିଥିଲେ। ପରବର୍ତ୍ତୀ ୩ଟି କ୍ୱାର୍ଟରରେ ଆଉ କୌଣସି ଗୋଲ୍ ହୋଇ ନ ପାରିବାରୁ ଫଳାଫଳ ପାଇଁ ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ସମ୍ବଲପୁର ମହିଳା ହକି ଦଳ ୫-୩ରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ସୁଟ୍ ଆଉଟ୍‌ରେ ବିଜୟୀ ସମ୍ବଲପୁର ପକ୍ଷରୁ ମନୀଷା ଓରାମ, ନେହା ଲାକ୍ରା, ଫେଲିସିଆ ଟପ୍ପୋ, ସୁଜାତା କୁଜୁର ଓ ନୀତୁ ଲାକ୍ରା ଗୋଲ୍‌ସ୍କୋର କରିଥିଲେ।



# ଘରୋଇ ମାଟିରେ ଭାରତର ରେକର୍ଡ ୧୭ତମ ସିରିଜ ବିଜୟ

ରାଞ୍ଚି, ୨୬।୨(ଏଜେନ୍ସି)

ଏଠାରେ ଇଂଲଣ୍ଡ ସହ ଅନୁଷ୍ଠିତ ଚତୁର୍ଥ ଟେଷ୍ଟର ଚତୁର୍ଥ ଦିନରେ ଭାରତ ୫ ୱିକେଟରେ ବିଜୟୀ ହୋଇଛି। ଏହା ଫଳରେ ଭାରତ ଘରୋଇ ମାଟିରେ କ୍ରମାଗତ ରେକର୍ଡ ୧୭ଥର ଲାଗି ଟେଷ୍ଟ ସିରିଜ୍ ଜିତିଛି। ୨୦୧୨-୧୩ରେ ଇଂଲଣ୍ଡ ଆଲିଷ୍ଟର କୁକ୍‌ଙ୍କ ନେତୃତ୍ୱରେ ଭାରତକୁ ଶେଷଥର ଘରୋଇ ମାଟିରେ ହରାଇଥିଲା। ଏହା ପରେ ୨୦୧୩ରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଘରୋଇ ମାଟିରେ ଭାରତର ଟେଷ୍ଟ ସିରିଜ୍ ବିଜୟ ଧାରା ଆରମ୍ଭ ହୋଇଥିଲା। ଏହି ସିରିଜ୍‌ଠାରୁ ଆରମ୍ଭ କରି ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ଶେଷ ହେବା ଯାଏ ଭାରତ ଘରୋଇ ମାଟିରେ ଗୋଟିଏ ହେଲେ ଟେଷ୍ଟ ସିରିଜ୍ ହାରିନାହିଁ। ଏହା ଫଳରେ ଘରୋଇ ମାଟିରେ ଭାରତ ଗତ ୧୧ ବର୍ଷ ହେଲା ଟେଷ୍ଟ ସିରିଜ୍ ହାରିନାହିଁ।

ସେହିପରି ଘରୋଇ ମାଟିରେ ଭାରତ ୩୩ଟି ଟେଷ୍ଟରେ ୨୦୦ କିମ୍ବା ତା'ଠାରୁ କମ୍ ରନ୍ ଚେଜ୍ କରି ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି।

ଏହି ଟେଷ୍ଟରେ ଭାରତ ପ୍ରଥମ ପାଳିରେ ୪୬ ରନ୍‌ରେ ପଛୁଆ ରହିଥିଲା। କିନ୍ତୁ ପ୍ରଥମ ପାଳି ପଛୁଆ ରହିବା ସତ୍ତ୍ୱେ ଦଳ ବିଜୟୀ ହୋଇଥିଲା। ପ୍ରଥମପାଳିରେ ପଛୁଆ ରହି ମ୍ୟାଚ୍ ଜିତିବାରେ ଭାରତ ଲାଗି ଏହା ସପ୍ତମ ଅବସର।

ଟେଷ୍ଟ କ୍ୟାରିୟରର ପ୍ରଥମ ୮ଟି ଟେଷ୍ଟରୁ ଯଶସ୍ୱୀ ଜୟସ୍ୱାଲ ୯୭୧ ରନ୍ ସଂଗ୍ରହ କରିସାରିଛନ୍ତି। ଏହା ଫଳରେ ସେ ସୁନୀଲ ଗାଭାସ୍କରଙ୍କ ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ଗାଭାସ୍କର ତାଙ୍କ ପ୍ରଥମ ୮ଟି ଟେଷ୍ଟରେ ୯୩୮ ଓ ବିଶ୍ୱରେ ସର୍ବାଧିକ ରନ ସଂଗ୍ରହ କରିଥିବା ଅଷ୍ଟ୍ରେଲିଆର ଡନ୍ ବ୍ରାଡମ୍ୟାନ୍ ୧୨୧୦ ରନ୍ କରିଥିଲେ।

ଅମ୍ପାୟାରଙ୍କ କଲ୍ ଯୋଗୁଁ ଏହି ଟେଷ୍ଟରେ ୮ଥର ଡିଆର୍‌ଏସ୍ ନାକଚ ହୋଇଯାଇଛି। ଏହା ମଧ୍ୟରୁ ଭାରତ ୬ଥର ଓ ଇଂଲଣ୍ଡ ଦୁଇଥର ରିଭ୍ୟୁ ନେଇଥିଲା। ଭାରତ ପ୍ରଥମ ପାଳିରେ ଅମ୍ପାୟାରଙ୍କ କଲ ଯୋଗୁ ଭାରତର ୪ ଥର ରିଭ୍ୟୁ ନାକଚ ହୋଇଯାଇଥିଲା।

## ଭାରତ ଜୁରେଲଙ୍କ ଭଳି ଏକ ରତ୍ନ ପାଇଛି: ମୁଡି

ନୂଆଦିଲ୍ଲୀ, ୨୬।୨(ଏଜେନ୍ସି)

ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ଉତ୍ତରପ୍ରଦେଶର ଯୁବ ୱିକେଟ ରକ୍ଷକ ଧ୍ରୁବ ଜୁରେଲଙ୍କୁ ସବୁଆଡୁ ପ୍ରଶଂସା କରାଯାଇଛି। ସେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ପଦାର୍ପଣ କରି ବ୍ୟାଟିଂ କରିଥିବା ଗୋଟିଏ ପାଳିରେ ୪୬ ରନ୍ କରିଥିଲେ। ତାଙ୍କର ଦ୍ୱିତୀୟ ତଥା ସିରିଜର ଚତୁର୍ଥ ଟେଷ୍ଟରେ ଭାରତର ପ୍ରଥମ ପାଳିରେ ୯୦ ଓ ଦ୍ୱିତୀୟ ପାଳିରେ ଅପରାଜିତ ୩୯ ରନ୍ କରି ଦଳକୁ ଉତ୍ତେଜନାପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ କ୍ୟାରିୟରର ଆରମ୍ଭରେ ଏଭଳି ଖେଳିବା ଖୁବ୍ କମ୍ ଖେଳାଳିଙ୍କ ପକ୍ଷେ ସମ୍ଭବ ହୋଇଥାଏ। ରଜତ ପଟିଦାର ସ୍ପେଶାଲିଷ୍ଟ ବ୍ୟାଟର ହୋଇ ୬ଟି ପାଳିରେ ମାତ୍ର ଥରେ ୩୦ରୁ ଅଧିକ ସ୍କୋର କରିଛନ୍ତି। କିନ୍ତୁ ଜୁରେଲ ଭାରତକୁ ବିପଦରୁ ରକ୍ଷା କରିବା ସହ ମ୍ୟାଚ୍ ବିଜୟୀ ପାଳି ଖେଳିଛନ୍ତି। ତାଙ୍କ ୱିକେଟକିପିଂ ମଧ୍ୟ ଉଚ୍ଚକୋଟୀର ହୋଇଛି।




ଏହା ଫଳରେ ୱିକେଟକିପରଙ୍କ ନେଇ ଯେଉଁ ସମସ୍ୟା ରହିଥିଲା ତାହା ଜୁରେଲଙ୍କ ଆବିର୍ଭାବ ପରେ ଏକପ୍ରକାର ସମାଧାନ ହୋଇଯାଇଛି। ତାଙ୍କର ଏହି ପ୍ରଦର୍ଶନ ଲାଗି ଭାରତ ଏକ ମଣି ପାଇଛି ବୋଲି ବିଶିଷ୍ଟ ପ୍ରଶିକ୍ଷକ ତଥା ଅଷ୍ଟ୍ରେଲିଆର ପ୍ରାକ୍ତନ ଅଲରାଉଣ୍ଡର ଟମ୍ ମୁଡି କହିଛନ୍ତି।

ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ୍‌ଙ୍କ ମତରେ ଏହି ଟେଷ୍ଟରେ ଭାରତ ୫ ଜଣ ବିଶ୍ୱଶ୍ରେଣୀୟ ଖେଳାଳିଙ୍କୁ ହରାଇଛି। ଟସ୍ ହାରିଛି ଓ ପ୍ରଥମ ପାଳିରେ ପଛୁଆ ମଧ୍ୟ ରହିଛି। ଏହା ସତ୍ତ୍ୱେ ଏକାଧିକ ପ୍ରତିଭାବାନ ଯୁବ ଖେଳାଳିଙ୍କୁ ଭାରତ ଏହି ମ୍ୟାଚ୍ ଜିତିବା ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ସଫଳତା। ଯେଉଁ ଯୁବ ଖେଳାଳିମାନେ ଏଠାରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଛନ୍ତି ସେମାନେ ଦୀର୍ଘଦିନ ଭାରତ ଲାଗି ଖେଳିବେ ବୋଲି ଭନ୍ ଭବିଷ୍ୟବାଣୀ କରିଛନ୍ତି। ଅନେକ ଯୁବ ଖେଳାଳି ଟେଷ୍ଟରେ ସଫଳ ହେବା ଭାରତ ଲାଗି ଏକ ନୂଆ ଆଶା ସୃଷ୍ଟି କରିଛି। ଏହା ନିଶ୍ଚିତ ଭାବେ ଚମତ୍କାର ଘଟଣା ବୋଲି ୱାସିମ ଜାଫର କହିଛନ୍ତି।

## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

ଇଂଲଣ୍ଡ ବିପକ୍ଷରେ ହ୍ୟାଟ୍ରିକ୍ ଟେଷ୍ଟ ବିଜୟ ପରେ ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ମାନ୍ୟତାରେ ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ରାଞ୍ଚିରେ ଖେଳାଯାଇଥିବା ଚତୁର୍ଥ ଟେଷ୍ଟରେ ଭାରତ ୫ ୱିକେଟରେ ବିଜୟୀ ହୋଇଛି। ଏହା ଫଳରେ ଭାରତର ବିଜୟ ହାର ୫୯.୫୨କୁ ଅତିକ୍ରମ କରି ୬୪.୫୮ରେ ପହଞ୍ଚିଛି। ୭୫ ଶତକଡ଼ା ବିଜୟ ହାର ସହ ନ୍ୟୁଜିଲାଣ୍ଡ ପୂର୍ବପରି ପ୍ରଥମ ସ୍ଥାନରେ ରହିଛି। କିନ୍ତୁ ଭାରତ ସହ ତୃତୀୟ ଓ ଚତୁର୍ଥ ସ୍ଥାନରେ ଥିବା ଦଳ ମଧ୍ୟରେ ବ୍ୟବଧାନ ବୃଦ୍ଧି ପାଇଛି। ତୃତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ବିଜୟ ହାର ୫୫ ଓ ଚତୁର୍ଥ ସ୍ଥାନରେ ଥିବା ବାଂଲାଦେଶର ୫୦ ଶତକଡ଼ା ବିଜୟ ହାର ରହିଛି। ଇଂଲଣ୍ଡ ୮ମ ସ୍ଥାନରେ ରହିଛି। ଚଳିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ସାଇକଲରେ ଭାରତ ରାଞ୍ଚି ଟେଷ୍ଟକୁ ମିଶାଇ ୮ମ ମ୍ୟାଚ୍ ଖେଳିଛି। ଏହା ମଧ୍ୟରୁ ଦଳ ୫ଟି ଜିତିଥିଲାବେଳେ ୨ଟି ଡ୍ର ରଖି ଗୋଟିକରେ ପରାଜିତ ହୋଇଛି। ଟେଷ୍ଟ ଚାମ୍ପିଅନସିପ ସାଇକଲରେ ଗୋଟିଏ ବିଜୟ ଲାଗି ୧୨ ପଏଣ୍ଟ, ଟାଇ ଲାଗି ୬ ଓ ଡ୍ର ଲାଗି ୪ ପଏଣ୍ଟ ମିଳିଥାଏ।

## ଭାରତକୁ ସିରିଜ୍ ଜିତାଇଲେ

# ଗିଲ୍-ଜୁରେଲ

ରାଞ୍ଚି, ୨୬।୨(ଏଜେନ୍ସି)

- ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ୫ ୱିକେଟରେ ପରାସ୍ତ
- ୫ ମ୍ୟାଚ୍ ଟେଷ୍ଟ ସିରିଜ୍‌ରେ ଭାରତ ୩-୧ରେ ଆଗୁଆ
- ଘରୋଇ ମାଟିରେ ଭାରତର କ୍ରମାଗତ ୧୭ତମ ସିରିଜ୍ ବିଜୟ
- ଧ୍ରୁବ ଜୁରେଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ
- ଧର୍ମଶାଳାରେ ମାର୍ଚ୍ଚ ୭ରୁ ପଞ୍ଚମ ତଥା ଶେଷ ଟେଷ୍ଟ

ଶୁବମାନ ଗିଲ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କ ଅବିଭକ୍ତ ଭାଗୀଦାରି ବଳରେ ଏଠାରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟରେ ଭାରତ ୫ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୩-୧ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ କବ୍‌ଜା କରିଛି। ଚତୁର୍ଥ ଟେଷ୍ଟ ଜିତିବାକୁ ଭ୍ରମଣକାରୀ ଇଂଲଣ୍ଡ ଘରୋଇ ଭାରତ ଆଗରେ ୧୯୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହାକୁ ପିଛା କରି ଭାରତ ସଂଘର୍ଷ କରିବା ସହ ୫ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ଗିଲ ଓ ଜୁରେଲ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡ଼ିରୁ ୧୩୬ ବଲ୍‌ରେ ୭୨ ରନ୍ ଉଠାଇ ଭାରତକୁ ଏହି ଉତ୍କଣ୍ଠାପୂର୍ଣ୍ଣ ବିଜୟ ଭେଟିଦେଇଥିଲେ। ଗିଲ୍ ୫୨ ଓ ଜୁରେଲ ୩୯ ରନ୍‌ରେ ଅପରାଜିତ ରହିଥିଲେ। ଚତୁର୍ଥ ଟେଷ୍ଟରେ ଭାରତର ପ୍ରଥମ ପାଳିରେ ୯୦ ଓ ଦ୍ୱିତୀୟ ପାଳିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟାଟିଂ କରିଥିବା ଯୁବ ୱିକେଟରକ୍ଷକ ଧ୍ରୁବ ଜୁରେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ର ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ମାର୍ଚ୍ଚ ୭ରୁ ଖେଳାଯିବ। ରାଞ୍ଚିରେ ଇଂଲଣ୍ଡ ହାରିଯିବା ଫଳରେ ଘରୋଇ ମାଟିରେ ଭାରତର କ୍ରମାଗତ ୧୭ତମ ଟେଷ୍ଟ ସିରିଜ୍ ବିଜୟୀ ହୋଇଛି। ୧୧ ବର୍ଷ ତଳେ ଶେଷଥର ଭାରତ ଆଲିଷ୍ଟର କୁକ୍‌ଙ୍କ ଇଂଲଣ୍ଡ ନିକଟରୁ ଟେଷ୍ଟ ସିରିଜ୍ ହାରିଥିଲା। ଅନ୍ୟପକ୍ଷରେ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କୁଲାମ ଓ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ଯୋଡି ହେବା ପରେ ଇଂଲଣ୍ଡ ୮ମ ଟେଷ୍ଟ ସିରିଜ୍ ଖେଳି ପ୍ରଥମପରାଜୟ ବରଣ କରିଛି। ଏହା ପୂର୍ବରୁ ଭ୍ରମଣକାରୀ ଦଳ ୪ଟି ସିରିଜ୍ ଜିତିଥିଲାବେଳେ ୩ଟି ଡ୍ର ରଖିଥିଲା।



### ଉତ୍କଣ୍ଠା ଓ ରୋମାଞ୍ଚକ ମୁକାବିଲା

ଏହି ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ପ୍ରଥମ ପାଳିରେ ୩୫୩ ରନ୍ କରିବା ପରେ ଭାରତକୁ ୩୦୭ ରନ୍‌ରେ ସୀମିତ ରଖିଥିଲା। କିନ୍ତୁ ରବିଚନ୍ଦ୍ରନ ଅଶ୍ୱିନ ୫ଟି ଓ କୁଲଦୀପ ଯାଦବ ୪ ୱିକେଟ ନେବା ଫଳରେ ଇଂଲଣ୍ଡର ଦ୍ୱିତୀୟ ପାଳି ୧୪୫ରେ ଶେଷ ହୋଇଯାଇଥିଲା। ପ୍ରଥମ ପାଳିରେ ୪୬ ରନ୍ ଅଗ୍ରଣୀକୁ ମିଶାଇ ଭ୍ରମଣକାରୀ ଇଂଲଣ୍ଡ ଘରୋଇ ଭାରତ ଆଗରେ ୧୯୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ରବିବାର ମ୍ୟାଚ୍‌ର ତୃତୀୟ ଦିନ ଭାରତ ଦ୍ୱିତୀୟ ପାଳିରେ କୌଣସି ୱିକେଟ ନ ହରାଇ ୪୦ ରନ୍ କରିଥିଲା। ସୋମବାର ସକାଳେ ଏହିଠାରୁ ଖେଳ ଆରମ୍ଭ କରି ଭାରତ ୮ ଓଭରରେ ଆଉ ୪୦ ରନ୍ ଯୋଗ କରିଥିଲା। କିନ୍ତୁ ଘରୋଇ ଦଳ ବିନା ୱିକେଟରେ ୮୪ ରନ୍ କରିଥିଲାବେଳେ ପ୍ରଥମଥର ବୋଲିଂ କରିବାକୁ ଆସି ଜୋ ରୁଟ୍ ଭାରତର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ଆଉଟ କରି ଏହି ଯୋଡ଼ି ଭାଙ୍ଗିଦେଇଥିଲେ। ତାଙ୍କୁ ଆଉଟ କରିବାକୁ ୪୨ ବର୍ଷୀୟ ଜେମ୍ସ ଆଣ୍ଡରସନ ୨୨ ବର୍ଷୀୟ ଯୁବକ ଭଳି ଡାଇଭ୍ କରି କ୍ୟାଚ୍ ନେଇଥିଲେ। ଚଳିତ ସିରିଜ୍‌ରେ ଫର୍ମରେ ଥିବା ଜୟସ୍ୱାଲଙ୍କ ବ୍ୟାଟରୁ ୩୭ ରନ୍ ମିଳିଥିଲା। ପରେ ଅଧିନାୟକ ରୋହିତ ଶର୍ମା ଛକା ମାରି ଅର୍ଦ୍ଧଶତକ ପୂରଣ କରିବା ପରେ ଟମ୍ ହର୍ଟଲୀଙ୍କ ଯୋଜନାବଦ୍ଧ ଶିକାର ହୋଇଥିଲେ। ସେ ୫୫ ରନ୍ କରି ଆଉଟ ହେବାର ୭ଟି ବଲ ପରେ ରଜତ ପଟିଦାର ପୁଣିଥରେ ଫେଲ ମାରି ଡକ୍‌ରେ ଆଉଟ ହୋଇଯାଇଥିଲେ। ୧୦୦ ରନ୍‌ରେ ଭାରତ ତୃତୀୟ ୱିକେଟ ହରାଇଥିଲା। ମଧ୍ୟାହ୍ନ ଭୋଜନ ବିରତି ପରେ ଅଭିଜ୍ଞତା ଦୃଷ୍ଟିରୁ ବ୍ୟାଟିଂ କ୍ରମରେ ଆଗୁଆ ଆସିଥିବା ରବୀନ୍ଦ୍ର ଜାଡେଜା ଓ ଠିକ୍ ପର ବଲ୍‌ରେ ସର୍ଫରାଜ ଖାନ୍‌ଙ୍କୁ ଇଂଲଣ୍ଡର ଯୁବ ସ୍ପିନର ସୋଏବ ବସିରଙ୍କ ଶିକାର ବନିଥିଲେ। ଏହାର ପର ବଲ୍‌କୁ ନବାଗତ ଜୁରେଲ ଖେଳିଦେବା ଫଳରେ ବସିର ହ୍ୟାଟ୍ରିକ୍ ପାଇବାରୁ ବଞ୍ଚିତ ହୋଇଥିଲେ। ଭାରତ ୧୨୦ ରନ୍‌ରେ ୫ମ ୱିକେଟ ହରାଇ ଆଶଙ୍କା ମଧ୍ୟକୁ ଚାଲିଯାଇଥିଲା।

### ଗିଲ୍-ଜୁରେଲଙ୍କ ବିଜୟୀ ଭାଗୀଦାରି

୧୨୦ ରନ୍‌ରେ ୫ ୱିକେଟ ପଡ଼ିଯିବା ପରେ ଭାରତୀୟ ଶିବିରରେ ଆତଙ୍କ ଖେଳିଯାଇଥିଲା। ଭାରତର ଶେଷ ସ୍ୱୀକୃତିପ୍ରାପ୍ତ ଦୁଇ ଯୁବ ଖେଳାଳି ଶୁବମାନ ଗିଲ୍ ଓ ଧ୍ରୁବ ଜୁରେଲଙ୍କ ଉପରେ ସମସ୍ତଙ୍କ ଆଶା ରହିଥିଲା। ଏମାନେ ମଧ୍ୟ ଦଳକୁ ନିରାଶ କରି ନ ଥିଲେ। ଏପରିକି ଏହି ଯୋଡ଼ି ଆଦୌ ରିସ୍କ ନ ନେଇ ସିଙ୍ଗଲ ଓ ଡବଲ ରନ୍ ନେବାରେ ମନୋନିବେଶ କରିଥିଲେ। ଫଳରେ ଭାରତ ୩୧ ଓଭର ମଧ୍ୟରେ ଗୋଟିଏ ହେଲେ ବାଉଣ୍ଡାରୀ ପାଇ ନ ଥିଲା। ଭାରତ ବିଜୟର ନିକଟତର ହେବା ବେଳକୁ ଗିଲ୍ ୧୧୯ଟି ବଲ ଖେଳିବା ପରେ ଅର୍ଥାତ୍ ୧୨୦ତମ ବଲ୍‌ରେ ପ୍ରଥମ ବାଉଣ୍ଡାରୀ (ଛକା) ମାରିଥିଲେ। ଏହା ପରେ ସେ ଆଉ ଏକ ଛକା କରି ଅର୍ଦ୍ଧଶତକ ପୂରଣ କରିଥିଲେ। ଏହି ସମୟରେ ଜୀବନର ଦ୍ୱିତୀୟ ଟେଷ୍ଟ ଓ ତୃତୀୟ ପାଳି ଖେଳୁଥିବା ଜୁରେଲ ବିଜୟ ସୂଚକ ରନ୍ ସଂଗ୍ରହ କରି ଭାରତକୁ ସଂଘର୍ଷପୂର୍ଣ୍ଣ ବିଜୟ ପ୍ରଦାନ କରିଥିଲେ। ଗିଲ ୧୨୪ ବଲ୍ ଖେଳି ୨ ଛକା ସହ ୫୨ ଓ ଜୁରେଲ ୭୭ ବଲ୍ ଖେଳି ୨ ଚୌକା ସହ ୩୯ ରନ୍‌ରେ ଅପରାଜିତ ରହିଥିଲେ। ଏମାନେ ଅବିଭକ୍ତ ୬ଷ୍ଠ ୱିକେଟ ଭାଗୀଦାରିରେ ୧୩୬ଟି ବଲ୍‌ର ସମ୍ମୁଖୀନ ହୋଇ ୭୨ ରନ୍ ଉଠାଇଥିଲେ। ଇଂଲଣ୍ଡର ବସିରଙ୍କୁ ସର୍ବାଧିକ ୩ଟି ସହ ଏହି ମ୍ୟାଚ୍‌ରେ ମୋଟ ୮ଟି ୱିକେଟ ମିଳିଥିଲା। ଟମ୍ ହର୍ଟଲୀ ଓ ଜୋ ରୁଟ୍ ଅନ୍ୟ ଦୁଇଜଣଙ୍କୁ ଆଉଟ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି:** ୩୫୩ (ରୁଟ-ଅପରାଜିତ ୧୨୨, ଜାଡେଜା-୪/୬୭, ଆକାଶ ଦୀପ-୩/୮୩)।
**ଭାରତ ପ୍ରଥମ ପାଳି:** ୩୦୭ (ଜୁରେଲ- ୯୦, ଜୟସ୍ୱାଲ-୭୩, ବସିର-୫/୧୧୯, ହର୍ଟଲୀ-୩/୮୮, ଆଣ୍ଡରସନ- ୨/୭୮)।
**ଇଂଲଣ୍ଡ ଦ୍ୱିତୀୟ ପାଳି:** ୧୪୫ (କ୍ରାଲୀ-୬୦, ବେୟାରଷ୍ଟୋ-୩୦, ଅଶ୍ୱିନ-୫/୫୧, କୁଲଦୀପ-୪/୨୨, ଜାଡେଜା- ୧/୫୬)।
**ଭାରତ ଦ୍ୱିତୀୟ ପାଳି :** ୧୯୨/୫, ୬୧ ଓଭର (ରୋହିତ-୫୫, ଗିଲ୍-୫୨*, ଜୁରେଲ-୩୯*, ଜୟସ୍ୱାଲ-୩୭, ବସିର-୩/୭୯)।

## ଦିଲ୍ଲୀ କ୍ୟାପିଟାଲ୍ସର ସହଜ ବିଜୟ



ବେଙ୍ଗାଲୁରୁ, ୨୬।୨ (ଏଜେନ୍ସି): ମାରିଜନ କାପ୍ ଓ ରାଧା ଯାଦବଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ସୋମବାର ଖେଳାଯାଇଥିବା ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ର ଏକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୯ ୱିକେଟରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଚଳିତ ପ୍ରତିଯୋଗିତାରେ ଏହା ଦିଲ୍ଲୀର ପ୍ରଥମ ବିଜୟ ହୋଇଥିଲା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ୟୁପିର ଦ୍ୱିତୀୟ ପରାଜୟ। ଏହି ପ୍ରତିଯୋଗିତାର ମଙ୍ଗଳବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଗୁଜରାଟ ଜାଏଣ୍ଟସ ମଧ୍ୟରେ ଖେଳାଯିବ। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଡବ୍ଲ୍ୟୁପିଏଲ୍‌ର ୪ର୍ଥ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୟୁପି ୱାରିୟର୍ଜ ୯ ୱିକେଟରେ ମାତ୍ର ୧୧୯ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଶ୍ୱେତା ସେରାୱତ ସର୍ବାଧିକ ୪୫ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ମାରିଜାନ କାପ୍ ୪ ଓଭରରେ ଗୋଟିଏ ମେଡେନ ସହ ୫ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। ପାୱାର ପ୍ଲେ'ରେ ସେ ଏହି ସଫଳତା ପାଇବା ଫଳରେ ୟୁପିର ରନ୍ ହାର କମିଯାଇଥିଲା। ରାଧା ଯାଦବ ୨୦ ରନ୍‌ରେ ୪ ୱିକେଟ ନେଇ ୟୁପିକୁ ବ୍ୟାକ୍ ଫୁଟ୍‌କୁ ଠେଲିଦେଇଥିଲେ।

ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୪.୩ ଓଭରରେ ୧ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶେଫାଳି ବର୍ମା ୪୩ ବଲ୍‌ରେ ୬ ଚୌକା ଓ ୪ଛକା ସହ ୬୪ ରନ କରି ଅପରାଜିତ ରହିଥିଲେ। ଅଧିନାୟିକା ମେଗ୍ ଲାନିଂ ୪୩ ବଲ୍‌ରେ ୫୧ ରନ୍ କରି ଆଉଟ ହୋଇଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର